

ଯା ଦେବୀ ସର୍ବଭୂତେଷୁ...

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ଗୁରୁବାର ୧୬ ଜୁଲାଇ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 16 July 2026

Vol.No. 36 ■ No.186 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ADMISSION GOING ON- 2026

SAI SADHANA SCIENCE COLLEGE

+2 Sc. & +2 Arts

SAI SADHANA COLLEGE OF BASIC SCIENCE (+3)

(HONS- PHYSICS, CHEMISTERY, MATHEMATICS, BOTANY, COMPUTER SCIENCE, ZOOLOGH, GEOLOGY, MICROBIOLOGY)

Dibyasingpur, UDALA

100% first class result-2026

Contact No: 9437294587, 9437443950, 9937557158


# ଆଲୋଚନା ନକଲେ ଇରାନର ବିଦ୍ୟୁତ ପ୍ରକଳ୍ପ ଓ ବ୍ରିଜ୍ ଉଡ଼ାଇବ ଆମେରିକା: ଚରମ ଚେତାବନୀ ଦେଲେ ଟ୍ରମ୍ପ



ନୂଆଦିଲ୍ଲୀ,୧୫/୭ : ଇରାନ ଯଦି ଆଲୋଚନା ଟେବୁଲକୁ ନଆସେ, ତେବେ ଆସନ୍ତା ସପ୍ତାହରୁ ଆମେରିକୀୟ ସେନା ନିଜର ସାମରିକ ଅଭିଯାନକୁ ଆହୁରି ବ୍ୟାପକ କରି ଦେଶର ବିଦ୍ୟୁତ ପ୍ରକଳ୍ପ ଓ ପ୍ରମୁଖ ବ୍ରିଜ୍ଗୁଡ଼ିକୁ ଟାର୍ଗେଟ୍ କରିବ ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଚରମ ଚେତାବନୀ ଦେଇଛନ୍ତି। ଟ୍ରମ୍ପ ସ୍ପଷ୍ଟ କରିଛନ୍ତି ଯେ, ଇରାନ ପକ୍ଷରୁ ସକାରାତ୍ମକ ପ୍ରତିକ୍ରିୟା ନମିଳିଲେ ଆଗାମୀ ସପ୍ତାହ ସେମାନଙ୍କ ପାଇଁ ଅତ୍ୟନ୍ତ ଭୟାବହ ହେବ ଏବଂ ତାଙ୍କ ନିର୍ଦ୍ଦେଶ ନମିଳିବା ପର୍ଯ୍ୟନ୍ତ ଏହି ଆକ୍ରମଣ ଜାରି ରହିବ। ଏହି ବୟାନ ସେଭଳି ସମୟରେ ଆସିଛି ଯେତେବେଳେ ଆମେରିକୀୟ ସେନା ଲଗାତାର ଚତୁର୍ଥ ଦିନ ପାଇଁ ଇରାନ ଘାଟି ଉପରେ ବୋମାବର୍ଷଣ କରିବା ସହ ତାର ଉପକୂଳବର୍ତ୍ତୀ ଅଞ୍ଚଳ ଉପରେ ପୁନର୍ବାର ସାମୁଦ୍ରିକ ଅବରୋଧ ଜାରି କରିଛି। ସେଣ୍ଟ୍ରାଲ କମାଣ୍ଡ ପକ୍ଷରୁ ମଧ୍ୟ ପ୍ରାଚ୍ୟରେ ୨୦ରୁ ଅଧିକ ଯୁଦ୍ଧପୋତ ଓ ଶତାଧିକ ସାମରିକ ବିମାନ ମୁତୟନ କରାଯାଇଛି, ଯାହା ଗତ ଜୁନ୍ ୧୭ର ସୁରକ୍ଷିତ ମିଳିତ ଅସ୍ତ୍ରବିରତି ଆଶାକୁ ସମ୍ପୂର୍ଣ୍ଣ ଧୂଳିସାତ କରିଦେଇଛି। ଅପରପକ୍ଷେ, ଆମେରିକାର ଏହି ସାମୁଦ୍ରିକ ଅବରୋଧକୁ ଇରାନ ତୀବ୍ର ନିନ୍ଦା କରିବା ସହ ଶାନ୍ତି ଆଲୋଚନା ପାଇଁ ହୋଇଥିବା ସମସ୍ତ ବୁଝାମଣାର ଏହା ଅନ୍ତ ଘଟାଇଛି ବୋଲି କହିଛି। ଇରାନର ଉପବିଦେଶ ମନ୍ତ୍ରୀ କାଜେମ ଗରିବାବାଦୀ ପ୍ରକାଶ କରିଛନ୍ତି ଯେ, ଆମେରିକା ନିଜ ପ୍ରତିଶ୍ରୁତିରୁ ଓହରି 'ଇସଲାମାବାଦ ବୁଝାମଣାପତ୍ର' (ଏମଓୟୁ) କୁ ସମ୍ପୂର୍ଣ୍ଣ ଭାଙ୍ଗି ଦେଇଛି। ଏହି କାରଣରୁ ଇରାନ ନିଜକୁ ଆଉ ଏହି ବୁଝାମଣାରେ ବାନ୍ଧି ରଖିବ ନାହିଁ ଏବଂ ୱାଶିଂଟନ୍ ସହ କୌଣସି ପରିସ୍ଥିତିରେ ବି ନୂତନ ଭାବେ ଆଲୋଚନା ପାଇଁ ଅନୁରୋଧ କରିବ ନାହିଁ ବୋଲି ସେ ଦୃଢ଼ତାର ସହ ଜଣାଇଛନ୍ତି। ଉଭୟ ଦେଶର ଏହି ଆଭିମୁଖ୍ୟ ଯୋଗୁଁ ସାମୁଦ୍ରିକ ରଣକ୍ଷେତ୍ର ହରମୁଜ ପ୍ରଣାଳୀରେ ପୁଣି ଥରେ ମହାଯୁଦ୍ଧର କଳାବାଦଲ ଘୋଟି ଆସିଛି।

# ଆଜି ବିଶ୍ୱ ପ୍ରସିଦ୍ଧ ଘୋଷଯାତ୍ରା: ଭକ୍ତ ଓ ଭଗବାନଙ୍କ ହେବ ମହାମିଳନ



ପୁରୀ, ୧୫/୭ (ନି.ପ୍ର): ଭକ୍ତମୟ ପୁରୀ ସହର। ଭକ୍ତିମୟ ବଡ଼ଦାଣ୍ଡ। ଜୟ ଜଗନ୍ନାଥ, ଧ୍ୱନୀରେ କମ୍ପୁଛି କାଳିଆ ଦୁଆର। ରାତି ପାହିଲେ ଶ୍ରୀକ୍ଷେତ୍ରରେ ବିଶ୍ୱପ୍ରସିଦ୍ଧ ରଥଯାତ୍ରା। ବର୍ଷକେ ଥରେ, ନିଜର ଅଗଣିତ ଭକ୍ତ ଓ ଶ୍ରଦ୍ଧାଳୁଙ୍କୁ ପାଇଁ ରତ୍ନ ସିଂହାସନ ଛାଡ଼ି ରଥକୁ ବିଜେ କରିବେ ମହାବାହୁ। ଆଉ ଏପଟେ କାଳିଆର ଏ ଦିବ୍ୟ ଓ ଭବ୍ୟ ଲୀଳା ଦେଖିବାକୁ ଏବେଠୁ ଭାବ-ଭକ୍ତିରେ ବୁଡ଼ିଗଲାଣି ବଡ଼ଦାଣ୍ଡ। କିଏ କେତେ ଦୂରରୁ କେତେ ଭାବନା ନେଇ ଧାଇଁ ଆସିଛି ଶ୍ରୀକ୍ଷେତ୍ର ଧାମ। କାଲି ରଥ ଉପରେ ନିଜ ପ୍ରିୟ ଠାକୁରଙ୍କୁ ଟିକିଏ ଆଖି ପୂରେଇ ଦେଖିବ, ଆଉ ମନର କଥା କହିବାକୁ ଅପଲକ ନୟନରେ ଅପେକ୍ଷା କରିଛି ଭକ୍ତ। ବିଜେ କାହାଳୀ ବାଜିବା ପରେ ଦିନ ପ୍ରାୟ ଗୋଟାଏ ୧୦ ବେଳକୁ ଶ୍ରୀମନ୍ଦିରରୁ ୩ ରଥ ପାଇଁ ଆଜ୍ଞାମାଳ ଆସିବାର ପର୍ବ ଆରମ୍ଭ ହୋଇଥିଲା। ◆◆ପୃଷ୍ଠା ୭

# କମିଶନ ଫାଇଲ ହଜିବା ଘଟଣା: ମନୋଜ ମିଶ୍ର ଓ ରାଜେଶ ବର୍ମାଙ୍କୁ ନୋଟିସ୍ ପଠାଇଲା କମିଶନରେଟ ପୁଲିସ





ଭୁବନେଶ୍ୱର, ୧୫/୭ (ନି.ପ୍ର): ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ୨ଟି ଗୁରୁତ୍ୱପୂର୍ଣ୍ଣ ତଦନ୍ତ କମିଶନ ଫାଇଲ ଗାଏବ ହେବା ଘଟଣାରେ କମିଶନରେଟ ପୁଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ବିଜେଡି ସରକାରରେ ପ୍ରଭାବଶାଳୀ ଅଫିସର ତଥା ପୂର୍ବତନ ଆଇଟି ସଚିବ ମନୋଜ କୁମାର ମିଶ୍ର ଓ ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ◆◆ପୃଷ୍ଠା ୭

# ଓଡ଼ିଶା ଓ ଝାଡ଼ଖଣ୍ଡ ପାଇଁ କେନ୍ଦ୍ରର ବଡ଼ ଘୋଷଣା : ୩ ହଜାର ୯୦୭ କୋଟି ଟଙ୍କା ବ୍ୟୟବରାଦ



ଭୁବନେଶ୍ୱର, ୧୫/୭ (ନି.ପ୍ର): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଅର୍ଥନୈତିକ ବ୍ୟାପାର ସଂକ୍ରାନ୍ତ କ୍ୟାବିନେଟ୍ ବୈଠକ ରେ ଓଡ଼ିଶାର ପାରାଦୀପ ହରିଦାସପୁର ରେଳପଥର ଦୋହରୀକରଣ ଓ ଝାଡ଼ଖଣ୍ଡର ରାଜଖରସୱାନ-ଡାଙ୍ଗୋଆପୋଷୀ ରୁଟ୍‌ରେ ଚତୁର୍ଥ ଲାଇନ୍ ପ୍ରସ୍ତାବକୁ ଅନୁମୋଦନ କରାଯାଇଛି। ୧୪୫ କିମି ବିଶିଷ୍ଟ ଏହି ଦୁଇ ରେଳ ପ୍ରକଳ୍ପର ମୋଟ ଅଟକଳ ହେଉଛି ୩୯୦୭ କୋଟି ଟଙ୍କା। ୨୦୩୦-୩୧ ସୁଦ୍ଧା ପ୍ରକଳ୍ପ କାର୍ଯ୍ୟକ୍ଷମ ହେବ। ଓଡ଼ିଶା ଓ ଝାଡ଼ଖଣ୍ଡର ଚାରିଟି ଜିଲ୍ଲା ଏହି ପ୍ରକଳ୍ପ ଦ୍ୱାରା ଉପକୃତ ହେବେ। ଏଥି ସହିତ ଲଳିତଗିରି ବୌଦ୍ଧ କମ୍ପ୍ଲେକ୍ସ, ଶ୍ରୀ ବଳଦେବଜିଉ ମନ୍ଦିର ଓ ମେଘହାତୁବୁରୁ ପାହାଡ଼ ଭଳି ପ୍ରମୁଖ ପର୍ଯ୍ୟଟନ ସ୍ଥଳକୁ ମଧ୍ୟ ରେଳ ସଂଯୋଗରେ ଉନ୍ନତି ହେବ। ଦୁଇ ପ୍ରକଳ୍ପ ଦ୍ୱାରା ୧୫୨୬ଟି ଗାଁର ୧୪ ଲକ୍ଷରୁ ଅଧିକ ବାସିନ୍ଦା ଉପକୃତ ହେବେ। ଏ ସମ୍ପର୍କରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି ଯେ ଏହି ପ୍ରକଳ୍ପ ଦ୍ୱାରା ଗମନାଗମନରେ ଉନ୍ନତି ହେବ। ଅଧିକ ରେଳପଥ ବିକାଶ କରାଯିବା ପରେ ଏହି ରୁଟ୍‌ଗୁଡ଼ିକରେ ହେଉଥିବା ଭିଡ଼ ହ୍ରାସ ପାଇବ। ପିଏମ୍ ଗତିଶକ୍ତି-ଜାତୀୟ ମାଷ୍ଟର ପ୍ଲାନ୍ ଅଧୀନରେ କାର୍ଯ୍ୟକାରୀ ହେବାକୁ ◆◆ପୃଷ୍ଠା ୭

## ଲାଂଚ ନେବା ବେଳେ ଆରଆଇ ଗିରଫ

ଭୁବନେଶ୍ୱର, ୧୫/୭ (ନି.ପ୍ର): ଗୁଣୁପୁର ତହସିଲର ସିରିଝୁଲି ସର୍କଲର ରାଜସ୍ୱ ନିରୀକ୍ଷକ ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ଦ୍ୱାରା ଗିରଫ। ରାୟଗଡ଼ା ଜିଲ୍ଲାର ଗୁଣୁପୁର ତହସିଲ ଅନ୍ତର୍ଗତ ସିରିଝୁଲି ସର୍କଲର ରାଜସ୍ୱ ନିରୀକ୍ଷକ ସୁଶାନ୍ତ ମଲ୍ଲିକଙ୍କୁ ଓଡ଼ିଶା ଭିଜିଲାନ୍ସ ଲାଞ୍ଚ ଦାବି ଓ ଗ୍ରହଣ କରୁଥିବା ବେଳେ ଧରିଛି। ଏହି ଘଟଣାରେ କୋରାପୁଟ ଭିଜିଲାନ୍ସ ଥାନା କେସ୍ ନଂ-୧୬/୨୦୨୬, ଦୁର୍ନୀତି ନିବାରଣ (ସଂଶୋଧନ) ଆଇନ, ୨୦୧୮ର ଧାରା-୭ ଅନୁଯାୟୀ ମାମଲା ରୁଜୁ କରାଯାଇଛି।

# ଶୁଳ୍କ ନୀତିରେ ଟ୍ରମ୍ପଙ୍କ ୟୁ-ଟର୍ଣ୍ଣ: ରୁଷୀୟ ତୈଳ କିଣିବା ଯୋଗୁ ଭାରତ ଏବଂ ଚୀନ୍ ଉପରେ କୋହଳ ଆଭିମୁଖ୍ୟ



ନୂଆଦିଲ୍ଲୀ,୧୫/୭ : ଆମେରିକୀୟ ସିନେଟରମାନେ ରୁଷ ଉପରେ ଏକ ପ୍ରତିବନ୍ଧକ ବିଲ୍‌ର ଏକ ସଂଶୋଧିତ ସଂସ୍କରଣ ଆଗତ କରିଛନ୍ତି । ଏଥିରେ ଭାରତ ଏବଂ ଚୀନ୍ ଭଳି ଦେଶଗୁଡ଼ିକ ଉପରେ ରୁଷରୁ ତୈଳ ଏବଂ ଗ୍ୟାସ୍ ଆମଦାନି ପାଇଁ ଶୁଳ୍କ ୫୦୦% ବଦଳରେ ସର୍ବାଧିକ ୧୦୦% କୁ ହ୍ରାସ କରାଯାଇଛି। ସେହିପରି କିଛି ଦେଶ ରୁଷିଆନ୍ ଗ୍ୟାସ୍ ଆମଦାନି ଉପରେ ସ୍ୱତନ୍ତ୍ର ରିହାତି ପାଇବେ।ସ୍ୱର୍ଗତ ସେନେଟର ଲିଣ୍ଡସେ ଗ୍ରାହାମଙ୍କ ଦ୍ୱାରା ଅଣାଯାଇଥିବା ଏହି ବିଲ୍‌ର ସଂଶୋଧିତ ସଂସ୍କରଣ ମୂଳ ପ୍ରସ୍ତାବ ତୁଳନାରେ ଭାରତ, ଚୀନ୍ ଏବଂ ରୁଷ ତୈଳ ଏବଂ ଗ୍ୟାସ୍ ଆମଦାନି କରୁଥିବା ଅନ୍ୟାନ୍ୟ ଦେଶଗୁଡ଼ିକ ଉପରେ ଭାରୀ ଶୁଳ୍କ ଆଶଙ୍କାକୁ ଦୂର କରିଛି। ଏଭଳି କରି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପ୍ରଶାସନ ଶୁଳ୍କ ନୀତିରେ ୟୁ-ଟର୍ଣ୍ଣ ନେଇଛନ୍ତି । ରିପବ୍ଲିକାନ୍ ଏବଂ ଡେମୋକ୍ରାଟିକ୍ ଦଳ ଉଭୟଙ୍କ ଦ୍ୱାରା ସମର୍ଥିତ ଏହି ବିଲ୍‌ର ଲକ୍ଷ୍ୟ ହେଉଛି ରୁଷିଆନ୍ ଅଧିକାରୀଙ୍କ


15001/83/2627



ପବିତ୍ର ରଥଯାତ୍ରା ଅବସରରେ
ଓଡ଼ିଶାର
ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ବିଶ୍ୱ ପ୍ରସିଦ୍ଧ ପବିତ୍ର ରଥଯାତ୍ରା-୨୦୨୬ ଅବସରରେ ମୁଁ ବିଶ୍ୱର କୋଣ ଅନୁକୋଣରେ ଥିବା ଶ୍ରୀଜଗନ୍ନାଥପ୍ରେମୀ ଭକ୍ତଜନଙ୍କୁ ଆନ୍ତରିକ ଶୁଭେଚ୍ଛା ଜଣାଉଛି।

ଶ୍ରୀଜଗନ୍ନାଥ ଚେତନା ଓ ଦର୍ଶନରେ ରହିଛି ମାନବ ଜାତିର ଉତ୍‌ଥାନର ମାର୍ଗ। ସମାଜରେ ଏହା ଶାନ୍ତି, ମୈତ୍ରୀ, ପ୍ରେମ ଓ ଭ୍ରାତୃଭାବ ପ୍ରତିଷ୍ଠାରେ ସହାୟକ ହେଉ ବୋଲି କାମନା କରୁଛି।

(ହରି ବାବୁ କମ୍ଭମପାଟି)

OIPR: 15001/15001/2/26-27/0083

15001/83/2627



ପବିତ୍ର ରଥଯାତ୍ରା ଅବସରରେ
ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ଜୟ ଜଗନ୍ନାଥ !

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପବିତ୍ର ରଥଯାତ୍ରା ଅବସରରେ ରାଜ୍ୟର ସମସ୍ତ ଭାଇଭଉଣୀ ତଥା ବିଶ୍ୱର କୋଣ ଅନୁକୋଣରେ ଥିବା ମହାପ୍ରଭୁଙ୍କ ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କୁ ମୋର ଶୁଭେଚ୍ଛା ଜଣାଉଛି । ମହାପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ବିଶ୍ୱ ଭ୍ରାତୃତ୍ୱ ଓ ସମାନତାର ପ୍ରତୀକ । ମହାପ୍ରଭୁଙ୍କ ରଥଯାତ୍ରା ହେଉଛି ଜାତି, ଧର୍ମ ଓ ଭେଦଭାବ ଭୁଲି ସମସ୍ତଙ୍କୁ ଏକାଠି ବାନ୍ଧି ରଖୁଥିବାର ଅସୀମ ଭକ୍ତି ଓ ଭାବାବେଗର ଉତ୍ସବ ।

ଓଡ଼ିଆ ଜାତିର ଆରାଧ୍ୟ ଦେବତା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦରେ ରାଜ୍ୟର ବିକାଶ ସହିତ ସମସ୍ତଙ୍କ ଜୀବନ ସୁଖ, ଶାନ୍ତି ଓ ସମୃଦ୍ଧିରେ ଭରିଉଠୁ, ଏହା ହିଁ ମୋର କାମନା ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR: 15001/15001/2/26-27/0083

ଧାରାବାହିକ:

ଭାଗ-୫୦

# ସଂକ୍ଷିପ୍ତ ଭାଗବତ କଥାମୃତ

## ଏକାଦଶ ସ୍କନ୍ଧ



ଡ. ଶ୍ରୀହରି ପଣ୍ଡା



### ୭ମ ଅଧ୍ୟାୟ, ଅବଧୂତ ଉପାଖ୍ୟାନ, ପୃଥିବୀଠାରୁ ଆରମ୍ଭ କରି କପୋତ ପର୍ଯ୍ୟନ୍ତ ଆଠଗୁରୁଙ୍କ କଥା

ଭଗବାନ ଶ୍ରୀକୃଷ୍ଣ ଉଦ୍ଧବଙ୍କୁ ବହୁ ଭାବରେ ବୁଝାଇ କହିଲେ, ଦେଖ ତୁମେ ମୋର ଅତି ଆପଣାର ଏଣୁ କହୁଛି । ବ୍ରହ୍ମା ଶଙ୍କରାଦି ଦେବଗଣ ଆସି ବହୁ ପ୍ରକାର ସ୍ତୁତି କରି ମୋର ମର୍ତ୍ତ୍ୟର କାମ ସରିଯାଇଥିବା କାରଣରୁ ନିତ୍ୟଧାନକୁ ପ୍ରତ୍ୟାବର୍ତ୍ତନ କରିବାକୁ ପ୍ରାର୍ଥନା କରିଯାଇଛନ୍ତି । ଏଣୁ ମୋତେ ଖୁବ ଶୀଘ୍ର ମୋର ପାର୍ଥୀବ ଶରୀର ତ୍ୟାଗ କରି ଫେରିବାକୁ ହେବ । ଆଜିଠାରୁ ସପତ ଦିବସରେ ଯଦୁବଂଶ ଘୋର କନ୍ଦଳ ଫଳରେ ନାଶ ଯିବେ । ରାତ୍ରିକାଳରେ ସମୁଦ୍ର ମାଡି ଆସି ଦ୍ୱାରକାକୁ ବୁଡାଇଦେବ । ଦ୍ୱାରକା ରସାତଳଗାମୀ ହେବ କେବଳ ମୋର ନିବାସ ମାତ୍ର ବଞ୍ଚି ରହିବ । ମୁଁ ଶରୀର ତ୍ୟାଗ କରି ଯିବାପରେ ପୃଥିବୀ ହତଶ୍ରୀ ହୋଇପଡିବ । ଖଳ ଲୋକ ପ୍ରବଳ ହେବା ସହ ଘୋର କଳି ମାଡିଆସିବ । ପ୍ରାଣୀମାନେ ଦୁଷ୍ଟ ସ୍ୱଭାବ ସମ୍ପନ୍ନ ହୋଇ ପରସ୍ପର ପ୍ରତି ହିଂସା ଆଚରଣ କରିବେ ଏବଂ ଅଗମ୍ୟା ଗମନ କରିବେ । ବେଦ ନିନ୍ଦା କରିବା କାରଣରୁ ଅଳ୍ପାୟୁ ହେବେ । ତୁମେ ଦେହଧାରୀ କାରଣରୁ ମୋ ସହ ଯିବା ସମ୍ଭବ ନୁହେଁ । ଏଣୁ ତୁମେ ସମସ୍ତ ସାଂସାରିକ ମାୟା ଛିନ୍ନ କରି ମୋର ଚରଣରେ ଚିତ୍ତ ଅର୍ପଣ କରି ତୀର୍ଥାଟନରେ ବାହାରିଯାଅ । ମୋର ମାୟା ସମସ୍ତଙ୍କୁ ଏପରି ଆଛନ୍ନ କରିଛି ଯେ ଏଥିରୁ ମୁକ୍ତିପାଇବା କଷ୍ଟକର । ଏପରିକି ମୋତେ ମଧ ମୋର ମାୟା ଆଛନ୍ନ କରୁଛି, ମୋର ଏହି ବିରାଟ ପରିବାରକୁ ନଷ୍ଟ କଲାବେଳକୁ ମୋ ହୃଦୟରେ ମଧ ଦୁଃଖ, ବ୍ୟାକୁଳତା ସୃଷ୍ଟି ହେଉଛି । ଏହି ମାୟା ଶକ୍ତିମାକୁ ମଧ ଦୁର୍ବଳ କରିପକାଏ । ଫଳରେ ପ୍ରାଣୀ ମୋହଗ୍ରସ୍ତ ହୋଇ କର୍ମ ଅକର୍ମ କରିପକାଇ ଅଧୋଗତି ପ୍ରାପ୍ତ ହୁଏ । ତେଣୁ ତୁମେ ଚଞ୍ଚଳ ଚିତ୍ତକୁ ସ୍ଥିର କରି ଇନ୍ଦ୍ରିୟ ଦମନ ପୂର୍ବକ ସତଚିନ୍ତା ଓ ସତକର୍ମ ଦ୍ୱାରା ବିବେକ ଓ ଜ୍ଞାନ ଲାଭକରି ଆତ୍ମାକୁ ସର୍ବମୟ ରୁପେ ଦର୍ଶନ କର । ସମାଧି ଓ ଯୋଗଧ୍ୟାନ ଦ୍ୱାରା ଦିବ୍ୟ ଜ୍ଞାନ ଲାଭ କର । ହୃଦୟରେ ସନ୍ତୋଷ ଓ ଦୃଢ ବିଶ୍ୱାସ ଜାତ ହେଲେ ସକଳ ସଂଶୟ ସ୍ୱତଃ ନାଶ ଯାଏ । ଜ୍ଞାନକୁ ନେଇ ତର୍କ କଲେ ସ୍ୱଭାବ ସୁଲଭ ଜିଜ୍ଞାସା ଓ ସଂଶୟ ତୁମକୁ କଦାପି ଛାଡିବ ନାହିଁ କି ବାସ୍ତବ ଜ୍ଞାନଲାଭ ହେବ ନାହିଁ । ମୋ ଠାରେ ଭକ୍ତି ଭାବ ପୋଷଣ ଏବଂ ମୋର ସ୍ୱରୂପକୁ ସର୍ବଦା ଧ୍ୟାନ କରି ସଂସାରରେ ସର୍ବତ୍ର ମୋତେ ଦର୍ଶନ କଲେ ତୁମେ ଭବ ରୂପରେ ପତିତ ହୋଇ କଷ୍ଟ ପାଇବ ନାହିଁ । ଶ୍ରୀକୃଷ୍ଣଙ୍କ ଉପଦେଶ ଶୁଣି ଉଦ୍ଧବ କହିଲେ, ହେ ଯୋଗେଶ୍ୱର ପ୍ରଭୁ ଜଗନ୍ନାଥ, ତୁମର ଏହି ଦୁର୍ଲ୍ଲଭ ବଚନ ମୋ ହୃଦୟରେ ପ୍ରବେଶ କରିପାରୁ ନାହିଁ । ନଳିନୀଦଳ ଗତ ଜଳ ପରି ତାହା ମୋର ଚିତ୍ତକୁ ଆଦ୍ର କରିପାରୁନାହିଁ । ମୋର କର୍ମ ଜଡିତ ମନ ସର୍ବଦା ବିଷୟ ଚିନ୍ତନରେ ଲିପ୍ତ । ଅମୃତ ମଧ୍ୟରେ ବୁନ୍ଦାଏ ବିଷ ପରି ତୁମ ପ୍ରତି ମୋର ଭକ୍ତି ବିଷୟ ବିଷ ଦ୍ୱାରା ନଷ୍ଟ ହୋଇଯାଉଛି । ଏ ବିଷୟ-ବିଷକୁ ମୁଁ କିପରି ବର୍ଜନ କରିବି ତାହାର ଉପାୟ ବତାଇ ଦେଇ ମାୟାଜାଲକୁ ଛିନ୍ନ କର । ତୁମେ ଆତ୍ମା, ପରମାତ୍ମା, ନିତ୍ୟ, ସତ୍ୟ ଓ ଶାସ୍ୱତ । ତୁମେ ହି ପରମ ଗୁରୁ । ହେ ଜଗନ୍ନାଥ ତୁମ ପାଦପଦ୍ମରେ ଶରଣ ଗଲି । ମୋତେ ଏ ପାପ-ପରିବେଶରୁ ଉଦ୍ଧାର କର । ଭଗବାନ କହିଲେ, ଉଦ୍ଧବ, ଯେଉଁ ପ୍ରାଣୀ ବେଦତତ୍ତ୍ୱ ଜାଣେ, ମୋର ମହିମା ଉପଲବ୍ଧ କରେ, ତର୍କ ବିହୀନ ହୋଇ ସଂସାରରେ ଭ୍ରମଣ କରେ ସେ ଆତ୍ମ ଜ୍ଞାନ ଲାଭକରି ଆତ୍ମାକୁ ଆତ୍ମାରେ ଦର୍ଶନ କରେ । ମୁଁ ତୁମକୁ ଯଦୁରାଜା ଓ ଅବଧୂତଙ୍କ ଅଖ୍ୟାନ କହୁଛି । ଏହା ଶୁଣିଲେ ତୁମର ମନରୁ ଅନେକ ସଂଶୟ ମୋଚନ ହେବ । ନିର୍ଭୀକ, ନିର୍ମଳ ହୃଦୟ, ସର୍ବ ଭୂତରେ ଦୟାପରବଶ ବ୍ରାହ୍ମଣ ଅବଧୂତ ଯଦୁରାଜାଙ୍କ ନିକଟରେ ଯାଇ ପହଞ୍ଚିଲେ । ତାଙ୍କର ଦିବ୍ୟ ଜ୍ୟୋତି ଦର୍ଶନ କରି ରାଜା ତାଙ୍କ ଚରଣରେ ପ୍ରଣତି କରି ବିନୀତ ଭାବେ ପଚାରିଲେ, ହେ ମୁନିଶ୍ରେଷ୍ଠ, ତୁମେ ଦେହ ଧାରଣ କରି ମଧ ସଂସାରରେ ନିର୍ଲିପ୍ତ, ନିର୍ବିକାର ଭାବେ କିପରି ଭ୍ରମଣ କରୁଛ ? ଏହି ମର୍ତ୍ତ୍ୟ କୁମ୍ଭୀପାକରେ ପଡି ମନୁଷ୍ୟ ସର୍ବଦା ଦଗ୍ଧ ହେଉଥିବା ସ୍ଥଳେ ତୁମେ ମର୍ତ୍ତ୍ୟର ମଣିଷ ହୋଇ ଦେଖି ନଦେଖିବା ଭଳି, ଶୁଣି ନଶୁଣିବା ପରି ରହୁଛ ଏବଂ ସଂସାରରେ ଭ୍ରମଣ କରୁଛ । ସଂସାରର ତାପ ତୁମକୁ ବାଧୁ ନାହିଁ । ସତେ ଯେପରି ସାଂସାରିକ ଦୁଃଖ, ଶୋକ ସନ୍ତାପ ତୁମକୁ ସ୍ପର୍ଶ କରିପାରୁ ନାହିଁ । ଜଣେ ଆପାତଃ ସୁଖୀ ଓ ଭୋଗବିଳାସରେ ଥିବା ରାଜାର ମୁଖରୁ ଏ ପ୍ରଶ୍ନ ଶୁଣି ଅବଧୂତ ପ୍ରଥମେ ଆଶ୍ଚର୍ଯ୍ୟ ହୋଇ ପରେ ଗମ୍ଭୀର ହୋଇ କହିଲେ, ହେ ରାଜା, ପୃଥିବୀ, ବୃକ୍ଷ, ବାୟୁ, ଅନଳ ଆଦି ମୋର ଚବିଶ ଗୁରୁ ଅଛନ୍ତି । ସେମାନଙ୍କ ଦୀକ୍ଷା ଓ ଆଦର୍ଶକୁ ମୁଁ ମୋ ଜୀବନର ବ୍ରତ ରୂପେ ଗ୍ରହଣ କରିନେଇଛି । ସେଇଥିପାଇଁ ମୁଁ ଏପରି ନିର୍ଲିପ୍ତ, ନିର୍ବିକାର ଓ ମାୟା ବନ୍ଧନ ବିହୀନ ଶାନ୍ତ ସରଳ ଜୀବନ ଯାପନ କରିପାରୁଛି । ମୋର ଜଣେ ଗୁରୁ ହେଲେ ପୃଥିବୀ ଯାହାଙ୍କ ନିକଟରୁ ମୁଁ ସହିଷ୍ଣୁତା ଶିକ୍ଷା କରିଛି । ମୁଁ ଦୁଃଖ ଓ ସୁଖକୁ କର୍ମଫଳ ଭାବି ସମଭାବରେ ଗ୍ରହଣ କରିଛି । ଯେଉଁ ବ୍ୟକ୍ତି ପରର ହିତ ସାଧନ ନିମିତ ଏ ସଂସାରରେ ଜୀବନ ଧାରଣ କରନ୍ତି ସେ ଧନ୍ୟ । ତାଙ୍କର ନିଜ ସୁଖ,ଦୁଃଖ ପ୍ରତି ଦୃଷ୍ଟି ନଥାଏ । ତାଙ୍କର ଜୀବନ ଅନ୍ୟମାନଙ୍କ ପ୍ରତି ଆଦର୍ଶ ହୋଇଥାଏ । ଏହା ମୁଁ ବୃକ୍ଷଠାରୁ ଶିକ୍ଷା କରିଛି । ବୃକ୍ଷ ନିଜର କୌଣସି ଭୋଗଲିପ୍ସା ନଥାଇ ପରହିତ ପାଇଁ ପ୍ରାଣ ଧାରଣ କରେ ଓ ସମସ୍ତଙ୍କୁ ସମ ଭାବରେ ଛାୟା ଓ ଫଳପୁଷ୍ପ ଦାନକରେ । ତାହାର କ୍ଷତି ସାଧକ ପାଇଁ ମଧ କାର୍ପଣ୍ୟ କରେନାହିଁ । ବାୟୁ ସର୍ବତ୍ର ସର୍ବ ଶରୀରରେ ଅଛି । ସେ ଶରୀରର ଗନ୍ଧ ହରଣ କରେ । ମାତ୍ର ଉଦାସୀନ ବ୍ୟକ୍ତି ପରି କାହାରି ସଙ୍ଗରେ ନଥାଏ । ତେଣୁ ବାୟୁ ମୋର ଗୁରୁ । ମେଘ ଆକାଶରେ ଜନ୍ମ ହୋଇ ଆକାଶକୁ ଢାଙ୍କି ଦିଏ । ଭୂମିରେ ତାହାର ଛାୟା ପଡେ, କିଛି କାଳପରେ ମେଘ ଉଭେଇ ଯାଏ ହେଲେ ଆକାଶ ଚିରସ୍ଥାୟୀ । ମେଘ ଆକାଶରେ ଜନ୍ମ ହୋଇ ମଧ ଆକାଶରେ ମିଶିପାରେ ନାହିଁ । ସେହିପରି ଆତ୍ମା ଦେହରେ ବିରାଜିତ ଥିଲେ ହେଁ ଦେହ ସଙ୍ଗେ ମିଶେ ନାହିଁ । ତେଣୁ ଆକାଶ ମୋର ଗୁରୁ । ଆକାଶ ଦୀକ୍ଷାନେଇ ମୁଁ ସଂସାରରେ ଆତଯାତ ହେଉଥିଲେ ମଧ କାହା ସଙ୍ଗେ ନ ମିଶି ଆନନ୍ଦରେ ଭ୍ରମଣ କରୁଥାଏ । ତୀର୍ଥ ଜଳ ଯେପରି ଲୋକଙ୍କୁ ପବିତ୍ର କରେ ମୁଁ ସେହିପରି ଲୋକଙ୍କୁ ସଦୁପଦେଶ ଦ୍ୱାରା ପରିତ୍ରାଣ କରିବାର ଲକ୍ଷ୍ୟ ନେଇ ଭ୍ରମଣ କରୁଛି । ତେଣୁ ଜଳ ମୋହର ଗୁରୁ । ହେ ରାଜା ତୁମେ ମୋର ଯେଉଁ ତେଜୀୟାନ ବଳିଷ୍ଠ ଶରୀର ଦେଖୁଛ ତାହା ଧ୍ୟାନ ଯୋଗ ଓ ବିକାର ବିହୀନ ଭଜନର ଫଳ । ଅଗ୍ନିପରି ମୁଁ ଗୁଣ ଦୋଷ ବିଚାର ନକରି ସର୍ବଗୃହରେ ଯଥାଲବ୍ଧ ଦ୍ରବ୍ୟ ବଭୋଜନ କରେ । ମୋର ଏହି ଉଦର ହିଁ ମୋର ପାତ୍ର । ମୋ ନିକଟରେ ଅନ୍ୟପାତ୍ର ନାହିଁ, ସୁତରାଂ ଅଗ୍ନି ମୋର ଗୁରୁ । ସ୍ଥୂଳ ସୃଷ୍ଟିରେ ଚନ୍ଦ୍ରର କ୍ଷୟବୃଦ୍ଧି ଗୋଚର ହେଲେ ମଧ ତାହା ଯେପରି ଅକ୍ଷୟ, ଜୀବ ସଦେହିପରି ଅକ୍ଷୟ । କେବଳ ତାହାର ରୁପାନ୍ତର ହୁଏ । ଚନ୍ଦ୍ରଙ୍କୁ ଗୁରୁ କରି ମୁଁ ତାଙ୍କଠାରୁ ଏହି ସତ୍ୟ ଧାରଣା ପ୍ରାପ୍ତ ହୋଇଛି, ତେଣୁ ମୋ ଦୃଷ୍ଟିରେ ବଞ୍ଚିବା ଓ ମରିବା ସମାନ । ବଞ୍ଚିବାରେ ମୋର ଆସକ୍ତି କି ମୃତ୍ୟୁକୁ ଭୟ ନାହିଁ । ସୂର୍ଯ୍ୟଙ୍କର ଧର୍ମ ହେଉଛି ସକଳ ସ୍ଥାନରୁ ନିର୍ଲିପ୍ତ ଓ ନିର୍ଦ୍ଦୋଶ ଭାବେ ରସ ଗ୍ରହଣ କରି ସଞ୍ଚୟ କରିବେ ଓ ଯଥାକାଳରେ ଅକୁଣ୍ଠିତ ଭାବେ ତାହାକୁ ପୁଣି ପର୍ତ୍ୟାର୍ପଣ କରିବେ । ଏହା ହିଁ ଜୀବାତ୍ମାର ଧର୍ମ । ସେ ସର୍ବ ଶରୀରରେ ଥାଇ ଇନ୍ଦ୍ରୀୟ ରସ ଭୋଗ କଲେ ମଧ ତହିଁରେ ଲିପ୍ତ ବା ବଶ ହୁଏନାହିଁ । ସୂର୍ଯ୍ୟଙ୍କଠାରୁ ଏହା ଶିକ୍ଷା କରିଥିବାରୁ ସୂର୍ଯ୍ୟ ମୋର ଗୁରୁ । ହେ ରାଜା ଏବେ ମୁଁ କପୋତ ପକ୍ଷୀର ଆଖ୍ୟାନ ତୁମକୁ କହୁଛି ଶୁଣ ।

ସଂସାର ସହିତ ପ୍ରିତୀକଲେ କପୋତ ପକ୍ଷୀ ପରି ନିଶ୍ଚୟ ନାଶ ଯିବ । ବନରେ ଗୋଟିଏ କପୋତ ପକ୍ଷୀ କପୋତୀ ସହିତ ବାସ କରୁଥିଲା । ପରସ୍ପର ମଧ୍ୟରେ ନିବିଡ ପ୍ରେମ ହେତୁ କେହି କାହାକୁ ଛାଡି ରହି ପାରନ୍ତି ନାହିଁ । କ୍ରୀଡାରଙ୍ଗରେ ଦୁହେଁ ପରମ ଆନନ୍ଦରେ କାଳାତିପାତ କରୁଥାନ୍ତି । କପୋତୀର ମନ ଜାଣି କପୋତ ଆହାର ଆଦି ସଂଗ୍ରହ କରି ତାକୁ ଭୁଞ୍ଜାଉଥାଏ ଏବଂ ସେବକ ପରି ଖଟିଥାଏ । କିଛିକାଳାନ୍ତେ କପୋତୀ ଡିମ୍ବ ଦେଲା ଓ ତହିଁରୁ ଦୁଇଟି ପକ୍ଷୀ ଶାବକ ବାହାରିଲେ । ତାହା ଦେଖି କପୋତ ଦମ୍ପତି ଆନନ୍ଦିତ ହେବା ସହ ପତଙ୍ଗାଦି ଆହାର ଦେଇ ସଯତ୍ନ ଲାଳନପାଳନ କଲେ । ଦିନେ କପୋତ କପୋତୀ ଆହାର ଅନ୍ୱେଷଣରେ ଯାଇଥିବା ସମୟରେ ଜଣେ ବ୍ୟାଧ ସେମାନଙ୍କ ନୀଡ ନିକଟରେ ଜାଲ ପାତିବାରୁ ଶାବକ ଦ୍ୱୟ ଜାଲ ମଧ୍ୟସ୍ଥ ଆହାର ଖାଇବାକୁ ଯାଇ ଜାଲରେ ପଡିଗଲେ । ପିତାମାତା ଥଣ୍ଟରେ ଆହାର ଧରି ଆସି ଦେଖନ୍ତି ତ ତାଙ୍କର ପ୍ରାଣ ପ୍ରିୟ ଶାବକ ଦ୍ୱୟ ଜାଲରେ ପଡି ଛଟପଟ ହେଉଛନ୍ତି । ଜାଲରୁ ଆଉ ମୁକୁଳିବା ଅସମ୍ଭବ ଦେଖି କପୋତ ଦମ୍ପତି ବ୍ୟାକୁଳ ହୋଇ କ୍ରନ୍ଦନ କରିବାକୁ ଲାଗିଲେ । କପୋତୀ ପିଲା ଦୁଇଟିର ଦୁଃଖ ଦେଖି ସହ୍ୟ କରିନପାରି ନିଜେ ଜାଲ ଭିତରକୁ ଡେଇଁ ପଡିଲା । ପ୍ରାଣ ପ୍ରିୟା ପତ୍ନୀ ଓ ସନ୍ତାନଙ୍କୁ ହରାଇ କପୋତ ବିଚାରିଲା ମୁଁ ବା ଏକାକୀ କିପରି ଜୀବନ ଧାରଣ କରିବି ? ଏହା ଭାବି ସେ ମଧ ହା ହା କାର କରି ଜାଲକୁ ଡେଇଁ ପଡିଲା । ଜାଲ ପାତିଥିବା ଲୁବ୍ଧକ ସେମାନଙ୍କୁ ମହାନନ୍ଦରେ ଧରି ମୁଣାରେ ପୁରାଇ ନେଇ ଚାଲିଗଲା । ହେ ରାଜା ସଂସାରରେ କୁଟୁମ୍ବୀ ଜନ ଏହି କପୋତ ସ୍ନେହ ବନ୍ଧନରେ ଆବଦ୍ଧ ହୋଇ ବିନାଶଧ ପ୍ରାପ୍ତ ହୁଏ । କପୋତଠାରୁ ଏହା ଶିକ୍ଷା କରିଥିବା ହେତୁ କପୋତ ପକ୍ଷୀ ମୋର ଗୋଟେ ଗୁରୁ । ଏହି ଦୁର୍ଲଭ ମନୁଷ୍ୟ ଶରୀର ମୁକ୍ତିପଥର ଦ୍ୱାର ସଦୃଶ । ସାଧନ କରିପାରିଲେ ଏହାର ଦ୍ୱାରା ଶାଶ୍ୱତ ମୁକ୍ତିଲାଭ ସମ୍ଭବ ହୁଏ । ତାହା ନ କରିପାରି ମନୁଷ୍ୟ ମାୟିକ କୁଟୁମ୍ବାଶକ୍ତି ପରବଶ ହେବା ଫଳରେ କୁମ୍ଭୀପାକ ନର୍କ ଅଭିମୁଖରେ ହିଁ ଗତିକରେ ।

### ୮ମ ଅଧ୍ୟାୟ, ଅଜଗରଠାରୁ ପିଙ୍ଗଳା ବେଶ୍ୟା ପର୍ଯ୍ୟନ୍ତ ନଅ ଗୁରୁଙ୍କ କଥା

ଅବଧୂତ ଆନନ୍ଦରେ କହି ଚାଲିଥାନ୍ତି ହେ ରାଜା ! ନିଜର କର୍ମାନୁସାରେ ପ୍ରାଣୀ ସୁଖ-ଦୁଃଖ ବା ସ୍ୱର୍ଗ-ନର୍କ ଭୋଗକରେ । ତେଣୁ ସୁଖ ଆସୁ ବା ଦୁଃଖ ଆସୁ ତାହା ଯେତେବେଳେ ପ୍ରାଣୀର ସ୍ୱ କର୍ମାର୍ଜିତ ଫଳ ତାକୁ ମୁଁ ସମାନ ଓ ଅନିବାର୍ଯ୍ୟ ମନେକରି ସମ ଭାବରେ ଗ୍ରହଣ କରିଥାଏ । ଖାଦ୍ୟ ବିଷୟରେ ମୁଁ ଅଜଗର ସର୍ପର ଧର୍ମ ହିଁ ପାଳନ କରେ । ଯାହା ଯେତେବେଳେ ମୁଖରେ ପଡିଲା ତାକୁ ଖାଇ ସନ୍ତୁଷ୍ଟ ହୁଏ ବା କିଛି ନମିଳିଲେ ପବନ ଆହାର କରି ପଡି ରହିଥାଏ । ମୁଁ ମଧ ସେହିପରି ଖାଦ୍ୟରେ ଭଲମନ୍ଦ ବା ଅଳ୍ପ ବହୁତ ବିଚାର କରେନାହିଁ । କିଛି ନ ମିଳିଲେ ମୋର ଚିନ୍ତା ନାହିଁ, ନିର୍ଜଳ ଉପବାସରେ ରହିବାରେ ମୁଁ ଅଭ୍ୟସ୍ତ । ତେଣୁ ମୋର ଚିତ୍ତ ସର୍ବଦା ପ୍ରସନ୍ନ ଓ ଶରୀର ନିର୍ମଳ ।

( କ୍ରମଶଃ )

+ ଗୌଡ଼ଗାଁ, କପ୍ତିପଦା, ମୟୂରଭଞ୍ଜ
(ମୋ) ୯୮୫୩୯୪୮୪୫୮

ସମ୍ପର୍କର ରାଗିଣୀ

# ସଂସ୍କାର ସମ୍ପର୍କକୁ ଶୃଙ୍ଖଳିତ ରଖେ



ଶ୍ୱେତା ରାଉତ୍

ଆଜି ମଣିଷ ପାଖରେ ଧନ ଅଛି, ଶିକ୍ଷା ଅଛି, ପଦମର୍ଯ୍ୟାଦା ଅଛି, ଆଧୁନିକ ଜୀବନର ସମସ୍ତ ସୁବିଧା ଅଛି, କିନ୍ତୁ ତଥାପି ଘରେ ଶାନ୍ତି ନାହିଁ। ସମ୍ପର୍କରେ ଉଷ୍ମତା କମୁଛି, ହସ ସ୍ଥାନରେ ଅଭିମାନ, ଆପଣାପଣ ସ୍ଥାନରେ ସ୍ୱାର୍ଥ ଓ ସହନଶୀଳତା ସ୍ଥାନରେ ଅହଂକାର ବଢ଼ିଚାଲିଛି। ଏହାର ମୂଳ କାରଣ ହେଉଛି ସଂସ୍କାରର ଅଭାବ। କାରଣ ଶିକ୍ଷା ଆମକୁ ଜୀବିକା ଦିଏ, କିନ୍ତୁ ସଂସ୍କାର ଆମକୁ ଜୀବନ ବଞ୍ଚିବାର କଳା ଶିଖାଏ।ସଂସ୍କାର କେବଳ ବଡ଼ମାନଙ୍କୁ ପ୍ରଣାମ କରିବା କିମ୍ବା ଭଲ କଥା କହିବାରେ ସୀମିତ ନୁହେଁ। ସଂସ୍କାର ହେଉଛି ନିଜଠାରୁ ବଡ଼ଙ୍କୁ ସମ୍ମାନ କରିବା, ସାନମାନଙ୍କୁ ସ୍ନେହ ଦେବା, ଅନ୍ୟର ଦୁଃଖକୁ ନିଜର ବୋଲି ଅନୁଭବ କରିବା, କ୍ଷମା କରିବା, ନିଜ ରାଗକୁ ନିୟନ୍ତ୍ରଣ କରିବା ଏବଂ ପରିବାରର ମର୍ଯ୍ୟାଦାକୁ ସବୁବେଳେ ନିଜ ଅହଂକାରଠାରୁ ଉପରେ ରଖିବା।

ଆମ ପୁରାଣ ଓ ମହାକାବ୍ୟରେ ସଂସ୍କାରର ମହତ୍ତ୍ୱ ବାରମ୍ବାର ପ୍ରତିପାଦିତ ହୋଇଛି। ଶ୍ରୀରାମ,ପିତାଙ୍କ ବଚନକୁ ରକ୍ଷା କରିବା ପାଇଁ ରାଜସିଂହାସନ ତ୍ୟାଗ କରି ବନବାସ ଯାଇଥିଲେ। ଏହା କେବଳ ଆଜ୍ଞାପାଳନ ନୁହେଁ, ସଂସ୍କାରର ସର୍ବୋଚ୍ଚ ଉଦାହରଣ। ଭରତ ମଧ ରାଜ୍ୟ ଗ୍ରହଣ ନକରି ଭାଇଙ୍କ ପାଦୁକାକୁ ସିଂହାସନରେ ବସାଇଥିଲେ। ସେମାନଙ୍କ ସଂସ୍କାର ହିଁ ରଘୁକୁଳର ଗୌରବକୁ ଅକ୍ଷୁଣ୍ଣ ରଖିଥିଲା।

ଅନ୍ୟପକ୍ଷରେ ମହାଭାରତରେ ଯେତେବେଳେ ଅହଂକାର, ଈର୍ଷ୍ୟା ଓ ଅସଂଯମ ସଂସ୍କାରକୁ ପରାସ୍ତ କଲା, ସେତେବେଳେ ଗୋଟିଏ ବିଶାଳ ବଂଶ ଧ୍ୱଂସ ହୋଇଗଲା। ଏହା ସ୍ପଷ୍ଟ କରେ ଯେ, ସଂସ୍କାର କେବଳ ବ୍ୟକ୍ତିର ଚରିତ୍ରକୁ ନୁହେଁ, ସମଗ୍ର ପରିବାରର ଭବିଷ୍ୟତକୁ ମଧ ନିର୍ଦ୍ଧାରଣ କରେ।

ଆଜି ଆମେ ଦେଖୁଛୁ, ସାମାନ୍ୟ କଥାକୁ ନେଇ ସମ୍ପର୍କ ଭାଙ୍ଗିଯାଉଛି। ବୃଦ୍ଧ ବାପା-ମାଆ ବୃଦ୍ଧାଶ୍ରମରେ ଦିନ କାଟୁଛନ୍ତି। ଭାଇ-ଭାଇ ସମ୍ପତ୍ତି ପାଇଁ ଅଦାଲତରେ ଛିଡ଼ା ହୋଇଛନ୍ତି। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ସାମାନ୍ୟ ଭୁଲ ବୁଝାବୁଝି ବିଚ୍ଛେଦର କାରଣ ହେଉଛି। ଏହାର କାରଣ ଧନର ଅଭାବ ନୁହେଁ, ସଂସ୍କାରର ଅଭାବ। ଯେଉଁଠାରେ 'ମୁଁ'ର ଅହଂକାର ବଢ଼େ, ସେଠାରେ 'ଆମେ'ର ସମ୍ପର୍କ ଦୁର୍ବଳ ହୋଇଯାଏ।ଆଧୁନିକତାକୁ ଗ୍ରହଣ କରିବା ଆବଶ୍ୟକ, କିନ୍ତୁ ନିଜ ସଂସ୍କାରକୁ ହରାଇ ନୁହେଁ।ସଂସ୍କାର କୌଣସି ପୁସ୍ତକର ବିଷୟ ନୁହେଁ,ଏହା ପ୍ରତିଦିନର ଆଚରଣରେ ପ୍ରକାଶ ପାଏ, ଘରର ପରିବେଶରେ ଜନ୍ମ ନିଏ, ବାପା-ମାଆଙ୍କ ବ୍ୟବହାରରେ ବଢ଼େ ଏବଂ ସମ୍ପର୍କର ମାଧୁର୍ଯ୍ୟରେ ପରିବାର ପୁଲକିତ ହୋଇଉଠେ। ସଂସ୍କାର ଥିଲେ ସମ୍ପର୍କରେ ଶୃଙ୍ଖଳା ରହେ, ଶୃଙ୍ଖଳା ଥିଲେ ବିଶ୍ୱାସ ରହେ, ଆଉ ବିଶ୍ୱାସ ଥିଲେ ପରିବାର ସ୍ୱର୍ଗ ପାଲଟିଯାଏ। ସନ୍ତାନଙ୍କ ପାଇଁ କେବଳ ସମ୍ପତ୍ତି ନୁହେଁ, ସଂସ୍କାରର ଅମୂଲ୍ୟ ଧନ ଛାଡ଼ିଯିବା। କାରଣ ସଂସ୍କାର ହିଁ ସେହି ଦୀପ, ଯାହା ପିଢ଼ି ପରେ ପିଢ଼ି ସମ୍ପର୍କର ପଥକୁ ଆଲୋକିତ କରି ରଖେ।

+ ରାଉତ କମ୍ପ୍ଲେକ୍ସ, କଟକ ରୋଡ଼,
ଲକ୍ଷ୍ମୀସାଗର, ଭୁବନେଶ୍ୱର
ମୋ: ୯୪୩୯୭୨୬୦୬୦

# ମିଶ୍ରି ବନାମ ଚିନି : କେଉଁଟା ଶରୀର ପାଇଁ ଭଲ

**ଆମ ଦୈନନ୍ଦିନ ଜୀବନରେ ମିଠା ଖାଇବା ଏକ ସାଧାରଣ କଥା। ଚା, କଫିଠାରୁ ଆରମ୍ଭ କରି ବିଭିନ୍ନ କିସମର ପାରମ୍ପରିକ ମିଠା ପ୍ରସ୍ତୁତିରେ ଆମେ ଚିନି ବା ମିଶ୍ରିର ବ୍ୟବହାର କରିଥାଉ। ଅନେକେ ମିଶ୍ରିକୁ ଚିନି ଅପେକ୍ଷା ସ୍ୱାସ୍ଥ୍ୟକର ବିକଳ୍ପ ବୋଲି ଭାବନ୍ତି। ତେବେ ଏହି ଦୁଇଟି ମଧ୍ୟରେ ପ୍ରକୃତରେ କ'ଣ ଫରକ ରହିଛି ଓ ସ୍ୱାସ୍ଥ୍ୟ ପାଇଁ କେଉଁଟା ଭଲ, ଆସନ୍ତୁ ଜାଣିବା।**

ମିଶ୍ରି ଓ ଚିନି ମଧ୍ୟରେ ସବୁଠାରୁ ବଡ଼ ପାର୍ଥକ୍ୟ ହେଉଛି, ଏମାନଙ୍କ ପ୍ରସ୍ତୁତି ପ୍ରଣାଳୀ।

ମିଶ୍ରି- ଏହା କମ୍ ପ୍ରକ୍ରିୟାକରଣ ହୋଇଥିବା ପ୍ରାକୃତିକ ମିଠା। ଆଖୁ କିମ୍ବା ତାଳ ରସକୁ ରାସାୟନିକ ପଦାର୍ଥ ବିନା ଧୀରେ ଧୀରେ ଫୁଟାଇ ତାକୁ ଥଣ୍ଡା କରି ମିଶ୍ରି ପ୍ରସ୍ତୁତ କରାଯାଏ।

ଚିନି- ଧଳା ଦାନାଦାର ଚିନି ପ୍ରସ୍ତୁତ କରିବା ପାଇଁ ଅନେକ ଶିଳ୍ପଭିତ୍ତିକ ପ୍ରକ୍ରିୟା ଉପଯୋଗ କରାଯାଏ। ଏହାକୁ ସଫା ଓ ଧଳା କରିବା ପାଇଁ ବ୍ଲିଚିଂ, ସେଣ୍ଟ୍ରିଫ୍ୟୁଜନ୍ ଓ ବିଭିନ୍ନ ରାସାୟନିକ ପଦାର୍ଥ ବ୍ୟବହାର ହୁଏ, ଯାହାଦ୍ୱାରା ଏହାର ପ୍ରାକୃତିକ ଗୁଣ ନଷ୍ଟ ହୋଇଯାଏ।



**କ୍ୟାଲୋରି ଓ ପୋଷକ ତତ୍ତ୍ୱ :**

ଅନେକ ଲୋକ ଭାବନ୍ତି ଯେ, ମିଶ୍ରି ଖାଇଲେ ଓଜନ ବଢ଼େ ନାହିଁ, ତେବେ ଏହା ଭୁଲ ଧାରଣା। ଉଭୟ ମିଶ୍ରି ଓ ଚିନି ପ୍ରତି ୧୦୦ ଗ୍ରାମ୍‌ରେ ପ୍ରାୟ ୩୮୭ କ୍ୟାଲୋରି ଥାଏ। ଏଣୁ କ୍ୟାଲୋରି ଦୃଷ୍ଟିରୁ ଦୁଇଟିଯାକ ସମାନ। ତେବେ ମୁଖ୍ୟ ଫରକ୍ ହେଉଛି, ପୋଷକ ତତ୍ତ୍ୱରେ। ଚିନି ପ୍ରସ୍ତୁତ ହେବା ସମୟରେ ଏଥିରେ ଥିବା ସମସ୍ତ ଭିଟାମିନ୍ ଓ ମିନେରାଲ୍‌ସ ନଷ୍ଟ ହୋଇଯାଏ, ଯାହାକୁ ଏମ୍ପଟି କ୍ୟାଲୋରି କୁହାଯାଏ। କିନ୍ତୁ ମିଶ୍ରି କମ୍ ପ୍ରକ୍ରିୟାକୃତ ହୋଇଥିବାରୁ ଏଥିରେ କିଛି ମାତ୍ରାରେ କ୍ୟାଲ୍‌ସିୟମ୍, ମ୍ୟାଗ୍ନେସିୟମ୍ ଓ ଆଇରନ୍ ଭଳି ଜରୁରି ଖଣିଜ ଲବଣ ରହିଥାଏ।

ଚିନିରେ ଗ୍ଲାଇସେମିକ୍ ଇଣ୍ଡେକ୍ସ (ଜିଆଇ) ପ୍ରାୟ ୬୫ ହୋଇଥିବା ବେଳେ ମିଶ୍ରିର ଜିଆଇ ସାମାନ୍ୟ କମ୍, ଅର୍ଥାତ୍ ୫୫ରୁ ୬୦ ମଧ୍ୟରେ ଥାଏ। ଏହାର ଅର୍ଥ, ଚିନି ତୁଳନାରେ ମିଶ୍ରି ଶରୀରରେ ବ୍ଲଡ୍ ସୁଗାର୍ ବା ରକ୍ତ ଶର୍କରା ସ୍ତରକୁ ସେତେ ଶୀଘ୍ର ବଢ଼ାଏ ନାହିଁ। ତଥାପି ମଧୁମେହ ବା ଡାଇବେଟିସ୍ ରୋଗୀଙ୍କ ପାଇଁ ମିଶ୍ରି ପୂରା ସୁରକ୍ଷିତ ନୁହେଁ। ଏଥିରେ ମଧ ଗ୍ଲୁକୋଜ୍ ଥାଏ, ତେଣୁ ଡାଇବେଟିସ୍ ରୋଗୀମାନେ ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ଏହାକୁ ଅତି ସୀମିତ ପରିମାଣରେ ଗ୍ରହଣ କରିବା ଉଚିତ।

**ଔଷଧୀୟ ଗୁଣ :**

ଆୟୁର୍ବେଦରେ ମିଶ୍ରିକୁ ଏକ ଶୀତଳକାରୀ ଉପାଦାନ ଭାବେ ଗଣାଯାଏ। ପାଚନ ପ୍ରକ୍ରିୟା ସୁଧାରିବା ପାଇଁ ପ୍ରାୟତଃ ଖାଇବା ପରେ ମେଥି ସହ ମିଶ୍ରି ଖାଇବାକୁ ଦିଆଯାଏ। ଏହାଛଡ଼ା ତଣ୍ଟି, କାଶ, ଥଣ୍ଡା ଓ ସର୍ଦ୍ଦିର ଉପଶମ ପାଇଁ କାଢ଼ା ବା ପାରମ୍ପରିକ ଔଷଧରେ ମିଶ୍ରି ଗୁଣ୍ଡ ବ୍ୟବହାର କରାଯାଏ। ଅନ୍ୟପକ୍ଷରେ ଚିନିର ସେଭଳି କୌଣସି ଔଷଧୀୟ ଗୁଣ ନାହିଁ।

ରୋଷେଇରେ ବ୍ୟବହାର: ଆପଣ ଚା, କଫି, ସରବତ କିମ୍ବା ପାରମ୍ପରିକ ଓଡ଼ିଆ ପିଠାପଣାରେ ଚିନି ବଦଳରେ ମିଶ୍ରି ବ୍ୟବହାର କରିପାରିବେ। ତେବେ ଥଣ୍ଡା ପାନୀୟରେ ଏହାକୁ ବ୍ୟବହାର କରିବା ପୂର୍ବରୁ ଗୁଣ୍ଡ କରିଦେଲେ ଶୀଘ୍ର ଦ୍ରବୀଭୂତ ହେ ?ଇଥାଏ। କିନ୍ତୁ କେକ୍ କିମ୍ବା ବିସ୍କୁଟ୍ ଭଳି ବେକିଂଜାତୀୟ ଖାଦ୍ୟରେ ଚିନି ଅଧିକ ଭଲ କାମ କରେ। ଯଦି ଆପଣ କେମିକାଲ୍‌ମୁକ୍ତ ଓ କମ୍ ପ୍ରକ୍ରିୟାକୃତ ମିଠା ଖୋଜୁଛନ୍ତି, ତେବେ ଚିନି ତୁଳନାରେ ମିଶ୍ରି ଭଲ ବିକଳ୍ପ। ତେବେ ମନେ ରଖିବାକୁ ହେବ ଯେ, ଏହା ଏକ ପ୍ରକାରର ଶର୍କରା, ତେଣୁ ସୁସ୍ଥତା ପାଇଁ ଉଭୟର ବ୍ୟବହାର ସୀମିତ ରଖିବା ଉଚିତ।

# ବିପଦସଙ୍କୁଳ ହ୍ରଦ

ଦୁନିଆରେ ଏମିତି କିଛି ସ୍ଥାନ ଅଛି ଯାହା ଏବେ ମଧ ରହସ୍ୟ ଘେରରେ ରହିଅଛି । ଯାହାର ସତ୍ୟତା ଜାଣିବା ପାଇଁ ଆଜି ପର୍ଯ୍ୟନ୍ତ କେହି ସକ୍ଷମ ହୋଇପାରି ନାହାନ୍ତି । ଆସନ୍ତୁ ଏଭଳି ଏକ ରହସ୍ୟମୟ ହ୍ରଦ ବିଷୟରେ ଅବଗତ ହେବା । ତାଞ୍ଜାନିଆରେ 'ଦ ଲେକ୍ ନାଟ୍ରୋନ୍' ଏକ ହ୍ରଦ ରହିଛି । ଏହି ହ୍ରଦର ରହସ୍ୟକୁ ଶୁଣିଲେ ଲୋମ ଟାଙ୍କୁରି ହୋଇ ଉଠିବ । ଏହି ହ୍ରଦରେ ଆପଣ ଜୀବନ୍ତ ପଶୁପକ୍ଷୀଙ୍କୁ ପଥର ପାଲଟି ଯାଇଥିବାର ଦେଖିବାକୁ ପାଇବେ । କୁହାଯାଏ, କିଛି ବର୍ଷ ପୂର୍ବରୁ ଏଠାରେ ପ୍ରବଳ ଥଣ୍ଡା ପଡ଼ିଥିଲା । ଥଣ୍ଡାର ପ୍ରକୋପ ସହି ନ ପାରି



ଏଠାକୁ ଆସୁଥିବା ପଶୁପକ୍ଷୀଙ୍କ ମୃତ୍ୟୁ ହୋଇ ଯାଇଥିଲା । ହ୍ରଦ ପାଖରେ ଲାଭା ଉଦଗୀରଣ ଫଳରେ ସେଥିରୁ ବାହାରୁଥିବା ପାଉଁଶ ବାୟୁମଣ୍ଡଳରେ ବ୍ୟାପୀ ପଶୁପକ୍ଷୀଙ୍କ ମୃତ ଶରୀରକୁ ପଥରରେ ବଦଳାଇ ଥିଲା । ହ୍ରଦର ଏହିଭଳି ଭୟଙ୍କର ଅବସ୍ଥା ଦେଖି ସେଠାକୁ କେହି ଯିବାକୁ ପସନ୍ଦ କରୁନାହାନ୍ତି ।

# ଡାଟା ସେଣ୍ଟରର ବୋଝ: ଏଆଇ ପ୍ରତିଯୋଗିତାରେ ବଳି ପଡୁଛି ପରିବେଶ

ବର୍ତ୍ତମାନ ସମୟରେ କୃତ୍ରିମ ବୁଦ୍ଧିମତ୍ତା ବା ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (ଏଆଇ) ସମଗ୍ର ବିଶ୍ୱରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିବାରେ ଲାଗିଛି ଏବଂ ଆମାଜନ୍, ଗୁଗୁଲ୍ ଓ ମାଇକ୍ରୋସଫ୍ଟ ଭଳି ବୃହତ୍ ଟେକ୍ନୋଲୋଜି କମ୍ପାନୀଗୁଡ଼ିକ ଏହି କ୍ଷେତ୍ରରେ ନିଜର ଆଧିପତ୍ୟ ବିସ୍ତାର କରିବା ପାଇଁ ଏକ ତୀବ୍ର ପ୍ରତିଯୋଗିତାରେ ଅବତୀର୍ଣ୍ଣ ହୋଇଛନ୍ତି । ମାତ୍ର ଏହି ବୈଷୟିକ ପ୍ରଗତିର ଏକ ଅନ୍ଧକାର ଦିଗ ମଧ୍ୟ ରହିଛି ଯାହା ଆମ ପରିବେଶ ଉପରେ ଗଭୀର ନକାରାତ୍ମକ ପ୍ରଭାବ ପକାଉଛି। ସାଧାରଣତଃ ଡିଜିଟାଲ୍ ଜ୍ଞାନକୌଶଳକୁ ଏକ ସ୍ୱଚ୍ଛ ଏବଂ ପ୍ରଦୂଷଣମୁକ୍ତ ବ୍ୟବସ୍ଥା ଭାବରେ ବିବେଚନା କରାଯାଉଥିବା ବେଳେ ବାସ୍ତବରେ ଏହା ବିପୁଳ ପରିମାଣର ଶକ୍ତି ଏବଂ ପ୍ରାକୃତିକ ସମ୍ପଦର ବିନିଯୋଗ କରିଥାଏ । ୨୦୨୪ ଏବଂ ୨୦୨୫ ମସିହା ମଧ୍ୟରେ ଏହି ବିଗ୍ ଟେକ୍ କମ୍ପାନୀଗୁଡ଼ିକର କାର୍ବନ୍ ନିର୍ଗମନ ଆଶ୍ଚର୍ଯ୍ୟଜନକ ଭାବରେ ବୃଦ୍ଧି ପାଇଛି । ଏଆଇ ମଡେଲ୍‌ଗୁଡ଼ିକୁ ତାଲିମ ଦେବା ଏବଂ ପରିଚାଳନା କରିବା ପାଇଁ ଆବଶ୍ୟକ ହେଉଥିବା ବିଶାଳ ଡାଟା ସେଣ୍ଟରଗୁଡ଼ିକର କ୍ଷମତା ସମ୍ପ୍ରସାରଣ ଯୋଗୁଁ ଏହି ପରିସ୍ଥିତି ସୃଷ୍ଟି ହୋଇଛି ଏବଂ ଏଥିପାଇଁ ବିଶ୍ୱକୁ ଏକ ଭୟଙ୍କର ପରିବେଶଗତ ମୂଲ୍ୟ ଦେବାକୁ ପଡୁଛି । ଏହି କମ୍ପାନୀଗୁଡ଼ିକ ନିଜର ବାର୍ଷିକ ସସଟେନେବିଲିଟି ରିପୋର୍ଟରେ କାର୍ବନ୍ ନିର୍ଗମନ ବୃଦ୍ଧିକୁ ସ୍ୱୀକାର କରିବା ସହିତ ଏହାକୁ ବିଭିନ୍ନ ଉପାୟରେ ଯୁକ୍ତିଯୁକ୍ତ ଦର୍ଶାଇବାକୁ ଚେଷ୍ଟା କରୁଛନ୍ତି, କିନ୍ତୁ ବାସ୍ତବତା ହେଉଛି ଯେ ସମଗ୍ର ପୃଥିବୀ ଏହି ଏଆଇ ପ୍ରତିଯୋଗିତାର କୁପ୍ରଭାବକୁ ଭୋଗ କରୁଛି । ଜାତିସଂଘର ମହାସଚିବ ମଧ୍ୟ ଏହି ପ୍ରସଙ୍ଗରେ ଉଦ୍‌ବେଗ ପ୍ରକାଶ କରି ଏଆଇ କମ୍ପାନୀଗୁଡ଼ିକୁ ନବୀକରଣଯୋଗ୍ୟ ଶକ୍ତି ଉପରେ ଅଧିକ ଧ୍ୟାନ ଦେବାକୁ ଆହ୍ୱାନ ଦେଇଛନ୍ତି । ତଥାପି ଏହି କମ୍ପାନୀଗୁଡ଼ିକର ବ୍ୟବସାୟିକ ଦୌଡ଼ ଆଗରେ ପରିବେଶ ସୁରକ୍ଷା ଗୌଣ ହୋଇପଡିଥିବା ସ୍ପଷ୍ଟ ବାରି ହୋଇପଡୁଛି ।

କୌଣସି କମ୍ପାନୀର ପରିବେଶ ଉପରେ ପ୍ରଭାବକୁ ଆକଳନ କରିବା ପାଇଁ ଗ୍ରୀନହାଉସ୍ ଗ୍ୟାସ୍ ପ୍ରୋଟୋକଲ୍ ଅନୁଯାୟୀ କାର୍ବନ୍ ନିର୍ଗମନକୁ ମୁଖ୍ୟତଃ ତିନୋଟି ଶ୍ରେଣୀରେ ବିଭକ୍ତ କରାଯାଇଥାଏ, ଯାହାକୁ ସ୍କୋପ୍ ୧, ସ୍କୋପ୍ ୨ ଏବଂ ସ୍କୋପ୍ ୩ କୁହାଯାଏ । ସ୍କୋପ୍ ୧ ନିର୍ଗମନ କମ୍ପାନୀର ନିଜସ୍ୱ କାର୍ଯ୍ୟକଳାପ ଏବଂ ସିଧାସଳଖ ଉତ୍ସରୁ ହେଉଥିବା ପ୍ରଦୂଷଣକୁ ସୂଚାଉଥିବା ବେଳେ, ସ୍କୋପ୍ ୨ କମ୍ପାନୀ ଦ୍ୱାରା ବ୍ୟବହୃତ ହେଉଥିବା ବିଦ୍ୟୁତ୍ ଏବଂ ଶିଳ୍ପଭିତ୍ତିକ ଶକ୍ତି ଉତ୍ପାଦନରୁ ହେଉଥିବା ନିର୍ଗମନକୁ ମାପିଥାଏ । ଅନ୍ୟପକ୍ଷରେ, ସ୍କୋପ୍ ୩ ସବୁଠାରୁ ବ୍ୟାପକ ଅଟେ ଯେଉଁଥିରେ କମ୍ପାନୀର ଯୋଗାଣ ଶୃଙ୍ଖଳା, କର୍ମଚାରୀମାନଙ୍କର ଯାତାୟାତ ଏବଂ ଗ୍ରାହକମାନେ କମ୍ପାନୀର ଉତ୍ପାଦ ବା ସେବାଗୁଡ଼ିକୁ କିପରି ବ୍ୟବହାର କରୁଛନ୍ତି ତାହା ଅନ୍ତର୍ଭୁକ୍ତ ଥାଏ । ବିଗ୍ ଟେକ୍ କମ୍ପାନୀଗୁଡ଼ିକ ସେମାନଙ୍କର ଆର୍ଥିକ ବର୍ଷର ରିପୋର୍ଟ ପ୍ରକାଶ କରିବା ସମୟରେ ଅନେକ ସମୟରେ ସ୍କୋପ୍ ୧ ଏବଂ ସ୍କୋପ୍ ୨ ରେ ହୋଇଥିବା ସାମାନ୍ୟ ହ୍ରାସକୁ ବହୁଳ ଭାବରେ ପ୍ରଚାର କରିଥାଆନ୍ତି, ଯାହାଦ୍ୱାରା ମୋଟ ନିର୍ଗମନରେ ହୋଇଥିବା ବିପୁଳ ବୃଦ୍ଧି ଲୋକଲୋଚନକୁ ଆସିପାରେ ନାହିଁ । ଏହି କୌଶଳ ମାଧ୍ୟମରେ ସେମାନେ ନିଜକୁ ପରିବେଶପ୍ରେମୀ ଭାବରେ ଚିତ୍ରଣ କରିବାକୁ ପ୍ରୟାସ କରନ୍ତି, କିନ୍ତୁ ସମ୍ପୂର୍ଣ୍ଣ ତଥ୍ୟକୁ ତର୍ଜମା କଲେ ସେମାନଙ୍କର ପ୍ରକୃତ ସ୍ୱରୂପ ପଦାରେ ପଡିଯାଏ ।

ଗୁଗୁଲ୍ ନିଜର ୨୦୨୬ ପରିବେଶ ରିପୋର୍ଟରେ ଉଲ୍ଲେଖ କରିଛି ଯେ ଏହାର ମୋଟ କାର୍ବନ୍ ନିର୍ଗମନ ୨୦୨୪ ମସିହାରେ ୧୫.୯୩ ନିୟୁତ ଟନ୍ (CO2e) ଥିବା ବେଳେ ୨୦୨୫ ମସିହାରେ ତାହା ବୃଦ୍ଧି ପାଇ ୧୮.୮୪ ନିୟୁତ ଟନ୍‌ରେ ପହଞ୍ଚିଛି । ଏହାର ଅର୍ଥ ହେଉଛି ଗତ ବର୍ଷ ତୁଳନାରେ ଗୁଗୁଲ୍‌ର ମୋଟ ନିର୍ଗମନରେ ୧୮ ପ୍ରତିଶତରୁ ଅଧିକ ବୃଦ୍ଧି ଘଟିଛି । ଆହୁରି ଚିନ୍ତାର ବିଷୟ ହେଉଛି ଯେ ୨୦୨୪ ତୁଳନାରେ ୨୦୨୫ ରେ କମ୍ପାନୀର ପ୍ରଥମ ସ୍ତର ବା ସ୍କୋପ୍ ୧ ନିର୍ଗମନ ୨୦ ପ୍ରତିଶତ ବୃଦ୍ଧି ପାଇଛି, ଯାହାର ମୁଖ୍ୟ କାରଣ ହେଉଛି ଗୁଗୁଲ୍‌ର ଡାଟା ସେଣ୍ଟରଗୁଡ଼ିକର ଦ୍ରୁତ ସମ୍ପ୍ରସାରଣ ଏବଂ ସେଥିପାଇଁ ଆବଶ୍ୟକ ଇନ୍ଧନ ବ୍ୟବହାରରେ ବୃଦ୍ଧି । ଯଦିଓ ଦ୍ୱିତୀୟ ସ୍ତରର ନିର୍ଗମନରେ ସାମାନ୍ୟ ହ୍ରାସ ଘଟିଥିଲା, ତୃତୀୟ ସ୍ତରର ନିର୍ଗମନ ଯଥେଷ୍ଟ ବୃଦ୍ଧି ପାଇଥିଲା । ଗୁଗୁଲ୍ ଏହି ବୃଦ୍ଧି ପାଇଁ ମୁଖ୍ୟତଃ ନିଜର ବୈଷୟିକ ଭିତ୍ତିଭୂମି ହାର୍ଡୱେର୍ ନିର୍ମାଣ, ଲଜିଷ୍ଟିକ୍ସ ଏବଂ ନୂତନ ଡାଟା ସେଣ୍ଟର ନିର୍ମାଣକୁ ଦାୟୀ କରିଛି । ୨୦୧୯ ମସିହା ଠାରୁ ହିସାବ କଲେ ଗୁଗୁଲ୍‌ର ମୋଟ ନିର୍ଗମନରେ ୮୦ ପ୍ରତିଶତରୁ ଅଧିକ ବୃଦ୍ଧି ଘଟିଛି, ଯାହା ଏହାର ପରିବେଶ ସୁରକ୍ଷା ପ୍ରତିଶ୍ରୁତି ଉପରେ ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରୁଛି । ଅନ୍ୟ ଏକ ପ୍ରମୁଖ କମ୍ପାନୀ ଇ-କମର୍ସ ଜାଏଣ୍ଟ ଆମାଜନ୍‌ର ଅବସ୍ଥା ମଧ୍ୟ ଅନୁରୂପ ଅଟେ । ଆମାଜନ୍ ନିଜର ୨୦୨୫ ସସଟେନେବିଲିଟି ରିପୋର୍ଟରେ ପ୍ରକାଶ କରିଛି ଯେ ୨୦୨୪ ଠାରୁ ୨୦୨୫ ମଧ୍ୟରେ ଏହାର ସମ୍ପୂର୍ଣ୍ଣ ନିର୍ଗମନ ୧୬ ପ୍ରତିଶତ ବୃଦ୍ଧି ପାଇ ୮୦.୮୫ ନିୟୁତ ଟନ୍ (CO2e) ରେ ପହଞ୍ଚିଛି । ୨୦୧୯ ମସିହା ପରଠାରୁ ଆମାଜନ୍‌ର ନିର୍ଗମନ ୫୦ ପ୍ରତିଶତରୁ ଅଧିକ ବଢ଼ିଛି । ଆମାଜନ୍‌ର ମୋଟ କାର୍ବନ୍ ଫୁଟପ୍ରିଣ୍ଟର ୭୬ ପ୍ରତିଶତ କେବଳ ସ୍କୋପ୍ ୩ ନିର୍ଗମନରୁ ଆସିଥାଏ ଏବଂ ଏହା ୨୦୨୪ ତୁଳନାରେ ୨୦ ପ୍ରତିଶତ ବୃଦ୍ଧି ପାଇଛି । ଏଥିରେ ନୂତନ ବିଲ୍ଡିଂ ଏବଂ ଡାଟା ସେଣ୍ଟର ନିର୍ମାଣ, ତୃତୀୟ ପକ୍ଷ ପରିବହନକାରୀଙ୍କ ଦ୍ୱାରା ଇନ୍ଧନ ବ୍ୟବହାର ଏବଂ ଆମାଜନ୍ ବ୍ରାଣ୍ଡ ହାର୍ଡୱେର୍ ଉତ୍ପାଦନ ଅନ୍ତର୍ଭୁକ୍ତ। ଆମାଜନ୍ ଆହୁରି ମଧ୍ୟ ରିପୋର୍ଟ କରିଛି ଯେ ଗ୍ରାହକମାନଙ୍କର ଚାହିଦାକୁ ଦୃଷ୍ଟିରେ ରଖି ଏହା ୨୦୨୫ରେ ବିଶ୍ୱସ୍ତରରେ ଅନ୍ୟ ଯେକୌଣସି କମ୍ପାନୀ ତୁଳନାରେ ଅଧିକ ଡାଟା ସେଣ୍ଟର କ୍ଷମତା ଯୋଗ କରିଛି। ସେହିପରି ସଫ୍ଟୱେର୍ କମ୍ପାନୀ ମାଇକ୍ରୋସଫ୍ଟ ମଧ୍ୟ ରିପୋର୍ଟ କରିଛି ଯେ ୨୦୨୫ ରେ ଏହାର ମୋଟ ନିର୍ଗମନ ୨୫ ପ୍ରତିଶତ ବୃଦ୍ଧି ପାଇ ୨୦ ନିୟୁତ ଟନ୍‌ରେ ପହଞ୍ଚିଛି, ଯାହା ୨୦୨୪ ରେ ୧୬ ନିୟୁତ ଟନ୍ ଥିଲା । ମାଇକ୍ରୋସଫ୍ଟ ଏହି ବିପୁଳ ବୃଦ୍ଧି ପାଇଁ ସିଧାସଳଖ ଭାବରେ ନିଜର ଡାଟା ସେଣ୍ଟର ଭିତ୍ତିଭୂମିର ସମ୍ପ୍ରସାରଣକୁ ଦାୟୀ କରିଛି । ସୋସିଆଲ୍ ମିଡିଆ ଜାଏଣ୍ଟ ମେଟା ଚଳିତ ବର୍ଷ ଏହାର ନିର୍ଗମନ ତଥ୍ୟ ଏପର୍ଯ୍ୟନ୍ତ ପ୍ରକାଶ କରିନାହିଁ, କିନ୍ତୁ କମ୍ପାନୀର ଡାଟା ସେଣ୍ଟର ନିର୍ମାଣ ନୂତନ ଚିନ୍ତା ସୃଷ୍ଟି କରିଛି । ଆମେରିକାର ୱାଇଓମିଂ ରାଜ୍ୟରେ ଅଧିକାରୀମାନେ ନିର୍ମାଣାଧୀନ ଥିବା ଏକ ମେଟା ଡାଟା ସେଣ୍ଟରରୁ ବାହାରୁଥିବା ବର୍ଜ୍ୟବସ୍ତୁ ସହିତ କ୍ୟୁପ୍ରିଆଭିଡସ୍ ଗିଲାର୍ଡି ନାମକ ଏକ ବ୍ୟାକ୍ଟେରିଆର ସମ୍ପର୍କ ଥିବା ଦର୍ଶାଇଛନ୍ତି । ଏହା ପ୍ରମାଣିତ କରେ ଯେ କେବଳ ବାୟୁ ପ୍ରଦୂଷଣ ନୁହେଁ, ବରଂ ଜଳ ଏବଂ ପରିବେଶ ପ୍ରଦୂଷଣ କ୍ଷେତ୍ରରେ ମଧ୍ୟ ଏହି ଡାଟା ସେଣ୍ଟରଗୁଡ଼ିକ ବିପଦ ସୃଷ୍ଟି କରୁଛନ୍ତି ।

ଏହି ତିନୋଟି ଯାକ କମ୍ପାନୀ କ୍ଷେତ୍ରରେ ସ୍କୋପ୍ ୩ ନିର୍ଗମନ ସର୍ବାଧିକ ଅଂଶ ଗ୍ରହଣ କରିଥାଏ, କାରଣ ଏହାକୁ ନିୟନ୍ତ୍ରଣ କରିବା କିମ୍ବା ନୀତିଗତ ପରିବର୍ତ୍ତନ ମାଧ୍ୟମରେ ହ୍ରାସ କରିବା ଅପେକ୍ଷାକୃତ କଠିନ ଅଟେ । ତଥାପି, ଏହି ତିନୋଟି ବିଗ୍ ଟେକ୍ କମ୍ପାନୀର କାର୍ବନ୍ ନିର୍ଗମନ ବୃଦ୍ଧି ପଛରେ ଏଆଇ ଏକ ସାଧାରଣ ଏବଂ ମୁଖ୍ୟ କାରଣ ଭାବରେ ଉଭା ହୋଇଛି । ଏଆଇ ମଡେଲ୍‌ଗୁଡ଼ିକୁ ଚଳାଇବା ପାଇଁ ବିପୁଳ ପରିମାଣର ଶକ୍ତି ଏବଂ ଜଳର ଆବଶ୍ୟକତା ହୋଇଥାଏ । ଇଣ୍ଟରନ୍ୟାସନାଲ୍ ଏନର୍ଜି ଏଜେନ୍ସି ବା ଆନ୍ତର୍ଜାତିକ ଶକ୍ତି ସଂସ୍ଥା (ଆଇଇଏ) ର ଏକ ରିପୋର୍ଟ ଅନୁଯାୟୀ, ୨୦୨୪ ମସିହାରେ ସମଗ୍ର ବିଶ୍ୱରେ ଥିବା ଡାଟା ସେଣ୍ଟରଗୁଡ଼ିକ ପ୍ରାୟ ୪୧୫ ଟେରାୱାଟ୍ ଆୱାର୍ (TWh) ବିଦ୍ୟୁତ୍ ବ୍ୟବହାର କରିଥିଲେ । ଏଆଇର ବ୍ୟବହାର ବୃଦ୍ଧି ପାଇବା ସହିତ ଆଗାମୀ ବର୍ଷଗୁଡ଼ିକରେ ଏହି ବିଦ୍ୟୁତ୍ ଚାହିଦା ଦ୍ୱିଗୁଣିତ ବା ତିନିଗୁଣିତ ହେବାର ଆଶଙ୍କା ରହିଛି । କେବଳ ବିଦ୍ୟୁତ୍ ନୁହେଁ, ଏହି ଡାଟା ସେଣ୍ଟରଗୁଡ଼ିକୁ ଥଣ୍ଡା ରଖିବା ପାଇଁ ପ୍ରଚୁର ପରିମାଣର ମଧୁର ଜଳ ମଧ୍ୟ ବ୍ୟବହାର କରାଯାଉଛି । ବିଭିନ୍ନ ଗବେଷଣା ରିପୋର୍ଟ ଅନୁଯାୟୀ, ସମଗ୍ର ବିଶ୍ୱରେ ଏଆଇ ସିଷ୍ଟମ୍‌ଗୁଡ଼ିକ ୨୦୨୫ ମସିହାରେ ପ୍ରାୟ ୭୬୫ ବିଲିୟନ୍ ଲିଟର ଜଳ ବ୍ୟବହାର କରିଥିବାର ଅନୁମାନ କରାଯାଉଛି । ଏହା ସେହି ବର୍ଷ ବିଶ୍ୱର ସମୁଦାୟ ବୋତଲବନ୍ଦ ଜଳ ବ୍ୟବହାର ଠାରୁ ମଧ୍ୟ ଅଧିକ ଅଟେ । ଆଶ୍ଚର୍ଯ୍ୟର କଥା ହେଉଛି, ଚାଟ୍‌ଜିପିଟି ଭଳି ଏଆଇ ମଡେଲ୍‌କୁ ମାତ୍ର ୧୦ ରୁ ୫୦ ଟି ପ୍ରଶ୍ନ ପଚାରିବା ଦ୍ୱାରା ଡାଟା ସେଣ୍ଟରରେ ପ୍ରାୟ ୫୦୦ ମିଲିଲିଟର ପାଣି ଖର୍ଚ୍ଚ ହୋଇଥାଏ। ସାଧାରଣ ଇଣ୍ଟରନେଟ୍ ସର୍ଚ୍ଚ ତୁଳନାରେ ଏକ ଜେନେରେଟିଭ୍ ଏଆଇ ସର୍ଚ୍ଚ ଦଶ ଗୁଣ ଅଧିକ ଶକ୍ତି ଖର୍ଚ୍ଚ କରିଥାଏ । ଏହି ପରିସଂଖ୍ୟାନରୁ ସ୍ପଷ୍ଟ ହେଉଛି ଯେ ଆମର ସାଧାରଣ ଡିଜିଟାଲ୍ କାର୍ଯ୍ୟକଳାପ ପରିବେଶ ଉପରେ କେତେ ବଡ଼ ବୋଝ ପକାଉଛି ଏବଂ ଆମେ ଅଜାଣତରେ ଜଳବାୟୁ ପରିବର୍ତ୍ତନକୁ ତ୍ୱରାନ୍ୱିତ କରୁଛୁ ।

ଏହି ସବୁ ବାର୍ଷିକ ପରିବେଶ ରିପୋର୍ଟଗୁଡ଼ିକରେ ସୁନ୍ଦର ପ୍ରାକୃତିକ ଦୃଶ୍ୟ, ପ୍ରବାହିତ ନଦୀ ଏବଂ ନୀଳ ଆକାଶର ଚିତ୍ର ରହିଥାଏ, କିନ୍ତୁ ଏହାର ବାସ୍ତବ ଚିତ୍ର ସମ୍ପୂର୍ଣ୍ଣ ଭିନ୍ନ ଅଟେ । ବିଗ୍ ଟେକ୍ କମ୍ପାନୀଗୁଡ଼ିକର ସସଟେନେବିଲିଟି ରିପୋର୍ଟରୁ ଏହା ସ୍ପଷ୍ଟ ହେଉଛି ଯେ ଏଆଇ ଆମ ପରିବେଶକୁ ବିଷାକ୍ତ କରୁଛି ଏବଂ ଏଥିପାଇଁ ଏକ ବିପୁଳ ଶକ୍ତି ବିଲ୍ ପ୍ରଦାନ କରିବାକୁ ପଡୁଛି । ଯେତେବେଳେ କମ୍ପାନୀଗୁଡ଼ିକ ଡାଟା ସେଣ୍ଟର କ୍ଷମତା ବୃଦ୍ଧି କରିବାକୁ ପ୍ରତିଯୋଗିତା କରୁଛନ୍ତି, ସେତେବେଳେ ସେମାନେ ସ୍କୋପ୍ ୩ ନିର୍ଗମନ ହ୍ରାସ କରିବା ପାଇଁ ଦେଇଥିବା ପୂର୍ବ ପ୍ରତିଶ୍ରୁତିଗୁଡ଼ିକୁ ପାଳନ କରିବାରେ ସଂଘର୍ଷ କରୁଥିବା ସ୍ୱୀକାର କରୁଛନ୍ତି । ଅନେକ ପ୍ରଯୁକ୍ତିବିଦ୍ ଏଆଇ ଏବଂ ଡାଟା ସେଣ୍ଟରର ଶକ୍ତି ଚାହିଦାକୁ ସ୍ୱଚ୍ଛ ଶକ୍ତି ଆଡକୁ ଅଗ୍ରସର ହେବାର ଏକ ସୁଯୋଗ ବୋଲି ପ୍ରଚାର କରୁଥିଲେ ମଧ୍ୟ ବାସ୍ତବରେ ଏହି ରିପୋର୍ଟଗୁଡ଼ିକ ପ୍ରମାଣ କରୁଛି ଯେ ପ୍ରଦୂଷଣ ନିଃସନ୍ଦେହରେ ବୃଦ୍ଧି ପାଉଛି ଏବଂ ଏଆଇ ଏହାର ଏକ ପ୍ରମୁଖ କାରଣ ସାଜିଛି । କେବଳ କାଗଜପତ୍ର ବ୍ୟବହାର କମାଇବା କିମ୍ବା ପ୍ଲାଷ୍ଟିକ୍ ବ୍ୟବହାର ହ୍ରାସ କରିବା ଭଳି ଛୋଟ ପଦକ୍ଷେପଗୁଡ଼ିକ ଏହି ବିପୁଳ କାର୍ବନ୍ ନିର୍ଗମନର କ୍ଷତିପୂରଣ କରିପାରିବ ନାହିଁ । ଏଆଇର ପ୍ରକୃତ ମୂଲ୍ୟ କେବଳ ଆର୍ଥିକ ନୁହେଁ, ବରଂ ଏହା ଆମ ପୃଥିବୀର ଭବିଷ୍ୟତ ସହିତ ଜଡିତ ଅଟେ ।

ଏହି ପରିସ୍ଥିତି ଆଗାମୀ ଦିନରେ ସାମାଜିକ ସ୍ତରରେ ବଡ଼ ଆନ୍ଦୋଳନ ସୃଷ୍ଟି କରିବାର ସମ୍ଭାବନା ରହିଛି । ସ୍ଥାନୀୟ ବାସିନ୍ଦାମାନେ ନିଜ ଅଞ୍ଚଳରେ ଏଆଇ ଡାଟା ସେଣ୍ଟର ସ୍ଥାପନକୁ ବିରୋଧ କରିବା ଆରମ୍ଭ କଲେଣି, କାରଣ ଏହା ସ୍ଥାନୀୟ ଜଳ ଏବଂ ବିଦ୍ୟୁତ୍ ଯୋଗାଣ ଉପରେ ପ୍ରବଳ ଚାପ ପକାଉଛି ଏବଂ ଶବ୍ଦ ପ୍ରଦୂଷଣ ମଧ୍ୟ ସୃଷ୍ଟି କରୁଛି । ଆମେରିକାରେ ଏହା ଏକ ପ୍ରମୁଖ ନିର୍ବାଚନୀ ଏବଂ ରାଜନୈତିକ ପ୍ରସଙ୍ଗରେ ପରିଣତ ହେବାକୁ ଯାଉଛି । ତେବେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନେତୃତ୍ୱାଧୀନ ସରକାରଙ୍କ ପରିବେଶ ସୁରକ୍ଷା ରେକର୍ଡକୁ ଦେଖିଲେ ଏହା ଅନୁମାନ କରାଯାଏ ଯେ ବିଗ୍ ଟେକ୍ କମ୍ପାନୀଗୁଡ଼ିକୁ ନିଜସ୍ୱ ନିୟନ୍ତ୍ରଣ ବା ସେଲ୍ଫ-ରେଗୁଲେଟ୍ କରିବାକୁ ଛାଡ଼ି ଦିଆଯିବ ଏବଂ ସେମାନେ ନିଜର ଲାଭ ପାଇଁ ଯେପରି ଉଚିତ୍ ମଣିବେ ସେହିପରି କାର୍ଯ୍ୟ କରିବେ। ଏହାର ଅର୍ଥ ହେଉଛି କମ୍ପାନୀଗୁଡ଼ିକ ଉପରେ କୌଣସି କଠୋର ସରକାରୀ କଟକଣା ଲାଗୁ ହେବାର ସମ୍ଭାବନା କମ୍ ଅଟେ, ଯାହା ପରିବେଶ ପାଇଁ ଆହୁରି ବିପଜ୍ଜନକ ସାବ୍ୟସ୍ତ ହେବ । ସରକାରୀ ହସ୍ତକ୍ଷେପ ବିନା ଏହି କମ୍ପାନୀଗୁଡ଼ିକ କେବେହେଲେ ସ୍ୱେଚ୍ଛାକୃତ ଭାବରେ ନିଜର ବ୍ୟବସାୟିକ ସମ୍ପ୍ରସାରଣକୁ ରୋକିବେ ନାହିଁ କିମ୍ବା ପରିବେଶ ପାଇଁ ନିଜର ଲାଭକୁ ଜଳାଞ୍ଜଳି ଦେବେ ନାହିଁ ।

ପରିଶେଷରେ, ଏହା କହିବା ଅତ୍ୟୁକ୍ତି ହେବ ନାହିଁ ଯେ ଏଆଇ ଟେକ୍ନୋଲୋଜି ମାନବ ସଭ୍ୟତା ପାଇଁ ଅନେକ ନୂତନ ସୁଯୋଗ ଆଣିଦେଇଥିଲେ ମଧ୍ୟ ଏହାର ପରିବେଶଗତ ମୂଲ୍ୟକୁ ଅଣଦେଖା କରାଯାଇପାରିବ ନାହିଁ । କେବଳ କାଗଜପତ୍ରରେ ସବୁଜ ପରିବେଶର ସ୍ୱପ୍ନ ଦେଖାଇଲେ କିମ୍ବା ସାମାନ୍ୟ କାର୍ବନ୍ ନିର୍ଗମନ ହ୍ରାସର ବାହାନା କଲେ ବିଶ୍ୱର ଜଳବାୟୁ ସଙ୍କଟ ଦୂର ହୋଇପାରିବ ନାହିଁ । ବିଗ୍ ଟେକ୍ କମ୍ପାନୀଗୁଡ଼ିକୁ ନିଜର ବ୍ୟବସାୟିକ ଲାଭ ଏବଂ ଏଆଇ ଦୌଡ଼ରୁ ଊର୍ଦ୍ଧ୍ୱକୁ ଉଠି ପରିବେଶ ସୁରକ୍ଷା ପାଇଁ ବାସ୍ତବିକ ପଦକ୍ଷେପ ଗ୍ରହଣ କରିବାକୁ ପଡିବ । ଯଦି ବର୍ତ୍ତମାନ ଠାରୁ ଏହି ଅତ୍ୟଧିକ ଶକ୍ତି ଏବଂ ଜଳ ବ୍ୟବହାରକୁ ନିୟନ୍ତ୍ରଣ କରାଯାଇ ନବୀକରଣଯୋଗ୍ୟ ଶକ୍ତିର ସଠିକ୍ ବିନିଯୋଗ କରାଯାଏ ନାହିଁ, ତେବେ ଭବିଷ୍ୟତରେ ଏହି ବୈଷୟିକ ବିକାଶ ମାନବ ଜାତି ପାଇଁ ଏକ ଅଭିଶାପରେ ପରିଣତ ହେବ ।

# ବିଶ୍ୱ ଚର୍ଚ୍ଚିତ ଦାରୁ-ବ୍ରହ୍ମ ଦେବତା



## ଡକ୍ଟର ଲକ୍ଷ୍ମଣ ସାହୁ



ଶ୍ରୀକ୍ଷେତ୍ରରେ ବିରାଜିତ ଶ୍ରୀଜଗନ୍ନାଥ ହେଉଛନ୍ତି ବିଶ୍ୱ ପୂଜିତ ଦେବତା । କେବଳ ଓଡ଼ିଆ ଜାତିର ନୁହନ୍ତି, ସମଗ୍ର ଭାରତର ଅସ୍ମିତାର ପ୍ରତୀକ । ସେ ହେଉଛନ୍ତି ଶେଷ ଅବତାର କରୁଣାମୟ ବିଶ୍ୱ ଠାକୁର, ଚର୍ଚ୍ଚିତ ଦାରୁବ୍ରହ୍ମ ଦେବତା । ସେହିଁ କୃଷ୍ଣ, ସେହି ବିଷ୍ଣୁ । ସକଳ ଦେବାଦେବୀଙ୍କ ଗୁଣ ନିହିତ ବ୍ରହ୍ମାଣ୍ଡ ଠାକୁର । ବୈଦିକ, ଅବୈଦିକ, ଜୈନ, ବୌଦ୍ଧ, ଶାକ୍ତ, ଗାଣପତ୍ୟ, ସୌର, ଶୈବ, ନାଥ, ଶାବର, କବୀରପନ୍ଥୀ, ନାନକପନ୍ଥୀ, ଆର୍ଯ୍ୟ, ଅନାର୍ଯ୍ୟ, ମୁସଲମାନ, ଖ୍ରୀଷ୍ଟିଆନ ସମସ୍ତେ ତାଙ୍କର ଶରଣାପନ୍ନ । ତାଙ୍କର ଅପଲକ ଚକାଆଖିରେ ସକଳେ ସମାନ। ନା ତାଙ୍କ ନିକଟରେ ଅଛି ସାନ ବଡ଼, ଧନୀ ନିର୍ଦ୍ଧନ, ରୋଗୀ ନିରୋଗ, ଜାତି ଅଜାତି, ଛୁଆଁ ଅଛୁଆଁ, ଭେଦ ଅଭେଦ ଭାବ ପ୍ରତିକ୍ରିୟା । ସେ ଜଣଙ୍କର ନୁହନ୍ତି ସେ ଗଣଙ୍କର, ଅଖିଳ ବିଶ୍ୱର ଗଣଦେବତା । ସେହି ଦାରୁବ୍ରହ୍ମ ଜଗନ୍ନାଥ ହେଉଛନ୍ତି ପୂର୍ଣ୍ଣବ୍ରହ୍ମ । ଅସୀମ, ଅନିତ୍ୟ, ନିର୍ଗୁଣ । ତାଙ୍କର ଦିବ୍ୟ କୃପା ହେଲେ ତାଙ୍କୁ ଜାଣିବା ଭକ୍ତ ପକ୍ଷେ ସମ୍ଭବ ହୋଇଥାଏ । ସେ ଚିର ରହସ୍ୟମୟ ଭାବର ଠାକୁର, ସମଗ୍ର ଓଡ଼ିଆ ଜାତିର ପ୍ରାଣବିନ୍ଦୁ । ସର୍ବ ରହସ୍ୟଂ ପୁରୁଷୋତ୍ତମସ୍ୟ / ଦେବା ନ ଜାଣନ୍ତି କୃତଃ ମନୁଷ୍ୟ ।

ଶ୍ରୀମଦ୍‌ଭାଗବଦ୍ ଗୀତାର ସେ କ୍ଷର-ଅକ୍ଷର-ପୁରୁଷୋତ୍ତମ । ଅର୍ଥାତ୍ କ୍ଷର ହେଉଛନ୍ତି ପରିଦୃଶ୍ୟମାନା ପ୍ରକୃତି ବା ସୁଭଦ୍ରା । ଅକ୍ଷର ହେଉଛନ୍ତି ବଳଭଦ୍ର ଓ ପୁରୁଷୋତ୍ତମ ହେଉଛନ୍ତି ପରମାତ୍ମା ଜଗତ୍ ପ୍ରଭୁ ଶ୍ରୀଜଗନ୍ନାଥ । ଭକ୍ତ କ୍ଷର ଓ ଅକ୍ଷର ଠାରୁ ସ୍ୱତନ୍ତ୍ର ସେହି ପରମାତ୍ମା ବା ପୁରୁଷୋତ୍ତମ ଜାଣି ପାରିଲେ ଅନ୍ୟ କିଛି ଜାଣିବା ଆବଶ୍ୟକ ନଥାଏ। ପୁରୁଷୋତ୍ତମଙ୍କୁ ଜାଣିବା ହିଁ ତା' ଜନ୍ମର ସାର୍ଥକତା । ତାଙ୍କର ବିଗ୍ରହ ପୂଜା ପାର୍ବଣ ସ୍ୱୟମ୍ଭୁ ମନୁଙ୍କ ପୂର୍ବରୁ ସମାଜରେ ପ୍ରଚଳିତ ଥିବା ଶାସ୍ତ୍ରରେ ଉଲ୍ଲେଖ ରହିଛି । ସେହି ସୃଷ୍ଟିର ଏକମାତ୍ର ଆଦ୍ୟ ଦେବତା ସକଳ ଧର୍ମ ଦର୍ଶନର ପ୍ରତିନିଧିତ୍ୱ କରି ଅବିଚଳିତ ମହିମାରେ ପ୍ରତ୍ୟୟମାନ ହୋଇଆସୁଛନ୍ତି। ସେ ସତ୍- ଚିତ୍-ଆନନ୍ଦ ସଚ୍ଚିଦାନନ୍ଦ । ସେହି ପରମ ପରଂବ୍ରହ୍ମ । ତାଙ୍କ ବିଗ୍ରହ ପରମବ୍ରହ୍ମଙ୍କର ସ୍ମାରକୀ ସ୍ୱରୂପ ପ୍ରତୀକ। ତାଙ୍କର କୌଣସି ନିର୍ଦ୍ଦିଷ୍ଟ ରୂପ ନାହିଁ, ସେ ଅରୂପା, ଅଥଚ ସର୍ବରୂପ । 'ଶ୍ୱେତାଶ୍ୱେତ' ଉପନିଷଦରେ ଉଲ୍ଲେଖ ଅଛି -'ଅପାଣି ପାଦୋ ଜବନ ଗ୍ରହୀତା / ପଶ୍ୟତ୍ୟଚକ୍ଷୁ ସ ଶ୍ରୁଣୋତ୍ୟକର୍ଣ୍ଣଃ/ ସ ବେତ୍ତି ବେଦ୍ୟଂ ନ ଚ ତସ୍ୟ ବେତ୍ତା / ତମାହୁରଗ୍ର୍ୟଂ ପୁରୁଷଂ ମହାନ୍ତମ୍ ।'

ଅଥାର୍ଥ ସର୍ବତ୍ର ସେହି ପରଂବ୍ରହ୍ମଙ୍କ ହସ୍ତପଦ, ତାଙ୍କର ଚକ୍ଷୁ, ମସ୍ତକ ଓ ମୁଖ ଓ କର୍ଣ୍ଣ । ସେ ସର୍ବବ୍ୟାପୀ ସଚରାଚର । ସେ ସକଳ ଇନ୍ଦ୍ରିୟର ପ୍ରକାଶକ, ଅଥଚ ସେ ଇନ୍ଦ୍ରିୟ ବିବର୍ଜିତ । ତାଙ୍କର ହସ୍ତ ନଥାଇ ସେ ଗ୍ରହଣ କରନ୍ତି, ସେଭଳି ପଦ ନଥାଇ ସେ ଗମନ କରନ୍ତି, ଚକ୍ଷୁ ନଥାଇ ସେ ସର୍ବଦର୍ଶୀ, କର୍ଣ୍ଣ ନଥାଇ ସବୁ ଶ୍ରବଣ କରନ୍ତି । ଜଗତର ନାଥ ଜଗନ୍ନାଥ ହେଉଛନ୍ତି ସେହି ପରମବ୍ରହ୍ମଙ୍କର ପ୍ରତୀକ। ତେଣୁ ତାଙ୍କର ବିଗ୍ରହ ପୂର୍ବାବଧି ହସ୍ତପଦ ଶୂନ୍ୟ ଓ କର୍ଣ୍ଣ ବିହୀନ ଅବସ୍ଥାରେ ନିର୍ମିତ ହେଉଛନ୍ତି । ବିଶେଷ କରି ତାଙ୍କ ବିଗ୍ରହ ଦାରୁବ୍ରହ୍ମ ଭାବେ ବିରାଜିତ । କହିବାକୁ ଗଲେ ସେ ଅନ୍ୟ ଦେବଦେବୀଙ୍କ ବିଗ୍ରହ ପରି ଧାତବ ବା ପ୍ରସ୍ତରର ବିଗ୍ରହ ନୁହନ୍ତି। ତାଙ୍କର ବିଗ୍ରହ କେବଳ ନିମ୍ବ ଦାରୁରେ ନିର୍ମିତ ହୁଏ । ଦାରୁ ତାଙ୍କ ବିଗ୍ରହକୁ ପ୍ରାଣମୟ କରିଥାଏ । ସେହି ଦାରୁବ୍ରହ୍ମ ଦାରୁଦେବତା ପ୍ରାଣବାନ ଅଟନ୍ତି । କାରଣ ବୃକ୍ଷ ନିର୍ଜୀବ ନୁହେଁ । ତା'ର ପ୍ରାଣ ଅଛି । ତେଣୁ ଆଦିମ ଯୁଗରୁମାନବ ବୃକ୍ଷକୁ ଆଶ୍ରୟ କରି ଜୀବନ ଧାରଣ କରି ଚଳିଛି କେବଳ ନୁହେଁ, ବରଂ ତାକୁ ଅତିଭୌତିକ ଶକ୍ତି ମନେକରି ପୂଜା ଅର୍ଚ୍ଚନା ଉପାସନା କରି ଆସିଛି ।

ଦାରୁ ବିଗ୍ରହ ଉପାସନାର ପରମ୍ପରା ଏକ ପ୍ରାଚୀନ ଉତ୍କଳୀୟ ସଂସ୍କୃତି । ବିଶ୍ୱର ବୈଚିତ୍ର୍ୟମୟ ଦାରୁ ରୁପେ ଜଗନ୍ନାଥ ସେହି ଦାରୁମୂର୍ତ୍ତି ସଂସ୍କୃତିର ଏକାନ୍ତ ପ୍ରତୀକ । ଦାରୁମୂର୍ତ୍ତି ସଂସ୍କୃତିର ଆଦି ସ୍ରଷ୍ଟା ସ୍ୱୟଂ ପ୍ରଭୁ ଜଗନ୍ନାଥ । ତେଣୁ ମାନବ ସଂସ୍କୃତିର ଆଦି ପ୍ରକାଶ ହିଁ କେବଳ ଜଗନ୍ନାଥ ସଂସ୍କୃତିରେ ଘଟିଛି ।

ପୁରୁଷୋତ୍ତମ ବିହାରୀ ଶ୍ରୀଜଗନ୍ନାଥ ଦାରୁ ଦେବତା । ଆଦି ମାନବ ପ୍ରଥମେ ଦାରୁକୁ ଦେବତା ଭାବେ ପୂଜା କରିଆସିଛି। ସେହି ପୂଜା ପରମ୍ପରା ଅଦ୍ୟାବଧି ଆଦି ମାନବ ସମାଜରେ ବିଦ୍ୟମାନ । ବୈଦିକ ଆର୍ଯ୍ୟ ମାନଙ୍କ ପାଇଁ ମଧ୍ୟ ଦାରୁ ଥିଲେ ଦେବତା । ଆଦି ମାନବ ଦାରୁ ଦେବତା ସଂସ୍କୃତିରୁ କେବେ ବିଚ୍ୟୁତ ନୁହନ୍ତି । ଗୋଟିଏ ମହାନ୍ ଧାରଣାର ଧାରକ ସେମାନେ । ବୃକ୍ଷ ବା ଦାରୁ ହିଁ ପ୍ରକୃତି । ପ୍ରକୃତି ହିଁ ପରମବ୍ରହ୍ମ । ଶବର ସଭ୍ୟତା ଏପର୍ଯ୍ୟନ୍ତ ଦାରୁର ପ୍ରାଧାନ୍ୟ ନିକଟରେ ନିମଳିତ ନୁହେଁ । ଜନ୍ମ ଠାରୁ ମୃତ୍ୟୁ, ଏନ୍ତୁଡ଼ିଶାଳ ଠାରୁ ଶ୍ମଶାନ ପର୍ଯ୍ୟନ୍ତ ଦାରୁର ଭୂମିକାକୁ ଅସ୍ୱୀକାର କରିପାରେ ନାହିଁ । ଜୀବଦ୍ଦଶା ମଧ୍ୟ, ଦାରୁ ସର୍ବସ୍ୱ । ଯେତେବେଳେ ଦାରୁ ମାନବର ଜନ୍ମ, ଜୀବନ ଓ ମରଣ ସହିତ ନିବିଡ଼ ଭାବେ ଜଡ଼ିତ, ସେତେବେଳେ ଆଦିମାନବୀୟ ଆଧାତ୍ମିକ ସଂସ୍କୃତି ପ୍ରକୃତିର ପରମ ଉପଜୀବ୍ୟ ଦାରୁ ହିଁ ଦେବତା ରୂପେ ପୂଜିତ ହେବା ଅସମ୍ଭବନୁହେଁ । ସେଥିପାଇଁ ବୃକ୍ଷ ଉପାସନାରୁ ହିଁ ଦାରୁ ଦେବତା ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ପର୍ବର ମର୍ଯ୍ୟାଦା ବିଶ୍ୱ ବିଦିତ ହୋଇ ଆସୁଛି ।

ପ୍ରାଚୀନ କାଳରୁ ଶବରମାନେ ମହୋଦଧି କୂଳରେ ଗୋଟିଏ କୁଟୀର ମଧ୍ୟରେ ବୃକ୍ଷଗଣ୍ଡିକୁ ଅଥାର୍ଥ ଦାରୁକୁ ରଖି ପୂଜା କରି ଆସୁଥିଲେ । ସେହି କୁଟୀରରେ ଦ୍ରାବିଡ଼ ଶବ୍ଦ ଗୁଡିସା ବ୍ୟବହାର କରାଯାଉଥିଲା। ପାରମ୍ପରିକ ରୀତିନୀତିରେ ଶବରମାନେ ବୃକ୍ଷ ଦେବତାଙ୍କୁ ରଥରେ ନେଇ ଅନ୍ୟ କୁଟୀରରେ ରଖିବାର ଯାତ୍ରାକୁ ଗୁଡିସା ଯାତ୍ରା ପରବର୍ତ୍ତୀ ସମୟରେ ଗୁଣ୍ଡିଚା ଯାତ୍ରା ରୂପେ ଖ୍ୟାତ ହୋଇଛି । ଅଦ୍ୟାବଧି ସେହି ଶବରମାନଙ୍କ ବଂଶଜ ଦଇତା ମାନଙ୍କ ଦ୍ୱାରା ଗୁଣ୍ଡିଚା ଯାତ୍ରା ସମାହିତ ହେଉଛି । ଶାବରୀ ଭାଷାରେ କୁନଡିଜା ଅଥାର୍ଥ ସେହି ଗଣ୍ଡି ଅପଭ୍ରଂଶ ହୋଇ ଗୁଣ୍ଡିଚା ନାମରେ ନାମିତ ହୋଇ ଗୁଣ୍ଡିଚା ଯାତ୍ରା ଭାବେ ପରିଗଣିତ ହୋଇଛି । ଶବର ଦେବତା ଜଗନ୍ନାଥ ବେଦ ପରବର୍ତ୍ତୀ ପୁରାଣ ଯୁଗରେ ଆର୍ଯ୍ୟ ଜାତିର ଉପାସ୍ୟ ହୋଇ ଗୁଣ୍ଡିଚା ଯାତ୍ରା ପରମ୍ପରାରେ ଘୋଷ ପର୍ବ ଭାବେ ପାଳିତ ହେଉଛି । ପରମବ୍ରହ୍ମଙ୍କର ବିଗ୍ରହ ନିମ୍ବ ବୃକ୍ଷର ଗଣ୍ଡିକୁ ନିର୍ବାଚନ କରିବାରେ ବୈଜ୍ଞାନିକ ଦୃଷ୍ଟିଭଙ୍ଗୀ ରହିଛି। ବିଗ୍ରହ ଶୁଷ୍କ କାଠରେ ନିର୍ମିତ ନହୋଇ ସଦ୍ୟ କର୍ତ୍ତିତ ହୋଇଥିବା ଦାରୁରେ ନିର୍ମିତ ହୁଏ । କାରଣ ଦାରୁ ବୃକ୍ଷ ରସପୂର୍ଣ୍ଣ ରହିଥାଏ । 'ସ୍ଥାବରାଣାମ୍ ରସୋ ପ୍ରାଣଃ - ବିଶେଷ କରି ସେହି ରସ, ଦାରୁରେ ବାର ବର୍ଷ ପର୍ଯ୍ୟନ୍ତ ଅଶୁଷ୍କ ଅବସ୍ଥାରେ ରହିଥାଏ । ତେଣୁ ପ୍ରତ୍ୟେକ ବାର ବର୍ଷ ପରେ ଦାରୁବ୍ରହ୍ମଙ୍କୁ ବିସର୍ଜନ କରାଯାଇ ନବକଳେବର କରାଯିବାର ସ୍ୱତନ୍ତ୍ର ବିଧି ରହିଛି । ଏହି ନବକଳେବର ପୁଣି ଦୋ ଆଷାଢ଼ି ବର୍ଷରେ କରାଯିବାର ପାରମ୍ପରିକ ବିଧିବିଧାନ ରହିଛି । କାରଣ ଆଷାଢ଼ ମାସରେ ନିମ୍ବ ବୃକ୍ଷ ପୂର୍ଣ୍ଣ ମାତ୍ରାରେ ରସଯୁକ୍ତ ହୋଇଥାଏ । ତେଣୁ ବାର ବର୍ଷ ପରେ ଶୁଷ୍କ ଦାରୁବ୍ରହ୍ମଙ୍କୁ ବିସର୍ଜନ କରାଯାଇ ସେଠାରେ ନୂତନ ବିଗ୍ରହଙ୍କୁ ସ୍ଥାପନ କରାଯାଏ ।

ଯୁଗ ଯୁଗ ଧରି ମହାପ୍ରଭୁ ଜଗନ୍ନାଥଙ୍କ ଏହି ଦାରୁ-ବ୍ରହ୍ମ ବିଗ୍ରହ କେବଳ ମାନବ ଜାତିକୁ ଚେତାଇ ଦେଉଛି ଜନ୍ମ ମୃତ୍ୟୁର ରହସ୍ୟ । ଏ ଶରୀର ଅସ୍ଥାୟୀ, ମରଣଶୀଳ । କିନ୍ତୁ ଶରୀର ମଧ୍ୟରେ ଅଧିଷ୍ଠିତ ପ୍ରାଣ ବା ଆତ୍ମା ସେହି ମହାପ୍ରାଣର ଅଂଶ ବିଶେଷ । ସେହି ଆତ୍ମା ହିଁ ହେଉଛନ୍ତି ପୁରୁଷୋତ୍ତମ ପରମବ୍ରହ୍ମ । ତେଣୁ ଆତ୍ମାର କେବେ ମୃତ୍ୟୁ ନାହିଁ । କେବଳ ମାତ୍ର ଘଟ ପରିବର୍ତ୍ତନ ଘଟେ । ମହାପୁରୁଷ ସନ୍ଥ ଅଚ୍ୟୁତାନନ୍ଦ' ଶୂନ୍ୟ ସଂହିତା'ରେ କହିଛନ୍ତି - ଅବତାର ଦଶ ଏହି ଦାରୁରୂପ/ ଏହି ଦାରୁରେ ସେ ଲୀନ / ଈଶ୍ୱର ସାଖ୍ୟାତେ ଲୀଳାର ନିମନ୍ତେ/ ବିଜେ ରତ୍ନ ସିଂହାସନ ।'

ତେଣୁ ସେହି ଲୀଳାମୟ ରହସ୍ୟମୟ ଠାକୁର ପୁରୁଷୋତ୍ତମ, ଦାରୁ ବ୍ରହ୍ମ ଦାରୁଦେବତା ଜଗନ୍ନାଥ ଶ୍ରୀମନ୍ଦିର ରତ୍ନସିଂହାସନ ଛାଡ଼ି ବଡ଼ଦାଣ୍ଡକୁ ଓହ୍ଲାଇ ଆସି ଆପଣାର ଜନ୍ମ ପୀଠ ଶ୍ରୀଗୁଣ୍ଡିଚା ମନ୍ଦିରକୁ ଯାତ୍ରା କରନ୍ତି । ଜାତି, ଧର୍ମ, ସଂପ୍ରଦାୟ ନିର୍ବିଶେଷରେ ଅଗଣିତ ବିଶ୍ୱବାସୀ ତାଙ୍କୁ ଦର୍ଶନ ଓ ସ୍ପର୍ଶ କରିବାର ସୌଭାଗ୍ୟ ଲାଭ କରନ୍ତି । ସତ୍ୟ, ଶାନ୍ତି ଓ ବିଶ୍ୱ ପ୍ରତୀକ ଜଗନ୍ନାଥଙ୍କୁ ଦର୍ଶନ କରି ମୋକ୍ଷ ଲାଭ କରିବାର ବିଶ୍ୱାସ ରହିଛି । ତାଙ୍କରି ଦର୍ଶନରେ 'ପୁନରୋପି ଜନ୍ମଂ, ପୁନରୋପି ମରଣଂ' ଘୂର୍ଣ୍ଣିରୁ ରକ୍ଷା ମିଳେ...!!!

+ଅଧ୍ୟକ୍ଷ, ମହାନଦୀ ବିହାର
ମହିଳା ସ୍ନାତକ ମହାବିଦ୍ୟାଳୟ,
କଟକ- ୪
ମୋ: ୯୦୪୦ ୧୫୧୪୭୫

# ଅଣସର : ଦର୍ଶନରୁ ଅନୁଭବ ପର୍ଯ୍ୟନ୍ତ



## ମିଳନ କୁମାର ମିଶ୍ର (ଭରଦ୍ୱାଜ)

ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରତ୍ୟେକ ପର୍ବ ଓ ପରମ୍ପରା ନିଜ ଭିତରେ ଏକ ଗଭୀର ଆଧାତ୍ମିକ ତତ୍ତ୍ୱକୁ ଧାରଣ କରିଛି। ସେହି ତତ୍ତ୍ୱ ମଧ୍ୟରେ ଅଣସର ଏକ ଅନନ୍ୟ ଅଧ୍ୟାୟ। ସ୍ନାନପୂର୍ଣ୍ଣିମାରେ ୧୦୮ ଗରା ଜଳରେ ମହାସ୍ନାନ ପରେ ଶ୍ରୀଜୀଉମାନେ ଅସୁସ୍ଥ ହୁଅନ୍ତି ଏବଂ ପ୍ରାୟ ପନ୍ଦର ଦିନ ପାଇଁ ସାଧାରଣ ଦର୍ଶନରୁ ଅନ୍ତର୍ହିତ ହୁଅନ୍ତି । ଏହି ସମୟକୁ ଅଣସର କୁହାଯାଏ । ବାହ୍ୟ ଦୃଷ୍ଟିରୁ ଏହା ମହାପ୍ରଭୁଙ୍କ ଅସୁସ୍ଥତାର କାହାଣୀ ହୋଇପାରେ; କିନ୍ତୁ ଅନ୍ତର୍ଦୃଷ୍ଟିରେ ଏହା ଭକ୍ତଙ୍କ ଆଧାତ୍ମିକ ପରିପକ୍ୱତାର ଏକ ସାଧନା ।

ଆମେ ସାଧାରଣତଃ ଦର୍ଶନକୁ ଭକ୍ତିର ପରମ ଲକ୍ଷ୍ୟ ବୋଲି ଭାବୁ । ଆଖିରେ ଦେଖିବା, ହାତ ଯୋଡ଼ିବା ଓ ପ୍ରଣାମ କରିବାକୁ ହିଁ ଦର୍ଶନର ପରିପୂର୍ଣ୍ଣତା ମନେ କରୁ । କିନ୍ତୁ ଅଣସର ଆମକୁ ଶିଖାଏ— ଦର୍ଶନ ନ ଥିଲେ ମଧ୍ୟ ଭକ୍ତି ଥାଏ; ବରଂ ଅନେକ ସମୟରେ ଦର୍ଶନର ଅଭାବ ହିଁ ଅନୁଭବର ଗଭୀରତାକୁ ବଢ଼ାଇ ଦିଏ । ଯେତେବେଳେ ମହାପ୍ରଭୁ ଆଖି ସାମ୍ନାରେ ନ ଥାଆନ୍ତି, ସେତେବେଳେ ସେ ହୃଦୟରେ ଅଧିକ ନିବିଡ଼ ଭାବେ ବିରାଜମାନ କରନ୍ତି ।

ଏହି ଅଣସର ଭକ୍ତିକୁ ଦୃଶ୍ୟରୁ ଅଦୃଶ୍ୟ, ମୂର୍ତ୍ତିରୁ ଅମୂର୍ତ୍ତ ଏବଂ ବାହ୍ୟରୁ ଆନ୍ତରିକ ସ୍ତରକୁ ଉନ୍ନୀତ କରେ । ମହାପ୍ରଭୁଙ୍କ ଅନୁପସ୍ଥିତିରେ ଭକ୍ତର ହୃଦୟରେ ବିରହ ଜାଗ୍ରତ ହୁଏ । ଏହି ବିରହ କେବଳ ଭାବବିହ୍ୱଳତା ନୁହେଁ; ଏହା ଆଧାତ୍ମିକ ଉତ୍କର୍ଷର ସୋପାନ । ବୈଷ୍ଣବ ସାହିତ୍ୟରେ ବିରହକୁ ମିଳନଠାରୁ ମଧ୍ୟ ଅଧିକ ଗଭୀର ଅନୁଭୂତି ବୋଲି କୁହାଯାଇଛି । ରାଧାଙ୍କ ବିରହ, ଚୈତନ୍ୟ ମହାପ୍ରଭୁଙ୍କ କୃଷ୍ଣପ୍ରେମ କିମ୍ବା ସାଲବେଗଙ୍କ ଜଗନ୍ନାଥ ବିରହ ସବୁଠି ଏହି ସତ୍ୟର ପ୍ରତିଫଳନ ଦେଖାଯାଏ । ଶ୍ରୀଜଗନ୍ନାଥଙ୍କ ଅଣସର ଆଉ ଏକ ମହାନ ବାର୍ତ୍ତା ଦିଏ । ଦାରୁବ୍ରହ୍ମ ହୋଇ ମଧ୍ୟ ସେ ମାନବୀୟ ଲୀଳା କରନ୍ତି । ସେ ଅସୁସ୍ଥ ହୁଅନ୍ତି, ବିଶ୍ରାମ ନିଅନ୍ତି, ଔଷଧ ସେବନ କରନ୍ତି, ସୁସ୍ଥ ହୋଇ ପୁଣି ଭକ୍ତଙ୍କୁ ଦର୍ଶନ ଦିଅନ୍ତି । ଈଶ୍ୱରଙ୍କ ଏହି ମାନବୀୟ ରୂପ ଜଗନ୍ନାଥ ସଂସ୍କୃତିର ସର୍ବଶ୍ରେଷ୍ଠ ବୈଶିଷ୍ଟ୍ୟ ।

ଅଣସର ସମୟରେ ଭକ୍ତମାନେ ବ୍ରହ୍ମଗିରିର ଅଲାରନାଥଙ୍କ ଦର୍ଶନ କରିବାକୁ ଯାଆନ୍ତି । ଏହା କେବଳ ଏକ ବିକଳ୍ପ ଦର୍ଶନ ନୁହେଁ; ବରଂ ଏହା ଏହି ବୋଧର ପ୍ରତୀକ ଯେ, ଭଗବାନ କେବଳ ଗୋଟିଏ ସ୍ଥାନରେ ସୀମିତ ନୁହଁନ୍ତି । ସେ ଭକ୍ତର ଭାବରେ, ପ୍ରେମରେ ଓ ବିଶ୍ୱାସରେ ସର୍ବତ୍ର ବିରାଜମାନ ।

ଅଣସରର ଆଉ ଏକ ଗୁଢ଼ ତାତ୍ପର୍ଯ୍ୟ ହେଉଛି ଆତ୍ମ-ଅନୁସନ୍ଧାନ । ଜୀବନରେ ଯେପରି ଶରୀରକୁ ବିଶ୍ରାମ ଦରକାର, ସେପରି ମନକୁ ମଧ୍ୟ ନିରବତା ଦରକାର। ଅବିରତ ବ୍ୟସ୍ତତା ମଣିଷକୁ ନିଜଠାରୁ ଦୂରେଇ ଦିଏ । ଅଣସର ଆମକୁ କହେ—କିଛି ସମୟ ପାଇଁ ବାହାର ଜଗତରୁ ନିଜକୁ ପ୍ରତ୍ୟାହାର କର, ଅନ୍ତରର ମନ୍ଦିରକୁ ପ୍ରବେଶ କର, ନିଜ ଭିତରେ ଥିବା ଚେତନାକୁ ଅନୁଭବ କର। ଏହି ଆତ୍ମଦର୍ଶନ ହିଁ ପ୍ରକୃତ ଈଶ୍ୱରଦର୍ଶନର ପଥ । ରଥଯାତ୍ରା ପୂର୍ବରୁ ଅଣସର ଏକ ମାନସିକ ପ୍ରସ୍ତୁତି । ଦୀର୍ଘ ପ୍ରତୀକ୍ଷା ପରେ ଯେତେବେଳେ ନବଯୌବନ ବେଶରେ ମହାପ୍ରଭୁ ଭକ୍ତଙ୍କ ସାମ୍ନାକୁ ଆସନ୍ତି, ସେତେବେଳେ ସେହି ଦର୍ଶନ କେବଳ



ଚକ୍ଷୁର ଆନନ୍ଦ ହୋଇ ରହେନାହିଁ; ଏହା ଆତ୍ମାର ଏକ ମହୋତ୍ସବରେ ପରିଣତ ହୁଏ। ବିରହର ଅନ୍ଧକାର ପରେ ମିଳନର ଆଲୋକ ଅଧିକ ଉଜ୍ଜ୍ୱଳ ଲାଗେ । ସେଥିପାଇଁ ଅଣସର ବିନା ରଥଯାତ୍ରାର ଆନନ୍ଦ ମଧ୍ୟ ପୂର୍ଣ୍ଣତା ପାଏ ନାହିଁ । ଆଜିର ଯାନ୍ତ୍ରିକ ଜୀବନରେ ଅଣସରର ପ୍ରାସଙ୍ଗିକତା ଆହୁରି ବଢ଼ିଯାଇଛି । ଆମେ ସବୁବେଳେ ଦେଖିବା, ପାଇବା ଓ ଭୋଗ କରିବାରେ ବ୍ୟସ୍ତ । କିନ୍ତୁ ଅନୁଭବ କରିବାକୁ ଭୁଲିଯାଉଛୁ । ଅଣସର ଶିଖାଏ ଭକ୍ତିର ଶ୍ରେଷ୍ଠ ରୂପ ଆଖିରେ ନୁହେଁ, ହୃଦୟରେ; ମନ୍ଦିରରେ ନୁହେଁ, ମନରେ; ଦର୍ଶନରେ ନୁହେଁ, ଅନୁଭବରେ । ତେଣୁ ଅଣସର କେବଳ ମହାପ୍ରଭୁଙ୍କ ବିଶ୍ରାମର ସମୟ ନୁହେଁ; ଏହା ଭକ୍ତର ଅନ୍ତର୍ଜାଗରଣର ସମୟ । ଏହା ଆମକୁ ଶିଖାଏ ଯେ, ଈଶ୍ୱରଙ୍କୁ କେବଳ ଆଖିରେ ଦେଖିଲେ ହୁଏନାହିଁ—ତାଙ୍କୁ ହୃଦୟରେ ଅନୁଭବ କରିବାକୁ ହୁଏ । ଦର୍ଶନ କ୍ଷଣିକ ହୋଇପାରେ, କିନ୍ତୁ ଅନୁଭବ ଚିରନ୍ତନ । ସେଥିପାଇଁ ଅଣସର ଆମକୁ ଦର୍ଶନରୁ ଅନୁଭବ, ରୂପରୁ ତତ୍ତ୍ୱ ଏବଂ ଭକ୍ତିରୁ ଆତ୍ମସାକ୍ଷାତ୍କାରର ପଥରେ ଅଗ୍ରସର କରାଏ ।

+ମାର୍ଫତ୍: ମନ୍ମଥ କୁମାର ମିଶ୍ର
ବିଶ୍ୱେଶ୍ୱପୁର୍ ଶାସନ, କେନ୍ଦୁଝର
ବଜାର
କେନ୍ଦୁଝର-୭୫୮୦୦୨
ମୋ: ୭୦୦୮୨୪୧୨୮୭

କବିତା କୋଣାର୍କ

## ରଥର ଉପରେ ଜଗା...

### ହେମନ୍ତ କୁମାର ଗନ୍ତାୟତ



ରଥର ଉପରେ ଜଗା ତୁ ଥିବୁରେ
ପଥରେ ମୁଁ ଚାହୁଁଥିବି
ରଙ୍ଗ ଅଧରରେ ହସୁଣ ଥିବୁରେ
ତୋ' ମୁଖ ମୁଁ ଦେଖୁଥିବି
ରଥର ଉପରେ ଜଗା ତୁ ଥିବୁରେ
ପଥରେ ମୁଁ ଚାହୁଁଥିବି ....

ପଣ୍ଡା ପଢିଆରି ଦଇତା ତୋହରି
ବୋଲୁଥିବେ ହରିବୋଲ
ବେତକୁ ହଲାଇ ଡାକ ଛାଡୁଥିବ
ଡାହୁକ ନ ମାନି ବୋଲ

ରଥର ଉପରେ ଜଗା ତୁ ଥିବୁରେ
ପଥରେ ମୁଁ ଚାହୁଁଥିବି ....

ଘଣ୍ଟୁଆରୀ ଘଣ୍ଟା ହଲାଇଣ ଅଣ୍ଟା
ଘଣ୍ଟକୁ ବଜାଉ ଥିବେ
ଭେରୀ ପେଁକାଳି ମର୍ଦ୍ଦଳ କାହାଳୀ
ଜୟ ଧ୍ୱନି କରୁଥିବେ
ରଥର ଉପରେ ଜଗା ତୁ ଥିବୁରେ
ପଥରେ ମୁଁ ଚାହୁଁଥିବି ....

ଦାଣ୍ଡର ମଝିରେ ଆନନ୍ଦ ମତିରେ
ଦେଖାଇ ବିବିଧ ଠାଣି
ଗୋଟିପୁଅ ନୃତ୍ୟ କରୁଥିବେ କେତେ
ମନକୁ ନେବେ ସେ କିଣି
ରଥର ଉପରେ ଜଗା ତୁ ଥିବୁରେ
ପଥରେ ମୁଁ ଚାହୁଁଥିବି ....

ରଥ ଦଉଡ଼ିକୁ ମଥାରେ ଲଗାଇ
ଭିଡୁଥିବି ତୋର ଘୋଷ
ଗହ ଗହ ନାଦେ ରଥ ଗଡୁଥିବ
ଏହି ମୋର ଏକ ଆଶ
ରଥର ଉପରେ ଜଗା ତୁ ଥିବୁରେ
ପଥରେ ମୁଁ ଚାହୁଁଥିବି ....

ଏ ସପନ ମୋର ହେବ କି ସାକାର
ଏକଥା ମନେ ଭାବୁଛି
ଏତିକି କରୁଣା କରିଦେ କାଳିଆ
ହେମନ୍ତ ଅଳି କରୁଛି
ରଥର ଉପରେ ଜଗା ତୁ ଥିବୁରେ
ପଥରେ ମୁଁ ଚାହୁଁଥିବି ....

+ଦର୍ଶନ ଅଧ୍ୟାପକ
ଆସିକା, ଗଞ୍ଜାମ

## ଭକ୍ତ ଦେଖି ଧନ୍ୟ ଧନ୍ୟ...

### ଲକ୍ଷ୍ମୀପ୍ରିୟା ପୃଷ୍ଟି



ରଥ କହେ ଦିଅଁ ପଥ କହେ ଦିଅଁ
ସବୁ ଆଜି ଦିଅଁ ମୟ
ରଥ ପରେ ବସି ହସୁରେ କାଳିଆ
ସତେ ଲୀଳାମୟ ଦିଅଁ ।

ମାଣିକ ମଣିମା ସବୁ ଏକାକାର
ତୁହି ରାଜା ସବୁ ପ୍ରଜା
ମଣିମା ମଣିମା ଡକା ପଡୁଅଛି
ବାଜୁଛି ଭକତି ବାଜା ।

ଟାହିଆ ହଲେଇ ଆସୁଥାଉ ଯେବେ
ଥାଟ ପଟୁଆର ଧରି
ସରଗୁ ଦେବତା ଓହ୍ଲାଇ ଆସନ୍ତି
ଦେଖିବାକୁ ନରହରି ।

ମାଉସୀ ମା ସ୍ନେହ ପାରୁନାହୁଁ ଭୁଲି
ବରଷକେ ଯାଉ ବୁଲି
ଭାଇ ଭଉଣୀଙ୍କ ସାଙ୍ଗରେ ସତେକି
ଅପୂରୁବ ମହାମେଳି ।


ରଥ ପରେ ଥାଉ ବାମନ ବେଶରେ
ଭକ୍ତ ଦେଖି ଧନ୍ୟ ଧନ୍ୟ
ରହିଯାଏ ଆଖି ପୂରିଯାଏ ପ୍ରାଣ
ମୁକ୍ତି ଲଭେ ନର ଜନ୍ମ ।

+ଦଶରଥପୁର
ଯାଜପୁର, ୭୫୫୦୦୬,
ମୋ: ୭୩୭୭୩୧୮୭୮୯

# ସିନେମାରେ ଜଗନ୍ନାଥ



ନିବେଦିତା ପ୍ରିୟଦର୍ଶିନୀ ଶୁକ୍ଳା



ଶ୍ରୀଜଗନ୍ନାଥଙ୍କର ଜନପ୍ରିୟତା କେବଳ ଓଡ଼ିଶା ମଧ୍ୟରେ ସୀମିତ ନ ରହି ଦେଶ ଭିତରେ ଓ ବାହାରେ ବିଭିନ୍ନ ଅଞ୍ଚଳରେ ପରିବ୍ୟାପ୍ତ। ସାହିତ୍ୟ, ସଙ୍ଗୀତ ଓ ସ୍ଥାପତ୍ୟ ଶିଳ୍ପ ମଧ୍ୟରେ ଜଗନ୍ନାଥ ଧର୍ମ ଓ ସାହିତ୍ୟର ପରିବେଷଣ ବହୁଦିନ କ୍ଷୀପ୍ରତର ହେବାରେ ଲାଗିଛି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ନେଇ ଅନେକ ଓଡ଼ିଆ ସିନେମା ତିଆରି ହୋଇଛି ଏବଂ ଏହା କୋଟି କୋଟି ଓଡ଼ିଆଙ୍କ ହୃଦୟ ଭିତରେ ମହାପ୍ରଭୁଙ୍କ କୃପା ବାରିଧାରା ତଥା ଅଲୌକିକ ମହିମାର ଚେତନାକୁ ଜାଗ୍ରତ କରିଛି। ଫିଲ୍ମ ଆମ ସଂସ୍କୃତିର ଅଂଶ ବିଶେଷ। ସାହିତ୍ୟ ଭଳି ଫିଲ୍ମ ଜରିଆରେ ମଧ୍ୟ କେବଳ କଳାତ୍ମକ ଦକ୍ଷତାର ପରିପ୍ରକାଶ ଘଟେନି, ତା ମାଧ୍ୟମରେ ଗୋଟେ ଦେଶ, ରାଜ୍ୟ, ସମାଜ, ଭାଷା ବା ଜାତିର ସାମୂହିକ ଭାବ ପ୍ରବଣତା ବି ପ୍ରକାଶ ପାଏ। ଓଡ଼ିଆଙ୍କ ଜନଜୀବନ ଓ ଭାବ ପ୍ରବଣତାରେ ଜଗନ୍ନାଥଙ୍କ ଗଭୀର ପ୍ରଭାବ ରହିଛି। ତେଣୁ ଆମ ସାହିତ୍ୟ ଓ ଜୀବନଶୈଳୀ ଭଳି ଓଡ଼ିଆ ସିନେମାରେ ବି ଜଗନ୍ନାଥଙ୍କୁ ଆମେ ବାରମ୍ବାର ଭେଟିଛୁ। ଫିଲ୍ମ ନିର୍ମାତାମାନେ ଓଡ଼ିଆ ଜୀବନର ଚିତ୍ର ଆଙ୍କିବାକୁ ଯାଇ କେବେ ଜଗନ୍ନାଥଙ୍କୁ କାହାଣୀ ଭିତରକୁ ଆଣିଛନ୍ତି ତ ପୁଣି କେବେ ଜଗନ୍ନାଥଙ୍କ ପ୍ରତି ଓଡ଼ିଆଙ୍କ ଭିତରେ ଥିବା ଅନୁରକ୍ତିକୁ ଦେଖି ଭଲ ବ୍ୟବସାୟ ଆଶାରେ ତାଙ୍କୁ ନେଇ ଫିଲ୍ମ ତିଆରି କରିଛନ୍ତି।

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ନେଇ ତିଆରି ହୋଇଥିବା ସିନେମା ସମ୍ପର୍କରେ ଆଲୋଚନା କଲାବେଳେ ସର୍ବପ୍ରଥମେ ତିଆରି ହୋଇଥିଲା 'ସୀତା ବିବାହ' ପରେ ୧୯୪୯ ମସିହାରେ 'ଲଳିତା' ଠାରୁ ୨୦୧୪ ମସିହା ଭିତରେ ରିଲିଜ ହୋଇଥିବା 'ବାଇଶି ପାହାଚେ ଖେଳିବ ମୀନ' ଭିତରେ ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱ ଓଡ଼ିଆ ଫିଲ୍ମର କାହାଣୀରେ ଜଗନ୍ନାଥ ବା ତାଙ୍କୁ ନେଇ ସୃଷ୍ଟି ହୋଇଥିବା ଲୋକକଥାର ସିଧା ବର୍ଣ୍ଣନା ରହିଛି। ତା ବାହାରେ ଆହୁରି ଅନେକ ଫିଲ୍ମରେ ଜଗନ୍ନାଥଙ୍କ ମହିମା ଓ ତାଙ୍କର ଭଜନ ଆଦି ସ୍ଥାନ ପାଇଛି। ଓଡ଼ିଶାର ପ୍ରଥମ ଫିଲ୍ମ 'ସୀତାବିବାହ' ରିଲିଜ ହୋଇଥିଲା ୧୯୩୬ ମସିହାରେ। ତାପରେ ଦ୍ୱିତୀୟ ଓଡ଼ିଆ ଫିଲ୍ମ 'ଲଳିତା' ରିଲିଜ ହୋଇଥିଲା ୧୯୪୯ରେ। ଶ୍ରୀମନ୍ଦିର ନିର୍ମାଣ କାହାଣୀର ଆଧାରରେ ଏ ଫିଲ୍ମଟି ତିଆରି ହୋଇଥିଲା। ୧୯୫୦ ମସିହାରେ ରିଲିଜ ହୋଇଥିଲା ତୃତୀୟ ଓଡ଼ିଆ ଫିଲ୍ମ 'ଶ୍ରୀଜଗନ୍ନାଥ'। ରୂପ ଭାରତୀ ପବ୍ଲିକ ଲିମିଟେଡ ବ୍ୟାନରରେ ନିର୍ମିତ 'ଶ୍ରୀଜଗନ୍ନାଥ' ପଛରେ ଗୋପାଳ ଘୋଷଙ୍କ ପ୍ରଚ୍ଛନ୍ନ ଭୂମିକା ଥିଲା। ଏଥିରେ ବଙ୍ଗଳା ଓ ତେଲୁଗୁ ଡବିଂ ମଧ୍ୟ ହୋଇଥିଲା। ଶ୍ରୀଜଗନ୍ନାଥର ତେଲୁଗୁ ରୂପାନ୍ତର ସମଗ୍ର ଦକ୍ଷିଣ ଭାରତରେ ଚହଳ ସୃଷ୍ଟି କରିଥିଲା। ବଙ୍ଗଳା 'ଶ୍ରୀଜଗନ୍ନାଥ' ବିଷୟରେ ଇଂରାଜୀ ଖବର କାଗଜ 'ଦି ଷ୍ଟେଟସମ୍ୟାନ'ରେ ଯେଉଁ ଖବରଟି ପ୍ରକାଶିତ ହୋଇଥିଲା ତାର ଶୀର୍ଷକ ଥିଲା 'ଶ୍ରୀଜଗନ୍ନାଥ ବ୍ରିଙ୍ଗସ କ୍ରୁମସ୍ ଇନ କ୍ୟାଲକାଟା'।

୧୯୫୦ରୁ ୧୯୫୧ ପର୍ଯ୍ୟନ୍ତ ଏହି ଧାରା ନିରବ ରହିଲା। କାରଣ 'ଶ୍ରୀଜଗନ୍ନାଥ'ର ପ୍ରଚୁର ସଫଳତା ପରେ ଅନ୍ୟ କେହି ଜଗନ୍ନାଥଙ୍କୁ ନେଇ ଫିଲ୍ମ କରିବାକୁ ଉଚିତ ମନେ କଲେ ନାହିଁ। ଜଗନ୍ନାଥଙ୍କର ଭିନ୍ନ ଅନ୍ୟ କାହାଣୀ ନେଇ ଫିଲ୍ମ କରିବାରେ ବିଫଳତା ତଥା ଶ୍ରୀଜଗନ୍ନାଥକୁ ଟପି ନପାରିବାର ଭୟ ଏହାର କାରଣ ହୋଇପାରେ। ତେବେ ୧୯୫୯ ମସିହାରେ ଆସ୍କାର କବିରାଜ କୃଷ୍ଣଚନ୍ଦ୍ର ତ୍ରିପାଠୀ ଶର୍ମା ପ୍ରସ୍ତୁତ କଲେ 'ମହାଲକ୍ଷ୍ମୀ ପୂଜା'। ୧୯୬୨ରେ ପୁରୀର ସୁକୁମାର ଗାଙ୍ଗୁଲି ପ୍ରସ୍ତୁତ କରିଥିଲେ 'ଶ୍ରୀ ଶ୍ରୀ ପତିତପାବନ'। ଗାଙ୍ଗୁଲି ସେନାବାହିନୀରେ ଫଟୋଗ୍ରାଫର ଚାକିରି କରୁଥିଲେ। ନିଜକୁ ଭଲ ଲାଗୁଥିବା ପୁରୀର କିଛି ଦୃଶ୍ୟର ସୁଟିଂ କରି କଲିକତାରେ ତାର ଏଡିଟିଂ କରି ସେ 'ଶ୍ରୀ ଶ୍ରୀ ପତିତପାବନ' ଫିଲ୍ମ ତିଆରି କରିଥିଲେ। ତାକୁ ବଜାରକୁ ବି ଛାଡ଼ିଥିଲେ। ତେବେ ଏହା ସେପରି ସଫଳତା ପାଇନଥିଲା। ପରେ ପରେ ଜଗନ୍ନାଥଙ୍କୁ ନେଇ ୧୯୬୩ରେ 'ଜୟଦେବ' ପ୍ରଯୋଜକ କଲ୍ୟାଣ ଗୁପ୍ତ, ନିର୍ଦ୍ଦେଶକ ଶିବ ଭଟ୍ଟାଚାର୍ଯ୍ୟ, କାହାଣୀ ଓ ସଂଳାପ କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକ, ସଙ୍ଗୀତ ବାଳକୃଷ୍ଣ ଦାଶ, ୧୯୭୭ରେ 'ବନ୍ଧୁ ମହାନ୍ତି' ପ୍ରଯୋଜକ ଧୀରେନ ମହାନ୍ତି, ନିର୍ଦ୍ଦେଶକ ଚିତ୍ରନାଟ୍ୟ ଓ ସଂଳାପ ନିତାଇ ପାଲିତ, ସଙ୍ଗୀତ ପ୍ରଫୁଲ୍ଲ କର, ୧୯୭୯ରେ 'ଶ୍ରୀଜଗନ୍ନାଥ' (ଦ୍ୱିତୀୟ, ପ୍ରଯୋଜକ କ୍ରାନ୍ତି କୁମାର, ନିର୍ଦ୍ଦେଶକ ବିଜୟ ଭାସ୍କର, ସଙ୍ଗୀତ ଅକ୍ଷୟ ମହାନ୍ତି) ଓ 'ନୀଳମାଧବ' ପ୍ରଯୋଜକ, ନିର୍ଦ୍ଦେଶକ ଓ ଚିତ୍ରନାଟ୍ୟ ଜଗନ୍ନାଥ ପ୍ରସାଦ ଭଗତ, ସଙ୍ଗୀତ ନିର୍ମଳ କୁମାର ନିର୍ମାଣ କରାଯାଇଛନ୍ତି। ସେହିପରି ୧୯୮୩ରେ ନିର୍ମାଣ କରା ଯାଇଥିଲା 'ଭକ୍ତ ସାଲବେଗ' ୧୯୮୫ରେ 'ଜଗାବଳିଆ', ୧୯୮୬ରେ 'ମାଣିକ' ତଥା ୧୯୮୭ରେ 'ଜୟଦେବ' (ଦ୍ୱିତୀୟ)। ଅମୀୟ ପଟ୍ଟନାୟକ ୧୯୮୮ ମସିହାରେ 'ପୁଅ ମୋର କଳାଠାକୁର', '୧୯୮୯ରେ ଚକା ଆଖି ସବୁ ଦେଖୁଛି' ଓ 'ଆସୁଛି ମୋ କାଳିଆ ସୁନା' ତଥା୧୯୯୦ରେ 'ଚକାଡୋଳା କରୁଛି ଲୀଳା' ଭଳି ଜଗନ୍ନାଥଙ୍କୁ ନେଇ ଚାରିଟି ଫିଲ୍ମ ନିମାଣ କରିଥିଲେ। ଏ ଫିଲ୍ମ ଗୁଡ଼ିକରେ ସାମାଜିକ କଥାବସ୍ତୁ ଓ ଆଧୁନିକତାର ଛାପ ଥିଲେ ମଧ୍ୟ ଜଗନ୍ନାଥଙ୍କ ମହିମା ସଂପର୍କରେ ବର୍ଣ୍ଣନା ଥିଲା। ସେଗୁଡ଼ିକ ବହୁ ବ୍ୟବସାୟିକ ସଫଳତା ହାସଲ କରିଥିଲା। ୧୯୯୦ ମସିହାରେ 'ଠାକୁର ଅଛନ୍ତି ଚଉବାହାକୁ', ୧୯୯୧ରେ 'କାଳିଆ ଭରସା' ଓ 'କୋଟିଏ ମଣିଷ ଗୋଟଏ ଜଗା', ୧୯୯୨ରେ 'ଏଇ ଆଖି ଆମ ସାକ୍ଷୀ' ଓ 'ହିସାବ କରିବ କାଳିଆ', ୧୯୯୩ରେ 'ପଥର ଖସୁଛି ବଡ଼ଦେଉଳୁ', ୧୯୯୫ରେ 'ମୋ ଭାଇ ଜଗା' ଓ 'ସୁଭଦ୍ରା', ୧୯୯୬ରେ 'ରଘୁ ଅରକ୍ଷିତ', ୨୦୦୩ରେ 'ବାହୁଡ଼େ ମୋ ଜଗାବଳିଆ', ୨୦୦୪ରେ 'ସାକ୍ଷୀ ରହିଲା ଏ ସିଂହ ଦୁଆର' ଜଗନ୍ନାଥଙ୍କର ମହିମାକୁ ଆଧାାର କରି ନିର୍ମିତ ହୋଇଥିଲା। ଏଗୁଡ଼ିକ ଭିତରୁ କେତୋଟି ହିଟ ହୋଇଥିବାବେଳେ କିଛି ବ୍ୟବସାୟରେ ସଂପୂର୍ଣ୍ଣ ବିଫଳ ମଧ୍ୟ ହୋଇଥିଲେ।

୨୦୦୭ ମସିହାରେ ରିଲିଜ ହୋଇଥିଲା ନିର୍ଦ୍ଦେଶକ ସବ୍ୟସାଚୀ ମହାପାତ୍ରଙ୍କ ଡ୍ରିମ ପ୍ରୋଜେକ୍ଟ 'ଜୟ ଜଗନ୍ନାଥ'। ଏହି ଫିଲ୍ମ ଉଭୟ ଓଡ଼ିଆ ଓ ହିନ୍ଦୀରେ ନିର୍ମିତ ହୋଇଥିଲା, ପରେ ଇଂରାଜୀ ସମେତ ୧୩ଟି ଆଞ୍ଚଳିକ ଭାରତୀୟ ଭାଷାରେ ଡବିଂ ହୋଇଥିଲା ଏବଂ ସମଗ୍ର ଭାରତ ଓ ଦେଶ ବାହାରେ ମଧ୍ୟ ମୁକ୍ତିଲାଭ କରିଥିଲା। ଜଗନ୍ନାଥଙ୍କୁ ଆଧାାର କରି ଏହା ଥିଲା ସବୁଠାରୁ ବଡ଼ ବଜେଟର ଫିଲ୍ମ। ଜଗନ୍ନାଥ ଓଡ଼ିଆର ହୃଦୟର ଠାକୁର। ଓଡ଼ିଆର ନିଶ୍ୱାସ ଓ ବିଶ୍ୱାସରେ ସେ ଅଛନ୍ତି। ତେଣୁ ଜଗନ୍ନାଥଙ୍କୁ ନେଇ ଭଲ ଫିଲ୍ମ ତିଆରି ହେଲେ ଓଡ଼ିଆମାନେ ନିଶ୍ଚୟ ଆକର୍ଷିତ ହୋଇଯିବେ। ଆଜିକାଲି ତ ଐତିହାସିକ ଓ ପୌରାଣିକ ଚରିତ୍ରଙ୍କୁ ନେଇ ବିଗ ବଜେଟ ଫିଲ୍ମ ତିଆରିବା ହଲିଉଡ ଓ ବଲିଉଡରେ ଭାରି ଲୋକପ୍ରିୟ ହେଲାଣି। ସେହି ଶୈଳୀରେ ଶ୍ରୀଜଗନ୍ନାଥଙ୍କୁ ନେଇ ଗଢ଼ି ଉଠିଥିବା ଚମତ୍କାର କିମ୍ବଦନ୍ତୀ ଗୁଡ଼ିକର ଆଧାରରେ ବିଶ୍ୱସ୍ତରରେ ଚମତ୍କାର ବ୍ୟବସାୟିକ ଫିଲ୍ମ ତିଆରି କରିବା ଅସମ୍ଭବ ନୁହେଁ। ସେଥିପାଇଁ କିନ୍ତୁ ଲୋଡ଼ା ଇଚ୍ଛାଶକ୍ତି ଓ ନିଷ୍ଠାପର ଉଦ୍ୟମ।

+ଆଇନଜୀବୀ, ଓଡ଼ିଶା ହାଇକୋର୍ଟ,
ଚହଟା ନଗର, ଲେନ୍-୬, କଟକ-୧୪


# ଚାମେଲୀ ଓ ରଜ

ଜୟଶ୍ରୀ ପଟ୍ଟନାୟକ



ନୂଆ କରି ଓଡ଼ିଆ ଘରର ବୋହୂ ହୋଇ ଆସିଛି ଚାମେଲୀ। ତେଲୁଗୁ ସମ୍ପ୍ରଦାୟର ଝିଅ ସେ। ଓଡ଼ିଆ ଘରର ଚଳଣି ସହିତ ଖାପ ଖୁଆଇ ଚାଲିବାରେ ସମୟ ଲାଗିବ। କୋଉ ଗୋଟେ ଆନ୍ଧ୍ର ଷ୍ଟେସନରେ ଦେଖା ହୋଇଥିଲା ରୋହିତକୁ। ରୋହିତ ରେଳବାଇରେ ଟିଟିଇ ଚାକିରି କରେ। ପ୍ରତିଦିନ ଗାଡ଼ିରେ ଯିବା ଗାଡ଼ି ଟିକେଟ ଯାଞ୍ଚ କରିବା, ବିନା ଟିକେଟ ଯାତ୍ରୀଙ୍କୁ ଫାଇନ କରିବା, ୱେଟିଂ ଲିଷ୍ଟ ବାଲାଙ୍କୁ ଖାଲି ଜାଗାରେ ଥଇଥାନ କରିବା, ସମସ୍ତେ କିପରି ସୁବିଧାରେ ଯାତ୍ରା କରିବେ ଏସବୁ ଦେଖିବା ତାର କାମ।

ଦିନକର ଘଟଣା ପରିବାର ସହ ଝିଅଟି ଟ୍ରେନରେ ଚଢ଼ିଲା। ଜେନେରାଲ ବଗିରେ ଜାଗା ନ ଥିବାରୁ ସ୍ଲିପର କୋଚରେ ଚଢ଼ିଗଲା। ଟିଟିଇ ଆସି ଜେନେରାଲ ଟିକଟ କାଟି ସ୍ଲିପର ରେ କାହିଁକି ଚଢିଛ କହିଲା? ହଉ ପର ଷ୍ଟେସନରେ ଗାଡ଼ି ପହଁଚିଲେ ସମସ୍ତେ ସାଧାରଣ କୋଚକୁ ପଳାଇବଏସବୁ ରିଜର୍ଭେସନ କୋଚ ଏଥିରେ ସାଧାରଣ ଲୋକେ ଗଲେ ଫାଇନ ଦେବାକୁ ପଡେ ରେଳବାଇ ନିୟମ ଅନୁସାରେ, ବୋଲି ବୁଝାଇଦେଲେ। କଣ ବୁଝିଲା କେଜାଣି ଚାମେଲୀ ଅଧେ ତେଲୁଗୁ ଅଧେ ଓଡ଼ିଆ ମିଶା କଥାରେ କହିଲା - ଠିକ ଅଛି ବାବୁ, ତୁ ଯେମିତି କହିଲା ଆମେ ସେମିତି କରିବୁ। ଷ୍ଟେସନ ଆସିଲେ ଓଲ୍ଲୀ ପଡ଼ିବୁ ଆଉ ଗୋଟେ ବଗିରେ ଚଢ଼ିବୁ। ତାପରେ ଟିଟିଇ ଜଣକ କହିଲେ - ଶୁଣ ମୁଁ ଯେଉଁ ଷ୍ଟେସନ ଯାଏଁ ଯିବି ତୁ ସେ ଯାଏଁ ବସିଥା ମୋ ଡ୍ୟୁଟି ସରିଗଲେତୁ ଅନ୍ୟ ବଗିକୁ ଚାଲିଯିବୁ। ଏ କଥାର ଉତ୍ତରରେ ବି ଚାମେଲୀ କହିଲା ହଉ ବାବୁ, ଏତେ ଗରମରେ ବୁଢ଼ା ବାପାକୁ ନେଇକରି ଯାଉଛି ବିଶାଖାପାଟଣା ହସ୍ପିଟାଲକୁ। ଓଲ୍ହା ଚଢ଼ା କରି ପାରିବନି ବୁଢ଼ା ବାପାଟା କହି ଚୁପ ରହିଗଲା। ଟିଟିଇ ଦେଖିଲା ଚାମେଲୀ ଆଖିରେ ଲୁହ। ମନକୁ ମନ କହୁଥିଲା କେତେ ପଇସା ବୁଢ଼ା ପଛରେ ଖର୍ଚ୍ଚ ହେଲାଣି ନିଜ କଥା ଭାବିବାକୁ କେବେ ସମୟ ଆସିନି। ଚାମେଲୀର ସୁନ୍ଦର ପୋଟଳ ଚିରା ଆଖି, ଶ୍ୟାମଳ ଚେହେରା, ଲମ୍ବା ବେଣୀରେ ଇଟିମଲା ଫୁଲର ଗଜରା ମୁହଁର ସୌନ୍ଦର୍ଯ୍ୟକୁ ବଢ଼ାଇ ଦେଉଥାଏ। ବାହା ହୋଇ ନ ଥିବା ଯୁବତୀ କନ୍ୟା। ଗାଡ଼ି ଚାଲୁଥିବା ବେଳେ ପବନରେ ନିଦ ଲାଗି ଯାଉଥାଏ ତଥାପି ବୁଢ଼ା ବାପା କାଳେ ପଡ଼ିଯିବ ବୋଲି ଧରିଥାଏ ହାତକୁ। ସାମ୍ନା ସିଟରେ ଟିଟିଇ ବସି ଟିକଟ ଯାଞ୍ଚ କରୁଥାନ୍ତି ଏପଟେ ଚାମେଲୀ ଆଡ଼କୁ କଣେଇ କଣେଇ ଚାହୁଁଥାନ୍ତି। ଚାମେଲୀର ନଜର ପଡ଼ିଗଲେ ଟିକଟ ଯାଞ୍ଚର ଅଭିନୟ କରନ୍ତି। ଚାମେଲୀ ବୁଝି ପାରୁଥିଲା ତାଙ୍କ ହାବ ଭାବରୁ ସବୁକିଛି ହେଲେ ନିରବ ରହୁଥିଲା। ଅନେକ ସମୟ ଧରି ଟିଟିଇ ସେ ବଗିରୁ ଆଉ ଗୋଟିଏ ବଗି ଯାଇ ଟିକେଟ ଯାଞ୍ଚ କରି ପୁଣି ଫେରି ଆସୁଥାନ୍ତି। ଚାମେଲୀକୁ ଦେଖି ସେଇଠି ଯେମିତି ଚୁମ୍ବକୀୟ ଆକର୍ଷଣରେ ମନ ଲାଗିଯାଇଛି ସେମିତି ବସୁଥାଆନ୍ତି। କିଛି ସମୟ ପରେ ଗାଡ଼ି ଅନ୍ୟ ଷ୍ଟେସନରେ ରହିବାରୁ ଗୋଟେ ପରିବାର ଚଢ଼ିଲେ ତାଙ୍କ ଭିତରୁ ଜଣେ ଚାମେଲୀକୁ ଜାଣିଥିଲା। ଚାମେଲୀକୁ ଦେଖି ପଚାରିଲା କୁଆଡେ ଯାଉଛୁ। ଉତ୍ତର ଦେଲା ଚାମେଲୀ ବାପାକୁ ନେଇ ବିଶାଖାପାଟଣା ଡାକ୍ତରଖାନା ଯାଉଛି ସେଇଠି ତାର ଟ୍ରିଟମେଣ୍ଟ କରାଇବି। ଲୋକଟି ପଚାରିଲା -ତୋର ବାହାଘର କଥା କଣ ହେଲା? ଉତ୍ତର ରଖିଲା ଚାମେଲୀ ସେମାନେ ଯେତିକି ଜିନିଷ ଆଉ ପଇସା ମାଗିଲେ ମୋ ବାପାର ସେତିକି ଶକ୍ତି ନାହିଁ ଦେବାକୁ ତେଣୁ ଆମେ ମନା କରିଦେଲୁ। ଯେବେ ଭାଗ୍ୟରେ ଥିବ ବାହାଘର ହେବ ନ ହେଲେ ନାହିଁ। ସବୁ ଶୁଣୁଥିଲେ ଟିଟିଇ ଜଣକ, ଅନେକ ସମୟରୁ ଟିକଟ ଯାଞ୍ଚ କାମ ନ ସାରି ବସି ଥାନ୍ତି ଆଗ ସିଟରେ ସେମିତି। ବିବାହ କରି ନାହାଁନ୍ତି ବୋଲି ତାଙ୍କର ହାବ ଭାବ କହୁଥିଲା। ଚାମେଲୀ ପ୍ରତି ତାଙ୍କର ଆକର୍ଷଣ ଖୁବ ବଢ଼ି ଯାଇଥିଲା। ସେଦିନ ବିଶାଖାପାଟଣା ଷ୍ଟେସନରେ ଚାମେଲୀ ଓ ତା ପରିବାରକୁ ଓଲ୍ହେଇ ବାରେ ସହାୟତା କରିଥିଲେ ଟିଟିଇ। ଚାମେଲୀ ଶେଷକୁ ଓହ୍ଲେଇଲା ବେଳେ ତା ହାତ ଧରି ଓହ୍ଲେଇ ଦେଲେ। କେମିତି ଗୋଟିଏ ଅଜଣା କମ୍ପନ ସୃଷ୍ଟି ହୋଇଥିଲା ଦୁହିଁଙ୍କ ହୃଦୟରେ, ହୃତ ସ୍ପନ୍ଦନର ଗତି ତୀବ୍ର ଲାଗୁଥିଲା। ଚାମେଲୀ ଯୋଉଦିନ ଡାକ୍ତରଖାନାରୁ ଫେରିବ ମୋତେ ଜଣାଇବ କହି ନିଜ ମୋବାଇଲ ଫୋନ ନମ୍ବର ଥିବା ଛୋଟିଆ ପରିଚୟ କାର୍ଡଟି ବଢ଼ାଇଦେଇ ନିଜ କାମରେ ଚାଲି ଗଲେ ଟିଟିଇ ଜଣକ। ଚାମେଲୀ ମନ କେମିତି ଖୁସିରେ ଭରି ଯାଉଥିଲା, ବାମ ଆଖି ଡେଉଁଥିଲା, କିଛି ଗୋଟିଏ ଭଲ ହେବାକୁ ଯାଉଥିବାର ସଂକେତ ତାକୁ ମିଳୁଥିଲା। ଏମିତି ମାସେ କାଳ ଗାଡ଼ିରେ ଯିବା ଆସିବା ଭିତରେ ଅନେକ ଥର ଦେଖା ହୋଇଛନ୍ତି ଦୁଇଜଣ ଫୋନ କରି ସାକ୍ଷାତ ରେ। ଯେତେଥର ଟିଟିଇ ଆସନ୍ତି ଚାମେଲୀ ବସିଥିବା ବଗିକୁ, ଗୋଟେ ଭଲ ପାଇବାର ଅନୁଭବରେ ବନ୍ଧା ପଡ଼ି ଯାଆନ୍ତି ଦୁଇଜଣ। ଚାମେଲୀର ଆକର୍ଷଣୀୟ ଚେହେରା ସାଙ୍ଗକୁ ଲମ୍ବା ବେଣୀର ଫୁଲ ଗଜରା ତାଙ୍କୁ ଅନିନ୍ଦ୍ୟ ସୁନ୍ଦରୀ ରାଜଜେମାର ଭ୍ରମ ସୃଷ୍ଟି କରୁଥାଏ। ସରଳ ବ୍ୟବହାର ବୁଢ଼ା ବାପା ପ୍ରତି ଯତ୍ନ, ମେଡିକାଲ ନେବା ଆଣିବା ଦାୟିତ୍ୱ, ସୁନ୍ଦର ନମ୍ର ବ୍ୟବହାର ଟିଟିଇ ହୃଦୟରେ ବସା ବାନ୍ଧି ଦେଲା। ଯେମିତି ନଈ ଟିଏ ବେଗମତୀ ହୋଇ ବହି ଚାଲିଛି ଆଉ ମୁହାଣ ମେଲିଦେଇଛି ସାଗରକୁ ଦେଖି। ସାଗରର ଉତ୍ତୁଙ୍ଗ ତରଙ୍ଗ ରେ ବେଳାଭୂମି କମ୍ପି ଉଠୁଛି। ନଈ ସହ ମିଶି ଏକାତ୍ମ ହୋଇଯିବାର ଲକ୍ଷ୍ୟରେ ସାଗର ଗର୍ଜନ କରି ବେଳାଭୂମିରେ ମଥା ପିଟୁଥାଏ। ଚାମେଲୀ ପରିବାରର ସମ୍ମତି ନେଇ ଟିଟିଇ ବାବୁ ବିବାହର ଆୟୋଜନ କରି ଗୋଟିଏ ମାଙ୍ଗଳିକ ତିଥିରେ ପାଇଗଲେ ମନର ମାନସୀକୁ। ନୂଆ ବୋହୂ ବେଶ ସାଙ୍ଗକୁ ମୁଣ୍ଡରେ ଓଢଣା, କପାଳରେ ସିନ୍ଦୂର, ଗଭାରେ ମଲ୍ଲୀ ଗଜରା କେମିତି ଗୋଟିଏ କୁହୁକ କରି ରଖିଥିଲା ରୋହିତ ମନକୁ। ମାସେ କାଳର ଦେଖା, ଭାବ ବିନିମୟ ଭିତରେ ରୋହିତ ମନ ଏତେ ଢ଼ଳି ପଡ଼ିବ ଯୁବତୀଟି ପ୍ରତି ବୋଲି ଜାଣିବା ବେଳକୁ ଦୁହେଁ ବନ୍ଧା ହୋଇ ସାରିଥିଲେ ବିବାହ ବନ୍ଧନରେ। କିଛି ମାଗି ନ ଥିଲେ ବି ରୋହିତର ପରିବାର, ବହୁତ କିଛି ଜିନିଷ ନେଇକି ଆସିଥିଲା ଚାମେଲୀ। ଓଡ଼ିଆ ଘରର ବୋହୂ ହେବା, ତାଙ୍କ ଚାଲି ଚଳଣିକୁ




ମାନି ଚଳିବା ପ୍ରଥମେ ବହୁତ କଷ୍ଟ ଲାଗୁଥିଲା ଚାମେଲୀକୁ କାରଣ ତେଲୁଗୁ ପରିବାରର ଖୁଲମଖୁଲା ଚଳଣି । ନା ଓଢଣା ନା ଏତେ ବିଧି ବିଧାନ ରହିଛି। ଗୋଟେ ସାଧାରଣ ଜୀବନ ମାନି ଝିଅ ପରି ଚଳୁଥାଏ ବୋହୂ। ତା ଚଳଣିରୁ ଲାଗେନି ବୋହୂ କି ଝିଅ ବୋଲି। ଚାମେଲୀକୁ ଅଡୁଆ ଲାଗୁଥିଲେ ବି ଓଡ଼ିଆ ଘରର ଚଳଣିକୁ ଧିରେ ଧିରେ ଆପଣାର କରି ନେଇଥିଲା ରୋହିତର ଭଲ ପାଇବାକୁ ଯଥେଷ୍ଟ ସମ୍ମାନ ଦେଉଥିଲା। ତା ସହିତ ଘରର ସମସ୍ତ ସଦସ୍ୟ ମାନଙ୍କ ମନକଥା ବୁଝୁଥିଲା। ସକାଳୁ ଉଠିବା, ଘର ଓଳେଇବା, ସ୍ନାନ କରିବା, ପୂଜା ପାଇଁ ଫୁଲ ଶାଶୁଙ୍କ ପାଇଁ ତୋଳି ଆଣିବା, ଜଳଖିଆ ବନାଇବା ପ୍ରଭୃତି ନିତିଦିନ କରି ଚାଲେ ଚାମେଲୀ ଯାହା ଗୋଟେ ଆଦର୍ଶ ବୋହୂର କର୍ତ୍ତବ୍ୟ ଭାବିକି। ପାଠ ପଢ଼ା, ଚାକିରି ଯାହା ବି କଲେ ଶାଶୂଘରେ ଯଦି ବୋହୂଟି ନିଜର ଦାୟିତ୍ୱ ଆଉ କର୍ତ୍ତବ୍ୟ ସୁଚାରୁରୂପେ ତୁଲାଏ ତେବେ ନିଶ୍ଚୟ ସମସ୍ତଙ୍କର ଶ୍ରଦ୍ଧା ଭାଜନ ହୋଇପାରେ। ଚାମେଲୀ ସେଥିରୁ ବାଦ ଯାଇନି କେବେ। ଏବର୍ଷ ପ୍ରଥମ କରି ସାବିତ୍ରୀ ବ୍ରତ କଲା ଚାମେଲୀ ତା ପଛକୁ ଆସିଲା ରଜ। ଓଡ଼ିଆ ଘରର ଜାତୀୟ ପର୍ବ ରଜ। କୃଷିର ପର୍ବ, ଝିଅ ବୋହୁଙ୍କର ଦୋଳି ଖେଳ, ଗୀତ ଗାଇବା ଆଉ ପିଠା ଖାଇ ସାଙ୍ଗସାଥି ଘର ବୁଲିବା ଦେଖି ଥିଲା ଚାମେଲୀ। ରଜର କିଛିଦିନ ପୂର୍ବରୁ କୁଟା ବଟା ଦେଖି ଶାଶୁ କହିବା ମୁତାବକ କୁଟା ବଟା କରି ରଖିଲା ସବୁ ଜିନିଷ। ମନରେ ପ୍ରଶ୍ନ ଆସୁଥିଲା ଏତେ ସବୁ କାମ କେବଳ ରଜ ପର୍ବ ପାଇଁ କାହିଁକି? ଶାଶୁ ବୁଝେଇଦେଲେ ଆମ ଓଡ଼ିଶା ଏକ କୃଷି ପ୍ରଧାନ ରାଜ୍ୟ। ମାଟି ହିଁ ଆମର ଜୀବନ। ଅକ୍ଷୀ ତୃତୀୟାରେ ବିହନ ବୁଣି ଚାଷୀ ବର୍ଷାକୁ ଅନାଇଥାଏ। ମିଥୁନ ମାସ ଆରମ୍ଭରେ ବର୍ଷା ଋତୁକୁ ସ୍ୱାଗତ କରିବା ପାଇଁ ଓଡ଼ିଶାର ପୁରପଲ୍ଲୀ ରେ ପାଳିତ ହୁଏ ଓଡ଼ିଶାର ଗଣ ପର୍ବ ରଜ। ଜ୍ୟେଷ୍ଠ ମାସର ଶେଷ ଦିନକୁ ପହିଲି ରଜ, ଆଷାଢ଼ର ପ୍ରଥମ ଦିନ ରଜ ସଂକ୍ରାନ୍ତି ଓ ତା ପରଦିନ ଭୂଇଁ ନଅଣ। ତୃତୀୟ ଦିନ ସକାଳେ ବସୁମତୀ ସ୍ନାନ ଦ୍ୱାରା ରଜପର୍ବ ଶେଷ ହୁଏ। ଧର୍ମ ଶାସ୍ତ୍ରରେ ଏହା ଭୂମି ରଜସ୍ୱଳା ବା ପୃଥ୍ୱୀ ରଜସ୍ୱଳା ନାମରେ ଅଭିହିତ। ଆଷାଢ଼ ମାସରେ ମାଟି ଆଉ ମେଘର ମିଳନ ଘଟିଲେ ମାଟି ଓଦା ହୋଇ ଉର୍ବର ଶକ୍ତି ବଢିଲେ ବିହନରୁ ନୂତନ ଗଜା ବାହାରି ସବୁଜ ଶସ୍ୟର ରୂପ ନିଏ।

(ଅବଶିଷ୍ଟାଂଶ ପୃଷ୍ଠା ୭ରେ)

## କର୍ଡିବାଲି

ଦୀପିକା ହୋତା



ଝୋ ଝୋ ବର୍ଷାରେ
ଓଦା ସରସର ଶାଢୀ ପିନ୍ଧି
କାହିଁ ଛତିଶଗଡ଼ ସିମାନ୍ତରୁ
ରାଇବାରିଆ ବଜାରକୁ
କର୍ଡି ବିକି ଆଣିଛି ,
ଜାଣିନି ଦରଦାମ୍
ମୁଲ ଭା
କେମିତି ଚଳୁଛି
ଏଇ ଅଜଣା ସହର ବଜାର
ଧାଇଁ ଆସିଛି
ତେଲ ଲୁଣ ସଂସାର ପାଇଁ
ପେଟକୁ ମୁଠେ
ଓଠକୁ ଟିକିଏ ହସ ଭରିବାକୁ ।
କାଏ କାଏ ସବଜି ଲୋଗୋ
ଏଡି ଆଓ, ଏଡି ଆଓ
ଛାଡୁଛି ରଡି
କଅଁଳ ସ୍ୱରରେ କୁଆଁରି ଝିଅ,
ଖଣ୍ଡ ଖଣ୍ଡ କରି କାଟି
ଯତନେ ଆଣିଛି,
ବାଉଁଶ ଗଜାକୁ
କିଛି ହେଣ୍ଡୁଆ କରି
କିଛି କର୍ଡି
ଡାଲାରେ ଭର୍ତ୍ତି କରି ।

ଏଠି ଫାଷ୍ଟ ଫୁଡ୍ ସ୍ୱାଦ ଚାଖୁଥିବା
ସହରିଆଙ୍କ ପାଟିକୁ
ଦେଶୀ ଦରବ୍ ଚଖାଇବାକୁ
ଡାକ ଛାଡୁଛି,
କାଏ କାଏ ସବଜି ଲୋଗୋ
ଏଡି ଆଓ, ଏଡି ଆଓ
କିଛି ଲୋକ ବୁଝୁଛନ୍ତି
କିଛି ବୁଝି ପାରୁନାହାଁନ୍ତି
ବୁଝେନି ନାହିଁ
ଆଖି ମୁହଁ
ମୋଉଳି ଯାଉଛି
ବା' କୁ କଣ କହିବ ?
ଘର କରଣା କେମିତି କିଣିବ?
ଚିନ୍ତାରେ କର୍ଡିବାଲି ।

ଅଭାଗା ମଣିଷ
ସାଗୁଆନ ପତ୍ରରେ ଭାଗ କରିଛି
ଗୋଟାକୁ କୋଡିଏ
ଡାକ ଛାଡେ
ଏଡି ଆଓ
ଏଡି ଆଓ,
ସ୍ୱାଦ ଜାଣିବା ଲୋକ
ବାସି ପଖାଳ ସାଙ୍ଗେ
ସୁର୍ପି ଖାଇଦେବ
କର୍ଡି ଝୋଳ୍
ଅନେଇ ବସିଛି
ଗରାଖର ଅପେକ୍ଷାରେ ।

ବେଳେ ବେଳେ
ଧୈର୍ଯ୍ୟର ବନ୍ଧ ଭାଙ୍ଗିଗଲେ
ଗୁମୁରି ଉଠେ କୋହ
ଆଖି ସାମ୍ନା ପଳପଳ ଦୁଃଖ
ବୋହିଯାଏ ଶ୍ରାବଣ ପରି
କାନ୍ଦି କାନ୍ଦି କହେ
ଏଡି ଆଓ,ଏଡି ଆଓ
କାଏ ସବଜି ଲୋଗେ
କର୍ଡି ଲୋଗେ
ଭାଗ୍ୟକୁ ଜୁଟିଲା ପରି
କେହି ଜଣେ ଆସେ
ହାତକୁ ଧରେଇ ପାଞ୍ଚଶହ,
ଟୋକେଇ ତକ ନେଇଗଲା
କର୍ଡିବାଲି ର ଓଠରେ
ମୁକ୍ତା ହସ ଝରାଇ ଦେଲା ।

+ ନୂଆପଡ଼ା
ମୋ.୯୯୩୭୪୧୬୯୧୭

## ହଜିଲା ଦିନ

ସ୍ନିଗ୍ଧା. ଜି. ମହାପାତ୍ର



ଯେବେ ଦେଖେ ମୁହିଁ ପିତା ମାତା ଦୁଃଖ
ନୟନୁ ଝରଇ ଲୁହ।
ହଜି ଗଲା କାହିଁ ଆମରି ସଂସ୍କୃତି
ନାହିଁ ପାପ ପୁଣ୍ୟ ଭୟ।

ସରଗଠାରୁ ପା ମାତା ଆମ ବଡ଼
ପିତା ଯେ ପରମ ତପ।
ଏଇ କଥା ଭୁଲି ଏ ଦେଶ ସନ୍ତାନ
କରନ୍ତି କେମିତି ପାପ।

ବିଦେଶରେ ରହି ମିଛ କଥା କହି
ଛାଡ଼ନ୍ତି ବୃଦ୍ଧା ଆଶ୍ରମେ।
ତାଙ୍କରି ସଦନୁ ତାହାଙ୍କୁ ତୋଡନ୍ତି
ଅନୁତାପ ନାହିଁ ମନେ।

ଚାକିରୀ ପାଇଁ କି କୋଉଠି ଝିଅଟି
ମାଆକୁ କରୁଛି ହତ୍ୟା।
କେତେ ସ୍ୱାର୍ଥ ପର ଅଧମ ସନ୍ତାନ
ଲୁପ୍ତ ହେଲା ବୁଦ୍ଧି ବିଦ୍ୟା।

ଛଳ ଛଳ ଆଖି କରୁଣ ଚାହାଣି
କହି ଦିଏ ତାଙ୍କ କଥା।
ସେ ଲୁହରେ ଯେତେ ବିଷାଦ ଭରିଛି
ଅନୁଭବ ତାଙ୍କ ବ୍ୟଥା।

ପିତା ମାତା ଆମ ଜୀବନ୍ତ ଈଶ୍ୱର
ଆମରି ସଂସ୍କୃତି କହେ।
ତାଙ୍କରି ଆଶିଷ ମଥାରେ ରହିଲେ
ବିପଦ ଯେ ଟଳି ଯାଏ।

+ବାରିପଦା

## ସେଇ ପୁରୁଣା ଧୁନ୍

ଇତିଶ୍ରୀ ଦାଶ



ସେଇ ପୁରୁଣା ଏକ ଧୁନ୍
ଶୁଣିଲି ଆଜି ଗୋଟେ ଦୋକାନରେ।
ଅଟକି ଗଲି ମୁହୂର୍ତ୍ତେ
ସେଇ ଦୋକାନ ଗେଟ୍ ପାଖରେ।
କ୍ଷଣିକ ପାଇଁ ଭାବିଲି
ଯିବି କି ଗାୟିକାକୁ ଦେଖିବାକୁ।
ହେଲେ ସାହସ ହେଲାନି
ପୁଣି ଯିବାକୁ ସଙ୍ଗୀତ ଦୁନିଆକୁ ।
ଭୁଲିଛି ମୁଁ ଗୀତ
ସଜାଡ଼ିବା ସୁର ଦୀର୍ଘ ଦିନରୁ।
ହେଲେ ପ୍ରଚେଷ୍ଟା
ଛାଡ଼ିବି କେମନ୍ତ ମନରୁ।
ଭାଇଟେ କହିଲା ଦିନେ
ଲେଖୁନ କି ଦିଦି ଗୀତ ତୁମେ।
ଭାବିଲି ପୁଣି ଆରମ୍ଭ କରିବି କି ଗୀତ
ସଂଯୋଜନା କରିବି କି ସଂଗୀତ।
ହେଲେ ସମୟ ତ ନାହିଁ
ମୋ ପାଖରେ ଏବେ ଆଉ।
ଭାବିଲି କିଛି ଦିନ
କିଛି ରାତି ଅତିକ୍ରାନ୍ତ ହେଉ।
କାହିଁକି ମନ ପୁଣି
ମତେ ସଂଗୀତ ଦୁନିଆକୁ ନେଉଛି।
ହେଲେ କିଛି କର୍ତ୍ତବ୍ୟ
ମତେ ପଛରୁ ଟାଣି ଭିଡ଼ି ରଖୁଛି।
ସେଇ ପୁରୁଣା ଏକ ଧୁନ୍
ଶୁଣିବା ପରଠୁ ମନ ବିଚଳିତ।
କେବେ କଣ ମୁଁ
ପୁଣି ଗାଇ ପାରିବି ଗୀତ ସୁଲଳିତ।

+ପେଲେସଲାଇନ ବଲାଙ୍ଗୀର
ମୋ-୭୬୦୫୯୯୦୫୦୦



# ରଥଯାତ୍ରା



## ଦିଲ୍ଲୀପ କୁମାର ସାହୁ

ବର୍ଷକୁ ଥରେ ଜଗତରନାଥ ଜଗନ୍ନାଥ ରଥରେ ବସି ଗୁଣ୍ଡିଚାଘରକୁ ଯାଆନ୍ତି । ସେଥିପାଇଁ ଏ ଯାତ୍ରାର ନାଆଁ ରଥଯାତ୍ରା। ଆଉ ଗୁଣ୍ଡିଚାଘରକୁ ଯାଆନ୍ତିବୋଲି ଏହା ଗୁଣ୍ଡିଚା ଯାତ୍ରା ଭାବରେ ମଧ୍ୟ କ୍ଷାତ। ମହାପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ପତିତପାବନ । ତାଙ୍କୁ ସ୍ମରଣ କଲେ ସବୁକାର୍ଯ୍ୟ ଶୁଭ ହୁଏ । ତାଙ୍କୁ ଦର୍ଶନ କଲେ ଶୋକତାପ ଦୂରହୁଏ । ଦୁଃଖ ଦର୍ଦ୍ଦଶାରୁ ଉଦ୍ଧାରକର୍ତ୍ତା ମଧ ମହାପ୍ରଭୁ ଶ୍ରୀଜଗନ୍ନାଥ । ସିଏ ବିଶ୍ୱରେ ଏକମାତ୍ର ଠାକୁର ଯିଏ ପତିତ ମାନଙ୍କୁ ଉଦ୍ଧାର କରିବାପାଇଁ ସ୍ୱବିଗ୍ରହରେ ମନ୍ଦିର ବାହାରକୁ ଆସି ଯାତ୍ରା କରିଥାନ୍ତି । ସେଥିପାଇଁ ପୋଥିପୁରାଣରେ ରଥଯାତ୍ରାକୁ ପତିତପାବନ ଯାତ୍ରା ଭାବରେ ବର୍ଣ୍ଣନା କରାଯାଇଛି।

ଆଷାଢ ମାସ ଶୁକ୍ଳ ପକ୍ଷ ଦ୍ୱିତୀୟା ଦିନ ଏହି ଗୁଣ୍ଡିଚା ଯାତ୍ରା ଅନୁଷ୍ଠିତ ହୁଏ। ମହାପ୍ରଭୁ, ଭାଇ ବଳଭଦ୍ର, ଭଉଣୀ ସୁଭଦ୍ରା ଓ ସୁଦର୍ଶନଙ୍କ ସହ ସ୍ୱବିଗ୍ରହରେ ଏହିଯାତ୍ରାରେ ଯାଇଥାନ୍ତି। ଅର୍ଥାତ ରତ୍ନସିଂହାସନ ଖାଲିକରି ଏହି ଚାରିମୂର୍ତ୍ତି ବା ଚତୁର୍ଦ୍ଧାମୂର୍ତ୍ତି ରଥରେ ବସି ଯାତ୍ରା କରିଥାନ୍ତି । କଥା ଅଛି ଅନେକ ଭକ୍ତଙ୍କୁ ଶ୍ରୀମନ୍ଦିରରେ ପ୍ରବେଶ ମନା। ଆଉ ଆମ କାଳିଆ ଠାକୁର ଭକ୍ତ ଭକ୍ତିରେ ବନ୍ଧା । ତେଣୁ ଯେଉଁ ଭକ୍ତମାନେ ମନ୍ଦିର ପ୍ରବେଶ କରିପାରନ୍ତିନାହିଁ , ସେମାନଙ୍କୁ ଦର୍ଶନ ଦେବା ନିମନ୍ତେ ମହାପ୍ରଭୁ ସ୍ୱବିଗ୍ରହରେ ତାଙ୍କ ପାଖକୁ ଆସି ଦର୍ଶନ ଦେଇଥାନ୍ତି। ସେଥିପାଇଁ ପୃଥିବୀର କୋଣ ଅନୁକୋଣରୁ ଭକ୍ତମାନେ ଧାଇଁ ଆସିଥାନ୍ତି ଶ୍ରୀକ୍ଷେତ୍ର ପୁରୀକୁ। ରଥ ଉପରେ ମହାପ୍ରଭୁଙ୍କୁ ଦର୍ଶନ କରି ସେମାନେ ଖୁବ୍ ଆନନ୍ଦିତ ହୋଇଥାନ୍ତି।

ଆମ ପୁରାଣ ମାନଙ୍କରେ ଲେଖାଅଛି ମହାପ୍ରଭୁ ବାମନ ରୂପରେ ରଥରେ ବିଜେ କରନ୍ତି । ରଥରେ ସେହି ବାମନ ରୂପରେ ଦର୍ଶନ କଲେ ପାପତାପ ସବୁ ଦୂରହୁଏ ବୋଲି ପ୍ରାଣୀମାନଙ୍କରେ ଲେଖାହୋଇଅଛି। ସେହି ପୂଣ୍ୟ ଅର୍ଜନ ପାଇଁ ରଥଯାତ୍ରା ଦିନ ବଡଦାଣ୍ଡରେ ଲକ୍ଷଲକ୍ଷ ଭକ୍ତଙ୍କ ସମାଗମ ହୋଇଥାଏ। ଜୟ ଜୟ ଜଗନ୍ନାଥ ଧ୍ୱନୀରେ ଦିଗ ଚଉଦିଗ ମୁଖରିତ ହେଉଥାଏ। ଭଜନ କୀର୍ତ୍ତନ ରେ ବଡଦାଣ୍ଡ ଉଛୁଳି ପଡିଥାଏ। କିଏ ଉଦଣ୍ଡ ନାଚକରୁଥାନ୍ତିତ କିଏ ରଥକୁ ଟିକିଏ ଛୁଇଁବାକୁ ଭିଡ ଭିତରେ କଷ୍ଟେମଷ୍ଟେ ପସିବାକୁ ଚେଷ୍ଟାକରୁଥାନ୍ତି। ଆଉ କିଏ ଭାବଭକ୍ତିରେ ବିଭୋର ହୋଇ ବଡଦାଣ୍ଡରେ ଗଡିଯାଉଥାନ୍ତିତ ଆଉ କିଏ ରଥ ଦଉଡି ଟାଣିବାକୁ ପାଗଳ ହେଉଥାନ୍ତି।

ରଥଯାତ୍ରାକୁ ତିନିଭାଗରେ ବିଭକ୍ତକଲେ ଅତ୍ୟୁକ୍ତି ହେବନାହିଁ । ପହଣ୍ଡି, ଛେରାପହଁରା ଓ ରଥଟଣା । ରଥଯାତ୍ରାଦିନ ଶ୍ରୀମନ୍ଦିରରୁ ଧାଡି ପହଣ୍ଡିରେ, ଅର୍ଥାତ ଚାରିମୂର୍ତ୍ତି ପଛକୁ ପଛ ହଲି ଦୋହଲି ରଥକୁ ଆସିଥାନ୍ତି। ବଡ଼ଦେଉଳର ନାଟ ମଣ୍ଡପ ଉତ୍ତର ପଟ ସାତ ପାହାଚ ଦେଇ ଚତୁର୍ଦ୍ଧାମୂର୍ତ୍ତି ବାହାରକୁ ଆସନ୍ତି। ସେଠାରେ ତାଙ୍କ ମଥାରେ ଫୁଲରେ ତିଆରି ମୁକୁଟ ସଦୃଶ ସୁନ୍ଦର ଟାହିଆ ବନ୍ଧାଯାଏ। ତାପରେ ଦଇତାପତିମାନେ ଦିଅଁମାନଙ୍କୁ ହଲେଇ ଝୁଲେଇ ପହଣ୍ଡିକରି ଆଣନ୍ତି। ଏହି ପହଣ୍ଡି ଆନନ୍ଦ ବଜାରଦେଇ ବାଇଶିପାହାଚରେ ପହଞ୍ଚନ୍ତି।

ବାଇଶିପାହାଚରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ପହଣ୍ଡି ମନ ମୋହିନିଏ। ଆଗରୁ ଅତି ପାଖରେ ଏହି ପହଣ୍ଡି ଦେଖିବା ସହଜ ହେଉନଥିଲା। ଏବେ ଦୂରଦର୍ଶନ ମାଧମରେ ଟେଲିଭିଜନ ପରଦାରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ପହଣ୍ଡିକୁ ଭକ୍ତମାନେ ମନଭରି ଦର୍ଶନ କରିପାରୁଛନ୍ତି। ପହଣ୍ଡିରେ ଆଗରେ ଆସନ୍ତି ଦାରୁ ରୂପି ଚକ୍ର ସୁଦର୍ଶନ। ତାଙ୍କ ପଛକୁ ହଲିଝୁଲି ଆସନ୍ତି ବଡଭାଇ ବଳଭଦ୍ର। ଭଉଣୀ ସୁଭଦ୍ରାଙ୍କୁ ଦଇତାପତିମାନେ ଶୂନ୍ୟ ପହଣ୍ଡିରେ ଆଣନ୍ତି। ଅର୍ଥାତ କାନ୍ଧରେ ବୋହିବୋହି ଆଣିଥାନ୍ତି। ଧାଡିର ଶେଷରେ ଥାଆନ୍ତି କଳିଆ ଦିଅଁ, କଳା ସାଆଁନ୍ତ, ମହାପ୍ରଭୁ ଶ୍ରୀଜଗନ୍ନାଥ । ରାଜାଙ୍କ ପରି ହଲିଝୁଲି ସିଏ ଆସନ୍ତି। ତାଙ୍କ ଟାହିଆ, ତାଙ୍କ ଚକାଆଖିକୁ ଦେଖିଲେ ଆଖି ଯେମିତି ସେଇଠି ଲାଖିରହେ। ଚତୁର୍ଦ୍ଧାମୂର୍ତ୍ତି ସିଂହଦ୍ୱାର ଦେଇ ବଡଦାଣ୍ଡ କୁ ଆସି ରଥରେ ବସନ୍ତି। ଦେବଦଳନ ରଥରେ ସୁଦର୍ଶନ ଓ ସୁଭଦ୍ରା, ତାଳଧ୍ୱଜ ରଥରେ ବଳଭଦ୍ର ଏବଂ ନନ୍ଦିଘୋଷ ରଥରେ ମହାପ୍ରଭୁ ଶ୍ରୀଜଗନ୍ନାଥ ବିଜେକରନ୍ତି। ଏହାପରେ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ମଦନମୋହନ ନନ୍ଦିଘୋଷରେ ଏବଂ ରାମ କୃଷ୍ଣ ତାଳଧ୍ୱଜ ରଥରେ ବିଜେକରନ୍ତି। ଚତୁର୍ଦ୍ଧାମୂର୍ତ୍ତିଙ୍କ ସହିତ ତାଙ୍କ ଲୁଗାପଟା ଓ ବେଶ ସାମଗ୍ରୀ ଭର୍ତ୍ତି ସିନ୍ଦୁକ ମଧ୍ୟ ରଥରେ ଯାଇଥାନ୍ତି।

ପହଣ୍ଡି ସରିବାପରେ ଆରମ୍ଭ ହୁଏ ଛେରାପହଁରା। ମହାପ୍ରଭୁଙ୍କ ପ୍ରଥମ ସେବକ ଗଜପତି ମହାରାଜା ତାମଜାନ୍ ନାମକ ପାଲିଙ୍କିରେ ଆସନ୍ତି। ସେ ପ୍ରଥମେ ତାଳଧ୍ୱଜ, ତାପରେ ନନ୍ଦିଘୋଷ ଓ ଶେଷରେ ଦେବଦଳନ ରଥରେ ଛେରାପହଁରା କରିଥାନ୍ତି । ଏଥିରେ ପ୍ରଥମେ ସେ ସୁନାବେଣ୍ଟ ଲଗା ପହଁରାରେ ରଥ ଚାରିପାଖ ଖରକିଥାନ୍ତି। ତାପରେ ଛେରା ବା ଚନ୍ଦନ ପାଣି ସିଞ୍ଚନ କରି ରାଜନୀତି ବନ୍ଦାପନା କରିଥାନ୍ତି। ରାଜନୀତି ବନ୍ଦାପନା ଅର୍ଥ ଆଳତୀ ଅର୍ପଣ ଓ ଚାମର ସେବାକରି ରାଜ୍ୟର ମଙ୍ଗଳ ପାଇଁ ପ୍ରାର୍ଥନା କରିବା।

ଛେରାପହଁରା ସାରି ଗଜପତି ଫେରିଯାଆନ୍ତି। ତାପରେ ରଥର ଚାରମାଳ ବା ରଥ ଉପରକୁ ଚଢିବାପାଇଁ ଯେଉଁ ତାଳପଟାର ସିଡି କରାଯାଇଥାଏ ତାକୁ ଖୋଲାଯାଏ ଓ ଘୋଡା ମାନଙ୍କୁ ଯୋଚାଯାଏ। ଏବେ ତିନିରଥଙ୍କୁ ଟାଣିବାର ବେଳ। ଘଣ୍ଟ ବାଜେ।

ବାଜେ କାହାଳୀ। ଡାହୁକ ଡାକ ଦିଅନ୍ତି। ଆରମ୍ଭହୁଏ ରଥ ଟଣା। ଭକ୍ତମାନେ ଆନନ୍ଦ ଉଲ୍ଲାସର ସହ ଟାଣି ନିଅନ୍ତି ରଥ ମାନଙ୍କୁ । ପ୍ରଥମେ ତାଳଧ୍ୱଜ ରଥ ଟଣାଯାଏ। ଏହି ରଥ କିଛିବାଟ ଗଡିଗଲାପରେ ଆରମ୍ଭ ହୁଏ ଦେବଦଳନ ରଥ ଟଣା। ଶେଷରେ ଟଣା ଯାଆନ୍ତି ମହାପ୍ରଭୁଙ୍କ ରଥ ନନ୍ଦିଘୋଷ। ଏହିରଥ ଟାଣିବାପାଇଁ ଭକ୍ତମାନେ ପାଗଳପ୍ରାୟ ହୋଇଯାଆନ୍ତି। ଏହିଭଳି ତିନିରଥଙ୍କୁ ଭକ୍ତମାନେ ଟାଣିଟାଣି ନିଅନ୍ତି ଗୁଣ୍ଡିଚାଘରକୁ। ରାତିହେଲେ ରଥ ଟଣାଯାଏନାହିଁ। ସେଥିପାଇଁ ଗୁଣ୍ଡିଚା ଦିନ ରଥମାନେ ଶରଧାବାଲିରେ ପହଞ୍ଚି ନପାରିଲେ ତାପରଦିନ ରଥମାନଙ୍କୁ ଟାଣିଟାଣି ଗୁଣ୍ଡିଚାଘରର ସିଂହଦ୍ୱାର ସମ୍ମୁଖରେ ପହଞ୍ଚିଯାଏ। ଏଣେ ଖାଲିରହେ ଶ୍ରୀମନ୍ଦିର। ଉଛୁଳିପଡେ ଶରଧାବାଲି।

ଜୟ ଜଗନ୍ନାଥ।


+ ଶଙ୍କରପୁର, ଚାରବାଟିଆ, କଟକ

ମୋ: ୭୦୭୭୨୦୬୯୭୭


# ଭକ୍ତି ଓ ମୁକ୍ତିର ଦ୍ୟୋତକ- ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା



## ଭୋଳାନାଥ ସାହୁ

ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଶ୍ରୀଗୁଣ୍ଡିଚା ରଥଯାତ୍ରା ବିଶ୍ୱପ୍ରସିଦ୍ଧ । ଶ୍ରୀଜଗନ୍ନାଥଙ୍କ ମୁଖ୍ୟ ଦ୍ୱାଦଶ ଯାତ୍ରାର ଏହା ଦ୍ୱିତୀୟ ପ୍ରସିଦ୍ଧ ଯାତ୍ରା । ଆଷାଢ଼ ମାସ ଶୁକ୍ଳପକ୍ଷ ଦ୍ୱିତୀୟା ତିଥିରେ ଏହିପର୍ବ ଅନୁଷ୍ଠିତ ହୁଏ । ଓଡ଼ିଶାର ଏହି ବଡ଼ଠାକୁରଙ୍କ ନିମନ୍ତେ ସମସ୍ତ ବଡ଼ର ବ୍ୟବସ୍ଥା । ରହିବା ପାଇଁ ବଡ଼ଦେଉଳ ଅର୍ଥାତ ଶ୍ରୀମନ୍ଦିର, ଖାଇବା ପାଇଁ ବଡ଼ଭୋଗ ଅର୍ଥାତ ମହାପ୍ରସାଦ, ପୂଜା କରିବା ପାଇଁ ବଡ଼ପଣ୍ଡା, ଯାତ୍ରା କରିବା ପାଇଁ ବଡ଼ଦାଣ୍ଡ ପ୍ରଭୃତି । ମହାପ୍ରଭୁ ଶ୍ରୀଜଗନ୍ନାଥ କିନ୍ତୁ ସମସ୍ତ ଐଶର୍ଯ୍ୟକୁ ଛାଡ଼ି ଏହି ପବିତ୍ର ତିଥିରେ ପତିତଙ୍କ ଉଦ୍ଧାର ନିମନ୍ତେ ଧୂଳିଧୂସରିତ ବଡ଼ଦାଣ୍ଡକୁ ଓହ୍ଲାଇ ଆସନ୍ତି । ଧାଡ଼ି ପହଣ୍ଡିରେ ହଲି ହଲି, ଝୁଲି ଝୁଲି, ଟାହିଆ ହଲାଇ, ଛେଚା କେଂଚା ଖାଇ ଦଇତାପତି ସେବାୟତଙ୍କ ଦ୍ୱାରା ରଥାରୁଢ଼ ହୋଇଥାନ୍ତି । ପହଣ୍ଡିଯାତ୍ରାରେ ସର୍ବାଗ୍ରେ ଥାଆନ୍ତି ସୁଦର୍ଶନ ମହାରାଜ, ପରେ ପରେ ବଡ଼ଭାଇ ବଳଭଦ୍ର, ଅଳିଅଳି ଭଉଣୀ ସୁଭଦ୍ରା ଓ ସର୍ବଶେଷରେ କାଳିଆ ସାଆନ୍ତ ଶ୍ରୀଜଗନ୍ନାଥ । ବଡ଼ଦାଣ୍ଡ ଜନସମୁଦ୍ରରେ ପରିଣତ ହୋଇଥାଏ । ଘଂଟ, ଘଂଟା, ମହୁରୀ, ଭେରୀ, ତୁରୀ, କାହାଳୀ, ସଂକୀର୍ତନ ମଣ୍ଡଳି ଓ ଜୟଜଗନ୍ନାଥ ଧ୍ୱନିରେ ବଡ଼ଦାଣ୍ଡ ପ୍ରକମ୍ପିତ ହୋଇଥାଏ । ସମସ୍ତେ ଚାହିଁଥାନ୍ତି କେତେବେଳେ ଚତୁର୍ଦ୍ଧା ମୂର୍ତି ସିଂହଦ୍ୱାର ଗୁମୁଟ ଅତିକ୍ରମ କରି ବଡ଼ଦାଣ୍ଡକୁ ଓହ୍ଲାଇ ଆସିବେ । ବଡ଼ଦାଣ୍ଡ ଘୋ-ଘୋ ନାଦରେ ପ୍ରକମ୍ପିତ ହେଉଥାଏ । ଜଗନ୍ନାଥ ଶ୍ରଦ୍ଧାଳୁଙ୍କ ମନରେ ଅସୀମ ଆନନ୍ଦ ଓ ଉତ୍ସାହ । ରଥଯାତ୍ରାରେ ବଡ଼ଦାଣ୍ଡରେ ଠିଆ ହୋଇଥିବା ଭକ୍ତଟିଏ ହିଁ ଏହାର ପ୍ରକୃତ ଅନୁଭବୀ । ଶାସ୍ତ୍ର କହେ-

"ଏ ଉତ୍ସବ ଠାରୁ ଆଉ
ଶ୍ରେଷ୍ଠ ମହୋତ୍ସବ
କୌଣସି ଶାସ୍ତ୍ରରେ
ଖୋଜିଲେ ନପାଇବ ।"

ଶ୍ରୀଜଗନ୍ନାଥଙ୍କ ଏହି ପବିତ୍ର ଯାତ୍ରା ଶ୍ରୀଗୁଣ୍ଡିଚା ଯାତ୍ରା, ଆଡ଼ପ ମଣ୍ଡପ ଯାତ୍ରା, ଘୋଷଯାତ୍ରା, ପତିତପାବନ ଯାତ୍ରା ସର୍ବୋପରି ରଥଯାତ୍ରା ନାମରେ ନାମିତ । ଏପରି ବିଳାସପୂର୍ଣ୍ଣ ଯାତ୍ରା ବିଶ୍ୱର ଅନ୍ୟ କୌଣସି ଠାକୁରଙ୍କ ନିମନ୍ତେ ବ୍ୟବସ୍ଥିତ ନାହିଁ । ଥରୁଟିଏ ମାତ୍ର ଯାତ୍ରା କରିବା ପାଇଁ ୨୦୦କୋଟିର କାର ବା ରଥର ବ୍ୟବସ୍ଥା । ରଥଯାତ୍ରା ପରେ ଯାହାକୁ ଭାଙ୍ଗିଦିଆଯାଏ ଏବଂ ଏହି କାଠ ସବୁ ରୋଷଘରେ ମହାପ୍ରସାଦ ନିର୍ମାଣରେ ପ୍ରାୟତଃ ବ୍ୟବହୃତ ହୁଏ । ପୁଣି ଆଗାମି ବର୍ଷ ପାଇଁ ସମ୍ପୂର୍ଣ୍ଣ ନୂତନ ରଥ ବା କାର ନିର୍ମାଣ ବ୍ୟବସ୍ଥା ରହିଛି । ଏମିତି ବ୍ୟବସ୍ଥା ବିଶ୍ୱର ଅନ୍ୟ କୌଣସି ଠାକୁରଙ୍କ ପାଇଁ ଅଛିକି ? ପତିତ ଜନତାଙ୍କ ଉଦ୍ଧାର, ଶ୍ରୀଗୁଣ୍ଡିଚା ମା'ଙ୍କୁ ଦେଇଥିବା କଥାରକ୍ଷା ଓ ଜଗତର ମଙ୍ଗଳ ସାଧନ ନିମନ୍ତେ ଶ୍ରୀଜଗନ୍ନାଥଙ୍କର ଏହି ପ୍ରସିଦ୍ଧ ରଥଯାତ୍ରା ଉଦିଷ୍ଟ ।

ଯେଉଁଭକ୍ତ ମାନେ ତାଙ୍କୁ ରତ୍ନସିଂହାସନରୁ ଦେଖିନପାରନ୍ତି, ତାଙ୍କ ଆନନ୍ଦବଜାରରେ ପ୍ରସାଦ ସେବନ କରି ନପାରନ୍ତି, ସେମାନେ ଅରୁଣସ୍ତମ୍ଭ ନିକଟରେ ଆଖିରୁ ଲୁହ ଗଡ଼ାନ୍ତି । ସେମାନଙ୍କର ଉଦେଶ୍ୟ ପୁରଣ କରିବା ପାଇଁ ମହାପ୍ରଭୁ ଜଗନ୍ନାଥ ରତ୍ନସିଂହାସନରୁ ଓହ୍ଲାଇ ଆସନ୍ତି । ଏମିତି ମହାନ ଠାକୁର ଆଉ ସାରା ଜଗତରେ କାହିଁ ? ଶାସ୍ତ୍ରରେ ବର୍ଣ୍ଣନା କରାଯାଇଛି -

"ଜଗତ ଯାକର ଯେତେକ
ଠାକୁର ସଭିଏଁ କହନ୍ତି ମୋତେ
ମୁଣ୍ଡିଆ ପକା
କୋଟିଏ ଭିତରେ ଗୋଟିଏ
ଠାକୁର ଯିଏ କହେ ମୋତେ
କୁଣ୍ଢେଇପକା ।"

ଶ୍ରଦ୍ଧାରେ ଭକ୍ତଙ୍କର ମୁଣ୍ଡ ନଇଁଯାଏ । ଯେଉଁ ଭକ୍ତ ଶ୍ରଦ୍ଧାରେ ତାଙ୍କ ନାମ ଉଚ୍ଚାରଣ କରେ ସେ ତପି ହେଉ ବା ପାପୀ ହେଉ ଦୁଇ ସମାନ୍ତରାଳ ମୁଦ୍ରାରେ ଥିବା ହାତକୁ ବଢ଼ାଇ କୋଳେଇ ନିଅନ୍ତି । କୁହାଯାଏ - "ରଥେ ତୁ ବାମନଂ ଦୃଷ୍ଟା ପୁନରଜନ୍ମ ନ ବିଦ୍ୟନ୍ତେ ।" ଅର୍ଥାତ ରଥାରୂଢ଼ ଜଗନ୍ନାଥଙ୍କୁ ଦର୍ଶନ କଲେ ପୁନର୍ଜନ୍ମ ହୁଏ ନାହିଁ । ତେଣୁ ରଥରେ ବିରାଜମାନ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବା ପାଇଁ ବଡ଼ଦାଣ୍ଡ ଲୋକାରଣ୍ୟ ହୋଇ ଉଠେ । ସବୁଠାରୁ ବଡ଼ ବିଶେଷତ୍ୱ ହେଉଛି ମହାପ୍ରଭୁଙ୍କ ଡ଼ୋରି ନଲାଗିଲେ ତାଙ୍କୁ ଦର୍ଶନ କରିବା ସମ୍ଭବ ହୁଏ ନାହିଁ । ସାଧାରଣ ଭକ୍ତଟିଏ ଜଗନ୍ନାଥ ତତ୍ୱକୁ ବୁଝୁ କି ନବୁଝୁ ଏତିକି କେବଳ ଭାବନା ରଥରେ ଜଗନ୍ନାଥଙ୍କୁ ଟିକେ ଦର୍ଶନ କରିବ ଆଉ ତା ରଥର ଦଉଡ଼ିକୁ ଧରି ଟାଣିବ । ବଡ଼ଦାଣ୍ଡର ଶରଧାବାଲିକୁ ଦେହ ମୁଣ୍ଡରେ ବୋଳି ଘରକୁ ଫେରିବ । ସେଇଥିରେ ତାର ପୁଣ୍ୟ । କେବଳ ସେତିକି ନୁହେଁ ମହାପ୍ରଭୁଙ୍କ ପବିତ୍ର ରଥଯାତ୍ରା ସମୟରେ ଭକ୍ତବଡ଼ଦାଣ୍ଡରେ ଝୁଟିଚିତା ଦେଇ ପ୍ରଭୁଙ୍କ ମନକୁ ଆକର୍ଷିତ କରିଥାଏ । କାରଣ ଆମ ବଡ଼ଠାକୁର ସୌନ୍ଦର୍ଯ୍ୟର ପ୍ରତୀକ ଓ ଭାରି ରସିକିଆ । ସେ ସୁନ୍ଦର ଦେଖିବା ଓ ସୁନ୍ଦର ଖାଇବାରେ ବେଶ ଧୂରନ୍ଦର । ସେହିପରି ବଡ଼ଦାଣ୍ଡରେ ରଥଯାତ୍ରା ସମୟରେ ପୁଷ୍ପଶଯ୍ୟା କିମ୍ବା ପୁଷ୍ପ ବୃଷ୍ଟି କରିଲେ ଭକ୍ତଗଣ ବହୁ ପୁଣ୍ୟ ଅର୍ଜନ କରନ୍ତି । ଯେପରି ତ୍ରେତୟା ଯୁଗରେ ଶବରୀ ପ୍ରତିଦିନ ଫୁଲର ଗାଲିଚା ତିଆରି କରି ପ୍ରଭୁ ଶ୍ରୀରାମଙ୍କ ଆଗମନକୁ ଚାହିଁ ବସୁଥିଲା । ଶେଷରେ ପ୍ରଭୁ ଆସିଲେ ଓ ଶବରୀ ଅଇଁଠା କୋଳି ଖାଇ ମନସ୍କାମନା ପୂର୍ଣ୍ଣ କରିଥିଲେ । ଶାସ୍ତ୍ରରେ ବର୍ଣ୍ଣିତ ଅଛି -

"ରଥର ଗମନ କାଳେ
ସମ୍ମୁଖ ଭାଗରେ
ପ୍ରଭୁଙ୍କ ନିମନ୍ତେ ପୁଷ୍ପ ବୃଷ୍ଟି
ଯେହୁ କରେ
ତାର ସର୍ବ ମନୋରଥ
ପୂର୍ଣ୍ଣ ହୋଇଥାଏ ।"

ଗର୍ଭଧାରିଣୀ ମା' ମାନଙ୍କ ନିମନ୍ତେ ମଧ ଆଶ୍ୱାସନାର ବାଣୀ । ପ୍ରତିଟି ଗର୍ଭବତୀ ମାଆ ଚାହେଁ ତାର ସନ୍ତାନ ଗୁଣବନ୍ତ ହେଉ । ଏଥିପାଇଁ ଗର୍ଭଧାରିଣୀ ମାଆଟିଏ ରଥଯାତ୍ରା ସମୟରେ ବଡ଼ଦାଣ୍ଡର ପାର୍ଶ୍ୱରେ ଠିଆ ହୋଇ ଯଦି 'ଜୟକୃଷ୍ଣ ଜୟକୃଷ୍ଣ କହଇ ମୁଖରେ, ସେ ଆଉ କ୍ଲେଶ ନପାଏ ଜନନୀ ଗର୍ଭରେ ।' ବାସ୍ତବରେ ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ଜୀବନଧାରାର ସମସ୍ତ ନୀତିକାନ୍ତି ଜଗନ୍ନାଥ ସଂସ୍କୃତିରେ ରହିଛି । ଆମେ ପ୍ରତ୍ୟେକ ଏହାକୁ ଜାଣିବାକୁ ଚେଷ୍ଟା କରିବା ଓ ଜୀବନକୁ ସୁଖମୟ କରିପାରିବା ।

ଶ୍ରୀଜଗନ୍ନାଥ ସମନ୍ୱୟର ଦେବତା । ସମସ୍ତ ଧର୍ମର ଦାର୍ଶନିକ ଜଗନ୍ନାଥଙ୍କ ଭିତରେ ନିଜ ନିଜର ପ୍ରଭୁଙ୍କୁ ଦର୍ଶନ କରିଛନ୍ତି । କେହି କେବେ ନିରାଶ ହୋଇ ଫେରି ନାହାଁନ୍ତି । ଏହାକେବଳ ବ୍ରହ୍ମ ଶକ୍ତିର କରାମତି । ସେହିପରି ପ୍ରତିଟି କୁଳବଧୂ ଚାହାଁନ୍ତି ମୋର ଶଙ୍ଖା ସିନ୍ଦୁର ବଜ୍ର ହେଉ । ତେଣୁ ସେମାନେ ଜଗନ୍ନାଥଙ୍କ ସେବା କରିବାରେ କାର୍ପଣ୍ୟତା କରନ୍ତି ନାହିଁ । ଏଥିପାଇଁ ବାରମାସର ତେର ପର୍ବକୁ ନିଷ୍ଠାର ସହିତ ପାଳନ କରନ୍ତି । ମହାପ୍ରଭୁଙ୍କ ଆଶୀର୍ବାଦ ପାଇବା ପ୍ରତିଟି କୁଳବଧୂର ଆଶା ଓ ଇଚ୍ଛା । ଏଥିପାଇଁ ପ୍ରତିଟି ଝିଅ ସ୍ୱପ୍ନ ଦେଖେ - 'ମୁଁ ବି ଶ୍ରୀକ୍ଷେତ୍ରର ବୋହୂ ହେବି ।' ଏ ସୌଭାଗ୍ୟ ଜଗନ୍ନାଥ ପ୍ରଦାନ କରନ୍ତୁ ଏତିକି ପ୍ରାର୍ଥନା । ୧୦ ବର୍ଷ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ରତ୍ନସିଂହାସନରେ ଦର୍ଶନ କରିବା ଯାହା ଥରୁଟିଏ ଆଡ଼ପମଣ୍ଡପରେ ଦର୍ଶନ କରିବା ସହିତ ସମାନ । ଶାସ୍ତ୍ର କହେ -

"ନୀଳାଦ୍ରୌ ଦଶ ବର୍ଷାଣି
ଗୁଣ୍ଡିଚା ମଣ୍ଡପେ ଦିନେ
ଦିବାତି ଦର୍ଶନଂ ପୁଣ୍ୟ ତତେ
ଦଶଗୁଣ ଭବତେ ।"

ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ଭାଇ ଭଉଣୀ ସମ୍ପର୍କର ପବିତ୍ର ନିଦର୍ଶନ । ନିଜର ଅର୍ଦ୍ଧାଙ୍ଗିନୀ ସାଗର ଦୁଲ୍ଲଣୀଙ୍କୁ ମହାପ୍ରଭୁ ସାଥିରେ ନେଇ ନାହାଁନ୍ତି । ବଡ଼ଭାଇଙ୍କ କଥାକୁ ଜଗନ୍ନାଥ ସର୍ବଦା ଅକ୍ଷରେ ଅକ୍ଷରେ ପାଳନ କରିଥାନ୍ତି । ନିଜର ପବିତ୍ର ରଥଯାତ୍ରାରେ ମଧ ସର୍ବାଗ୍ରେ ବଡ଼ଭାଇଙ୍କୁ ନିଜର ପବିତ୍ର ରଥ ତାଳଧ୍ୱଜ ଓ ଭଉଣୀ ସୁଭଦ୍ରାଙ୍କୁ ଦର୍ପଦଳନ ରଥରେ ପଠାଇ ନିଜେ ନନ୍ଦିଘୋଷ ରଥରେ ସମସ୍ତ ଭକ୍ତଙ୍କୁ ମୋହିତ କରି ଆଗକୁ ବଢ଼ିଚାଲିଥାନ୍ତି । ତେଣୁ କୁହାଯାଏ -

"ଆଗେ ଚାଲେ ବଳଭଦ୍ର ମଧ୍ୟେ
ଚାନ୍ଦମୁହିଁ
ପଛେ ଆସୁଛି କାଳିଆ ଗହଳ
ଲଗାଇ ।"

ଶ୍ରୀ ଗୁଣ୍ଡିଚା ମନ୍ଦିରରେ ୫ଦିନ ରହିବା ପରେ ଶ୍ରୀମନ୍ଦିରରୁ ମହାଲକ୍ଷ୍ମୀ ସ୍ୱାମୀଙ୍କ ବିଳୟତାର କାରଣ ଜାଣିବାକୁ ଗୁଣ୍ଡିଚା ମନ୍ଦିରରେ ପହଂଚିଥାନ୍ତି । ଯାହାକୁ ଦାମ୍ପତ୍ୟ ଜୀବନର ନିବିଡ଼ତାର ଏକ ସୂତ୍ର ବୋଲି କୁହାଯାଇ ପାରେ । ମହାଲକ୍ଷ୍ମୀ ପ୍ରଭୁଙ୍କୁ ଦେଖିନପାରି, କଥାହୋଇନପାରି କ୍ରୋଧିତା ହୋଇ ରଥଭାଙ୍ଗି ଫେରିଛନ୍ତି । ଏହି ସ୍ମୃତିର ପ୍ରତୀକ ଭାବରେ ପାଳିତ ହୁଏ 'ହେରାପଂଚମୀ' । ମହାଲକ୍ଷ୍ମୀଙ୍କ ମନ୍ତୁରା ଧୂଳିର ସ୍ପର୍ଶରେ ଚଳଚଂଚଳ ହୋଇ ଉଠିଛନ୍ତି ମହାପ୍ରଭୁ ଶ୍ରୀଜଗନ୍ନାଥ । ବଡ଼ଭାଇଙ୍କୁ ଶ୍ରୀମନ୍ଦିରକୁ ଫେରିଯିବା ସମ୍ପର୍କରେ ସୂଚନା ଦିଅନ୍ତି । ରଥକୁ ଦକ୍ଷିଣ ମୋଡ଼ କରି ରଖାଯାଏ । ବାହୁଡ଼ା ଯାତ୍ରାରେ ମାଉସୀ ଅର୍ଦ୍ଧଶୋଷିନୀ ମାଆଙ୍କ ଘରେ ପୋଡ଼ ପିଠା ଖାଇଥାନ୍ତି । ରାଜନଅର ସମ୍ମୁଖରେ ମହାଲକ୍ଷ୍ମୀ ଓ ଶ୍ରୀଜଗନ୍ନାଥଙ୍କର ସାକ୍ଷାତ କରାଯାଏ । ସିଂହଦ୍ୱାର ସମ୍ମୁଖରେ ତିନିରଥ ପହଂଚିବା ପରେ ଏକାଦଶୀ ତିଥିରେ ପ୍ରଭୁ ସୁନା ବେଶରେ ଭକ୍ତଙ୍କୁ ଦର୍ଶନ ଦିଅନ୍ତି । ଯାହା ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଐଶ୍ୱର୍ଯ୍ୟର ଏକ ଝଲକ । ଦ୍ୱାଦଶୀ ତିଥିରେ ଅଶରିରୀଙ୍କ ମନସ୍କାମନା ପୂର୍ଣ୍ଣ ନିମନ୍ତେ 'ଅଧରପଣା' ବ୍ୟବସ୍ଥା କରିଥାନ୍ତି । ତ୍ରୟୋଦଶୀ ତିଥିରେ ନୀଳାଦ୍ରିବିଜେ ସମୟରେ ମହାଲକ୍ଷ୍ମୀ ଶ୍ରୀମନ୍ଦିର ଦ୍ୱାର ବନ୍ଦ କରିବା ଓ ମହାପ୍ରଭୁ ମା'ଲକ୍ଷ୍ମୀଙ୍କ ମାନଭଂଜନ କରି ରସଗୋଲା ଖୁଆଇ ନୀଳାଦ୍ରିବିଜେ କରିବା ଆମ ଜୀବନଧାରାର ଗୋଟିଏ ଗୋଟିଏ ସତର୍କ ଘଂଟି ।

ବାସ୍ତବରେ ଶ୍ରୀଜଗନ୍ନାଥଙ୍କ ଏହି ପବିତ୍ର ରଥଯାତ୍ରା ପ୍ରତିଟି ଭକ୍ତଙ୍କ ହୃଦୟକୁ ପବିତ୍ର କରି ସଫଳ ଜୀବନଯାତ୍ରା ନିମନ୍ତେ ପ୍ରେରଣାର ଏକ ଉତ୍ସବ ହେଉ । ମାତ୍ର ଦୁଃଖ ଓ ବିଡ଼ମ୍ବନାର ବିଷୟ ବର୍ତମାନ ଇସ୍କନ ସଂସ୍ଥା ଜଗନ୍ନାଥଙ୍କ ରଥଯାତ୍ରାର ନୀତିକାନ୍ତିକୁ ନମାନି ଅଦିନିଆ ରଥଯାତ୍ରାର ଆୟୋଜନ କରୁଛି । ଏହା ଆମ ସଂସ୍କୃତି, ବଡ଼ଠାକୁର, ଠାକୁର ରାଜା ଓ ଓଡ଼ିଆ ଜାତି ପ୍ରତି କୁଠାରଘାତ । ଏହା ଉପରେ ରୋକ ଲଗାଇବା ପାଇଁ ପ୍ରଶାସନକୁ ବିନମ୍ର ନିବେଦନ କରୁଛି । ପ୍ରତ୍ୟେକ ଶ୍ରଦ୍ଧାଳୁ ସେହି ମହାପ୍ରଭୁଙ୍କ ଉଦେଶ୍ୟରେ ସମର୍ପିତ ଭାବନେଇ ଗାଇ ଉଠନ୍ତୁ -

"ମୋ ପ୍ରଭୁ ଜଗନ୍ନାଥ ଜଗତନାଥ
ବଡ଼ଦେଉଳେ ବସିଛ ବ୍ରହ୍ମ ସ୍ୱରୂପ
ଚକାନୟନେ ଦେଖୁଛ
ସାରା ଜଗତ
ନିଜ ଗୁଣରେ ଗୁଣି
ଭକତ ମୋହୁଛ
ତୁମ ପରି ଆଉ ଦିଅଁ
ଜଗତେ ନାହିଁତ
ମୋ ପ୍ରଭୁ ଜଗନ୍ନାଥ......"

ଜୟ ଜଗନ୍ନାଥ ଜୟ ଜଗନ୍ନାଥ ଜୟ ଜଗନ୍ନାଥ ।




+ପ୍ରାକ୍ତନ ପ୍ରାଧ୍ୟାପକ ଓ ମୁଖ୍ୟ ଶିକ୍ଷା ବିଭାଗ

ଉଦଳା ମହାବିଦ୍ୟାଳୟ, ଉଦଳା, ମୟୂରଭଞ୍ଜ

ମୋ: ୯୯୩୭୧୫୧୩୧୦


# ଶ୍ରୀମନ୍ଦିରର ବିଧି ନିଷେଧ

## ଡାକ୍ତର ସମ୍ରାଟ କର

ଆମ ସାର୍ବଜନୀନ ଜୀବନଶୈଳୀ ଓ ଲୋକ ଚଳଣିର ବ୍ୟବସ୍ଥାରେ ଅନେକ ନିଷେଧାଦେଷ ରହିଛି। ଆପଣ ଅନେକ ଯାଗାରେ ଦେଖିବେ କୋଠରୀ ବାହାରେ ଲେଖାଯାଇଥିବ 'ପ୍ରବେଶ ନିଷେଧ' ସେହିପରି ଆବାସସ୍ଥଳୀ ବା ବାସଭବନର ବାହାରେ ପ୍ରବେଶ ନିଷେଧର ବୋର୍ଡ଼ଟି ମଧ ଅନେକ ଦେଖିବାକୁ ପାଇବେ। ଠିକ ସେହିପରି ମହାପ୍ରଭୁ ଗଣଦେବତା ହୋଇଥିଲେ ମଧ ଶ୍ରୀମନ୍ଦିର ଭିତରକୁ ଅନେକ ନିଷେଧାଦେଷର ରୀତିନୀତି ରହିଛି। ସାର୍ବଜନୀନ ଦେବତା ଜଗନ୍ନାଥଙ୍କ ଦର୍ଶନ ତଥା ପରମ ପବିତ୍ର ମହାପ୍ରସାଦ ସେବନରେ ଭେଦାଭେଦ, ଶୌଚାଶୌଚ, କାର୍ଯ୍ୟ କାରଣାଦି ବାରଣ କିଛି ନାହିଁ ସତ, ତଥାପି ଶ୍ରୀମନ୍ଦିରରେ ପ୍ରବେଶକାରୀଙ୍କ ଲାଗି କେତେକ ନିର୍ଦ୍ଦିଷ୍ଟ ବିଧି ନିଷେଧ ରହିଛି। ଏସବୁ କାର୍ଯ୍ୟ ଭକ୍ତମାନଙ୍କ ପକ୍ଷରେ ଅପରାଧ ସ୍ୱରୂପ ବିବେଚିତ ହୁଏ। 'ଭକ୍ତି ପ୍ରକରଣ'ରେ ନିର୍ଦ୍ଦେଶିତ ଦ୍ୱାତ୍ରିଂଶବିଧ ଅପରାଧ ହେଉଛି -

'ଯାନୈର୍ବାପାଦୁକୈର୍ବାପି ଗମନଂ ଭଗବଦ୍ ଗୃହେ। ଦେବୋତ୍ସବାଦ୍ୟସେବା ଚ ଅପ୍ରଣାମସ୍ତଦଗ୍ରତଃ। ଉଚ୍ଛିଷ୍ଟେ ବା ଥବାନ୍ଧଶୌଚୋ ଭଗବଦ୍ ବନ୍ଦାନାଦିକମ୍। ଏକହସ୍ତ ପ୍ରଣାମସ୍ତୁ ତତ୍ପୁରସ୍ତାତ୍ ପ୍ରଦକ୍ଷିଣମ୍। ପାଦ ପ୍ରସାରଣଂ ଚାଗ୍ରେ ତଥା ପର୍ଯ୍ୟଙ୍କ ବନ୍ଧନଂ, ଶୟନଂ ଭକ୍ଷଣଂ ବାନ୍ଧପି ମିଥ୍ୟା ଭାଷଣମେବଚ। ଉଚ୍ଚୈର୍ଭାଷା ମିଥୋ ଜଳ୍ପୋ ରୋଦନାଦି ଚ ବିଗ୍ରହଃ। ନିଗ୍ରହୋନ୍ଧନୁ ଗ୍ରହଶ୍ଚୈବ ନୃଷୁ ଚ କ୍ରୁର ଭାଷଣମ୍। କମ୍ବଳାଭରଣଂ ଚୈବ ପରନିନ୍ଦା ପରସ୍ତୁତିଃ। ଅଶ୍ଳୀଳ ଭାଷଣ ଚୈବ ଅଧୋବାୟୁ ବିମୋକ୍ଷଣମ୍। ଶକ୍ତୌ ଗୌଣୋପଚାରସ୍ତୁ ଅନିବେଦିତ ଭକ୍ଷଣମ୍। ତତ୍ତତକାଳୋଦଭାବାନାଂ ଚ ଫଳାଦିନାମ୍। ବିନିଯୁକ୍ତା ବଶିଷ୍ଟସ୍ୟ ପ୍ରଦାତବ୍ୟଂ ଜନାଦିକେ। ପୃଥ୍ୱୀଂ କୃତ୍ୱାସନଂ ଚୈବ ପରେଷାମଭିବାଦନମ୍। ଗୁରୌ ମୌନଂ ନିଜସ୍ତୋତ୍ରଂଦେବତା ନିନ୍ଦନଂ ତଥା। ଅପରାଧୋ ଇମେ ବିଷ୍ଣୋ ଦ୍ୱାତ୍ରିଂଶତ ପରିକୀର୍ତ୍ତିତଃ।' ସରଳ ଓ ସାଧାରଣ ବୋଧଗମ୍ୟ ଭାଷାରେ ପ୍ରକାଶ କଲେ ଏହି ବତିଶ ପ୍ରକାର ନିଷିଦ୍ଧ କର୍ମ ତଥା ଦେବାପରାଧ ହେଉଛି। ଯାନ, ବାହାନ ଓ ପାଦୁକା ଆଦି ସହ ମନ୍ଦିର ଭିତରେ ପ୍ରବେଶ କରିବା। ଦେବତାଙ୍କ ବିଭିନ୍ନ ଉତ୍ସବମାନ ପାଳନ ନକରିବା। ଦେବତାଙ୍କ ଆଗକୁ ଯାଇ ପ୍ରଣାମ ନ କରିବା। ଉଚ୍ଛିଷ୍ଟ ମୁଖ ବା ଅଶୌଚ ହୋଇ (ଗୋଡ଼ହାତ ନ ଧୋଇ) ଦେବତାଙ୍କୁ ସ୍ତୁତି କରିବା। ଗୋଟିଏ ହାତ ଉଠାଇ ଦେବତାଙ୍କୁ ପ୍ରଣାମ କରିବା। ଦେବତାଙ୍କ ସମ୍ମୁଖରେ ଟହଲ ମାରି ବୁଲିବା ଅଥବା ହାଇ ମାରିବା ଓ ଅଳସ ଭାଙ୍ଗିବା। ଦେବତାଙ୍କ ଆଡ଼କୁ ପଛକରି ଅଥବା ଗୋଡ଼କୁ ଲମ୍ବାଇ ବସିବା। ଦେବତାଙ୍କ ଆଗରେ ଆଣ୍ଠୁରେ ହାତ ଛନ୍ଦିକରି ବସିବା। ଦେବତାଙ୍କ ଆଗରେ ଶୟନ କରିବା। ଦେବତାଙ୍କ ଆଗରେ ଭୋଜନ କରିବା। ମନ୍ଦିର ଭିତରେ ମିଥ୍ୟା ବଚନ କହିବା। ମନ୍ଦିର ଭିତରେ ବଡ଼ ପାଟିରେ କଥାବର୍ତ୍ତା କରିବା, ମନ୍ଦିର ଭିତରେ ପରସ୍ପର ଆଳାପ ଆଲୋଚନା କରିବା। ମନ୍ଦିର ଭିତରେ କ୍ରନ୍ଦନ କରିବା।

ମନ୍ଦିରରେ ପରସ୍ପର ମଧ୍ୟରେ କଳହ କରିବା, ମନ୍ଦିରରେ ଅନ୍ୟକୁ ଅପମାନ ଦେବା। ମନ୍ଦିରରେ ଅନ୍ୟ ପ୍ରତି ଅନୁଗ୍ରହ କରିବା। ମନ୍ଦିର ଭିତରେ ଅନ୍ୟକୁ କଟୁ ବଚନ କହିବା, ମନ୍ଦିରକୁ କମ୍ବଳ ଘୋଡ଼ାଇ କରି ଯିବା, ମନ୍ଦିର ଭିତରେ ପରର ନିନ୍ଦା ବା କୁତ୍ସା ରଟନା କରିବା। ମନ୍ଦିର ଭିତରେ ପରର ପ୍ରଶଂସା କରିବା, ମନ୍ଦିର ଭିତରେ ଅଶ୍ଳୀଳ ଭାଷାରେ କଥାବାର୍ତ୍ତା କରିବା, ମନ୍ଦିରରେ ଅଧୋବାୟୁ , ମଳ, ମୂତ୍ରାଦି ତ୍ୟାଗ କରିବା। ଦେବତାଙ୍କୁ ଯଥାଶକ୍ତି ପୂଜା ଅର୍ଚ୍ଚନା ନକରିବା। ଦେବତାଙ୍କୁ ସମର୍ପଣ ନ କରି ଭୋଜନ କରିବା। ଋତୁଜାତ ଫଳପୁଷ୍ପାଦି ଦେବତାଙ୍କୁ ସମର୍ପଣ ନକରିବା। ଦେବତାଙ୍କ ଉଦ୍ଦେଶ୍ୟରେ ବିନିଯୁକ୍ତ ପଦାର୍ଥର ଅବଶିଷ୍ଟାଂଶ ଅନ୍ୟକୁ ପ୍ରଦାନ କରିବା। ମଳତ୍ୟାଗ ତଥା ସ୍ତ୍ରୀ ସହବାସ ସମୟର ବସ୍ତ୍ର ପରିଧାନ କରି ମନ୍ଦିର ଯିବା, ମନ୍ଦିର ଭିତରେ ଅନ୍ୟ ବ୍ୟକ୍ତିମାନଙ୍କୁ ନମସ୍କାର କରିବା। ମନ୍ଦିର ଭିତରେ ଗୁରୁଙ୍କୁ ସମ୍ମାନ ନକରିବା। ମନ୍ଦିରରେ ନିଜର ସ୍ତୋତ୍ର ପାଠ ତଥା ନିଜର ପ୍ରଶସ୍ତି ଗାନ କରିବା। ଦେବତାଙ୍କୁ ନିନ୍ଦା କରିବା ବା ତୁଚ୍ଛ ଜ୍ଞାନ କରିବା।



+ମାନସିକରୋଗ ବିଶେଷଜ୍ଞ, ପୁରୀଘାଟ ରୋଡ଼, କଟକ,

ମୋ : ୯୧୩୨୪୩୩୩୩୩

## ଭଦ୍ରକ ଜିଲ୍ଲାରେ ୨୪ ଘଣ୍ଟାରେ ହାରାହାରି ୪୩.୭୪ ମି.ମି. ବର୍ଷା ରେକର୍ଡ

ଭଦ୍ରକ, ୧୫/୭ (ନି.ପ୍ର): ଭଦ୍ରକ ଜିଲ୍ଲାରେ ୧୪ ଜୁଲାଇ ସକାଳ ୮.୩୦ରୁ ୧୫ ଜୁଲାଇ ସକାଳ ୮.୩୦ ପର୍ଯ୍ୟନ୍ତ ୨୪ ଘଣ୍ଟା ମଧ୍ୟରେ ମୋଟ ୩୦୬.୨ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ଜିଲ୍ଲାର ହାରାହାରି ବର୍ଷା ପରିମାଣ ୪୩.୭୪ ମିଲିମିଟର ରହିଛି। ଜିଲ୍ଲା ଜରୁରୀକାଳୀନ ପରିଚାଳନା କେନ୍ଦ୍ର ପକ୍ଷରୁ ପ୍ରକାଶିତ ତଥ୍ୟ ଅନୁଯାୟୀ, ଭଦ୍ରକ ବ୍ଲକରେ ସର୍ବାଧିକ ୧୦୨.୨ ମିଲିମିଟର ବର୍ଷା। ରେକର୍ଡ ହୋଇଛି। ଏହା ପଛକୁ ଭଣ୍ଡାରିପୋଖରୀରେ ୫୧ ମି.ମି., ଧାମନଗରରେ ୪୦ ମି.ମି., ବନ୍ତ ଓ ତିହିଡ଼ିରେ ୩୯ ମି.ମି. ଲେଖାଏଁ, ଚାନ୍ଦବାଲିରେ ୧୯ ମି.ମି. ଏବଂ ବାସୁଦେବପୁରରେ ୧୬ ମି.ମି. ବର୍ଷା ହୋଇଛି।୨୪ ଘଣ୍ଟା ବର୍ଷାରେ ଭଦ୍ରକ ର ସବୁ ଗାଁ ରାସ୍ତା ରେଆଠୁଏ ଲେଖାଏଁ ପାଣିରେ ଲୋକେ ହିନସ୍ତା ।

# ମିଛ ପାଲଟିଲା ସରକାରଙ୍କ ଘୋଷଣା: ୮୩ ବର୍ଷ ବୟସ୍କ ବୃଦ୍ଧଙ୍କୁ ମିଳୁଛି ୧ ହଜାର ଟଙ୍କା ଭତ୍ତା



ଉଦଳା , ୧୫/୭ (ନି.ପ୍ର): କପ୍ତିପଦା ବ୍ଲକର ମାଙ୍କଡ଼ପଡ଼ା ପଂଚାୟତ ଅନ୍ତର୍ଗତ କାଳିଆନଚଟୁରି ଗ୍ରାମର ବାସିନ୍ଦା ସ୍ୱର୍ଗତଃ ସୁକୁ ସିଂଙ୍କର ୮୩ବର୍ଷ ବୟସର ପୁତ୍ର ହାରଦନ ସିଂ ସାମାଜିକ ସୁରକ୍ଷା ଯୋଜନାରେ ସରକାର ଯୋଗାଇ ଦେଉଥିବା ଭତା ବାବଦରେ ୧ ହଜାର ଟଙ୍କା ପାଉଥିବାର ଜଣାଇଛନ୍ତି । ୮୦ ବର୍ଷ ବୟସରୁ ଉର୍ଦ୍ଧ ବ୍ୟକ୍ତି ବିଶେଷଙ୍କୁ ମାସିକ ୩୫୦୦ଟଙ୍କା ଭତା ସରକାର ଘୋଷଣା କରିଛନ୍ତି । ହାରଦନ ସିଂଙ୍କର ଆଧାର କାର୍ଡ଼ ଓ ଭୋଟ ପରିଚୟପତ୍ର ଉଭୟଥିରେ ବୟସ ୮୩ ବର୍ଷ ଛୁଇଁଯାଇଥିବା ବେଳେ ତାଙ୍କୁ ମାସିକ ୩୫୦୦ଟଙ୍କା ଭତା କାହିଁକି ମିଳୁନାହିଁ ତାହା ବିଭିନ୍ନ ମହଲରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏଥିରୁ ସରକାରଙ୍କର ଘୋଷଣା ସମ୍ପୁର୍ଣ୍ଣ ମିଛ ବେଶ ସ୍ପଷ୍ଟ ପ୍ରମାଣିତ ହୋଇଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି । ଦିନମଜୁରିଆ ଭାବରେ କାମ କରି ହାରଦନ ସାରା ଜୀବନ ବିତାଇଥିବା ବେଳେ ବର୍ତମାନ ବୟସ ଅଧିକ ହୋଇଯାଇଥିବାରୁ ଆଦୌ କାମ କରିପାରୁ ନାହାଁନ୍ତି । ବର୍ଦ୍ଧିତ ୩୫୦୦ଟଙ୍କା ମାସିକ ଭତା ତାଙ୍କୁ ଯୋଗାଇ ଦେବାକୁ ସେ ପଂଚାୟତ କାର୍ଯ୍ୟାଳୟ ଓ ବ୍ଲକ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇ ବାରମ୍ବାର ଗୁହାରି ଜଣାଇଛନ୍ତି । କିନ୍ତୁ କେହି ତାଙ୍କର ଗୁହାରି ଶୁଣୁନଥିବାର ଅଭିଯୋଗ କରିଛନ୍ତି । ବିଭାଗୀୟ କର୍ତୃପକ୍ଷ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେବାକୁ ବହୁ ସ୍ୱେଚ୍ଛାସେବି ଅନୁରୋଧ ଜଣାଇଛନ୍ତି ।

# ଓ.ଏ.ପି.ଏଫ୍ ଯବାନଙ୍କ ଦୁରୁପଯୋଗ ବନ୍ଦ ଓ ପି.ଆର.ଏମ ମେଡିକାଲ କଲେଜରେ ପୋଲିସ ଫାଣ୍ଡି ଦାବି: ଏସ୍‌ପିଙ୍କୁ ବିଜେଡିର ସ୍ମାରକୀପତ୍ର




ବାରିପଦା, ୧୫/୭ (ନି.ପ୍ର): ଓ.ଏ.ପି.ଏଫ୍ ଯବାନମାନଙ୍କୁ ସରକାରୀ ଦାୟିତ୍ୱ ବଦଳରେ ଅଫିସରଙ୍କ ବ୍ୟକ୍ତିଗତ କାର୍ଯ୍ୟରେ ନିୟୋଜିତ କରାଯାଉଥିବା ଅଭିଯୋଗର ନିରପେକ୍ଷ ତଦନ୍ତ ସହ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରିଛି ବିଜୁ ଜନତା ଦଳ (ବିଜେଡି)। ଏଥିସହ P.R.M. ପି.ଆର.ଏମ. ମେଡିକାଲ କଲେଜ ଓ ହସ୍ପିଟାଲର ନୂତନ କୋଠା (ରଙ୍ଗମାଟିଆ) ପରିସରରେ ତୁରନ୍ତ ଏକ ସ୍ଥାୟୀ ପୋଲିସ ଫାଣ୍ଡି ସ୍ଥାପନ, ମେଡିକାଲକୁ ସଂଯୋଗ କରୁଥିବା ରାସ୍ତାରେ ୨୪୍୭ ପୋଲିସ ପାଟ୍ରୋଲିଂ, ପର୍ଯ୍ୟାପ୍ତ ସିସିଟିଭି କ୍ୟାମେରା, ହାଇମାଷ୍ଟ ଲାଇଟ୍ ଓ ସୁଦୃଢ଼ ସୁରକ୍ଷା ବ୍ୟବସ୍ଥା କରିବାକୁ ମଧ୍ୟ ଦାବି ଉଠାଇଛି। ବିଜେଡିର ବରିଷ୍ଠ ସାଧାରଣ ସମ୍ପାଦକ ଶ୍ରୀଯୁକ୍ତ ସାନନ୍ଦ ମାର୍ଣ୍ଡିଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ମୟୂରଭଞ୍ଜ ପୁଲିସ ଅଧୀକ୍ଷକଙ୍କୁ ସାକ୍ଷାତ କରି ଏହି ସମସ୍ତ ଦାବି ଏକ ସ୍ମାରକୀ ପତ୍ର ପ୍ରଦାନ କରିଥିଲେ। ସ୍ମାରକୀ ପତ୍ରରେ ଦର୍ଶାଯାଇଛି ଯେ, ଗଣମାଧ୍ୟମରେ ପ୍ରକାଶିତ ଖବର ଅନୁଯାୟୀ କେତେକ ଓ.ଏ.ପି.ଏଫ୍ ଯବାନଙ୍କୁ ବ୍ୟକ୍ତିଗତ କାର୍ଯ୍ୟରେ ନିୟୋଜିତ କରାଯାଉଥିବା ଅଭିଯୋଗ ପୁଲିସ ବ୍ୟବସ୍ଥାର ଭାବମୂର୍ତ୍ତି ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଏହି ଘଟଣାର ତୁରନ୍ତ ନିରପେକ୍ଷ ତଦନ୍ତ କରି ଦୋଷୀଙ୍କ ବିରୋଧରେ କଠୋର ପଦକ୍ଷେପ ନେବା ସହ ଓ.ଏ.ପି.ଏଫ୍ ଯବାନମାନଙ୍କୁ କେବଳ ସରକାରୀ କାର୍ଯ୍ୟରେ ନିୟୋଜିତ କରିବାକୁ ଦଳ ଦାବି କରିଛି। ସେହିପରି, ରଙ୍ଗମାଟିଆ ସ୍ଥିତ ନୂତନ ଚ.ଜ.ଗ. ମେଡିକାଲ କଲେଜକୁ ପ୍ରତିଦିନ ହଜାର ହଜାର ରୋଗୀ ଓ ସାଧାରଣ ଲୋକଙ୍କ ଯାତାୟାତ ହେଉଥିବାରୁ ସେଠାରେ ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ଅତ୍ୟାବଶ୍ୟକ ବୋଲି ସ୍ମାରକୀ ପତ୍ରରେ ଉଲ୍ଲେଖ କରାଯାଇଛି। ଏହି ଦାବି ପତ୍ର ରେ ମୟୂରଭଞ୍ଜ ଜିଲ୍ଲା ପୂର୍ବତନ ବିଜେଡି ସଭାପତି ଶ୍ରୀ ଦେବାଶିଷ ମହାନ୍ତି, ବାରିପଦା ପୌରପରିଷଦ ପୂର୍ବତନ ଉପ ନଗରପାଳ ଶ୍ରୀ ଜିତେନ୍ଦ୍ର ମହାନ୍ତି, ବିଜେଡି ପାର୍ଟି ଅଫିସ ସମ୍ପାଦକ ଶ୍ରୀ ଶୈଳେନ୍ଦ୍ର ପାତ୍ର, ବରିଷ୍ଠ ନେତା ଶ୍ରୀ ପ୍ରଭାତ ନାୟକ, ଜିଲ୍ଲା ବରିଷ୍ଠ ଉପସଭାପତି ଜ୍ଞାନରଞ୍ଜନ ଦାଶ, ବରିଷ୍ଠ ନେତା ଶ୍ରୀ କିଶୋର ପାତ୍ର, ମହେଶ୍ୱର ସାହୁ ଓ ସୁନୀଲ କୁମାର ନାୟକ, ଆଭାସ ଦେ, ଅମିତ ବୈଠା, ମନିଷ ବେହରା, ରିଷି ପରିଚ୍ଛା ଉପସ୍ଥିତ ରହି ପ୍ରଶାସନକୁ ଜନସ୍ୱାର୍ଥ ଦୃଷ୍ଟିରୁ ତୁରନ୍ତ ଦୃଢ଼ ପଦକ୍ଷେପ ଗ୍ରହଣ କରିବାକୁ ଦାବି ଜଣାଇଥିଲେ।

## ଧାନରେ ୪ ଇଞ୍ଚର ରଥ ପ୍ରସ୍ତୁତ କରିଛନ୍ତି ଶୁଭ୍ରାଂଶୁ



ଖୋର୍ଦ୍ଧା , ୧୫/୭ (ନି.ପ୍ର): ଖୋର୍ଦ୍ଧା ପଲଟନ ପଡିଆର ଶୁଭ୍ରାଂଶୁ ରଞ୍ଜନ ସାହୁ ଧାନ ରେ ୪ ଇଞ୍ଚ ଉଚ୍ଚତା ର ଜଗନ୍ନାଥ ଙ୍କ ପାଇଁ ନନ୍ଦିଘୋଷ ରଥ ନିର୍ମାଣ କରିଛନ୍ତି ଓ ଜଗନ୍ନାଥ ଙ୍କୁ ବିଜେ କରାଇ ଛନ୍ତି। ଏଥିଲାଗି ତାଙ୍କୁ ୭ ଦିନ ସମୟ ଲାଗିଛି। ବିଗତ ବହୁ ବର୍ଷ ଧରି ଶୁଭ୍ରାଂଶୁ ବିଭିନ୍ନ ଅଦରକାରୀ ବସ୍ତୁ ରେ ରଥ ନିର୍ମାଣ କରି ସ୍ଥାନୀୟ ଅଂଚଳ ରେ ପ୍ରଶଂସିତ ହୋଇଛନ୍ତି ।ସେ ଦିପ୍ତୀରଂଜନ ସାହୁଙ୍କ ପୁତ୍ର ଓ ସେ ଯୁକ୍ତ ୩ ର ବିଦ୍ୟାର୍ଥୀ ।ଜଗନ୍ନାଥ ଙ୍କ ପ୍ରତି ତାର ସମର୍ପଣ ଭାବ ପାଇଁ ସେ ସବୁବର୍ଷ ସେ ରଥ ପ୍ରସ୍ତୁତ କରିପାରୁଛି ବୋଲି ଜେଜେ ମା ସତ୍ୟଭାମା ସାହୁ ପ୍ରକାଶ କରିଛନ୍ତି ।ଶୁଭ୍ରାଂଶୁ ସବୁବର୍ଷ ପୁରୀ କୁ ରଥ ଯାତ୍ରା ରେ ପରିବାର ସହ ଯାଇ ରାଥାରୁଢ ମହାପ୍ରଭୁ ଙ୍କ ଦର୍ଶନ ତାଙ୍କ ଜୀବନ ର ଶ୍ରେଷ୍ଠ ଆନନ୍ଦ ବୋଲି ପରିପ୍ରକାଶ କରିଛନ୍ତି। ବହୁ ଜଗନ୍ନାଥ ପ୍ରେମୀ ଏହି ଧାନ ଦ୍ୱାରା ପ୍ରସ୍ତୁତ ରଥ କୁ ଦର୍ଶନ ପାଇଁ ଆସି ପ୍ରଭୁକୃପା ଲାଭ କରୁଛନ୍ତି।

# ଫକୀରମୋହନ ମେଡିକାଲ କଲେଜରେ ପ୍ରଧାନମନ୍ତ୍ରୀ ଦିବ୍ୟାଶା କେନ୍ଦ୍ର ଉଦ୍ଘାଟିତ



ବାଲେଶ୍ୱର, ୧୫/୭ (ନି.ପ୍ର): ବୁଧବାର ସକାଳ ୧୦ ଘଟିକା ସମୟରେ ଫକୀରମୋହନ ମେଡିକାଲ କଲେଜ ଏବଂ ହସ୍ପିଟାଲ ପରିସରରେ ପ୍ରଧାନମନ୍ତ୍ରୀ ଦିବ୍ୟାଶା କେନ୍ଦ୍ରର ଶୁଭ ଉଦ୍ଘାଟନ ଅନୁଷ୍ଠିତ ହୋଇଯାଇଛି । ଦିବ୍ୟାଙ୍ଗଜନଙ୍କୁ ଆବଶ୍ୟକୀୟ ସହାୟକ ଉପକରଣ ଓ କୃତ୍ରିମ ଅଙ୍ଗ ସମ୍ପୂର୍ଣ୍ଣ ନିଶୁଳ୍କରେ ଯୋଗାଇ ଦେବା ଉଦ୍ଦେଶ୍ୟରେ ଏହି କେନ୍ଦ୍ର ସ୍ଥାପିତ ହୋଇଛି। ଏହା ଦ୍ୱାରା ଜିଲ୍ଲା ସମେତ ଆଖପାଖ ଅଞ୍ଚଳର ଦିବ୍ୟାଙ୍ଗଜନମାନେ ସହଜରେ ଆବଶ୍ୟକୀୟ ସେବା ଓ ସହାୟକ ସାମଗ୍ରୀ ପାଇପାରିବେ। ଉଦ୍ଘାଟନୀ ଉତ୍ସବ ଉପଲକ୍ଷେ ଆୟୋଜିତ ସଭାରେ ବାଲେଶ୍ୱର ସାଂସଦ ଶ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ସରକାରୀ ଉପମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଶ୍ରୀ ଗୋବିନ୍ଦ ଚନ୍ଦ୍ର ଦାସ, ସଦର ବିଧାୟକ ଶ୍ରୀ ମାନସ କୁମାର ଦତ୍ତ, ନୀଳଗିରି ବିଧାୟକ ଶ୍ରୀ ସନ୍ତୋଷ ଖଟୁଆ, ବସ୍ତା ବିଧାୟିକା ଶ୍ରୀମତୀ ଶୁଭାସିନୀ ଜେନା, ଜିଲ୍ଲା ପରିଷଦ ସଭାପତି ଶ୍ରୀ ନାରାୟଣ ପ୍ରଧାନ, ବରିଷ୍ଠ ବ୍ୟକ୍ତି ଶ୍ରୀ ଈଶ୍ୱର ଚନ୍ଦ୍ର ବେହେରା, ଫକୀରମୋହନ ମେଡିକାଲ କଲେଜର ଡିନ୍ ପ୍ରଫେସର ଡଃ ଜ୍ଞାନେନ୍ଦ୍ର ବେହେରା, ବାଲେଶ୍ୱର ଜିଲ୍ଲାପାଳ ଶ୍ରୀ ସୂର୍ଯ୍ୟବଂଶୀ ମୟୂର ବିକାଶ, ଉପଜିଲ୍ଲାପାଳ ଶ୍ରୀ ସି. ମାଲବ୍ୟଙ୍କ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ବହୁ ସଂଖ୍ୟକ ଦିବ୍ୟାଙ୍ଗଜନ ଓ ସାଧାରଣ ଲୋକ ଉପସ୍ଥିତ ରହିଥିଲେ। କାର୍ଯ୍ୟକ୍ରମ ଶେଷରେ ଅତିଥିମାନେ ଦିବ୍ୟାଙ୍ଗ ଭାଇଭଉଣୀମାନଙ୍କୁ ଇ-ରିକ୍ସା, ହ୍ୱିଲଚେୟାର, ଶ୍ରବଣ ଯନ୍ତ୍ର, ସହାୟକ ବଡି ସପୋର୍ଟ, କୃତ୍ରିମ ଅଙ୍ଗ ସମେତ ବିଭିନ୍ନ ସହାୟକ ଉପକରଣ ବଣ୍ଟନ କରିଥିଲେ। ବକ୍ତାମାନେ ନିଜ ଅଭିଭାଷଣରେ କହିଥିଲେ ଯେ, ପ୍ରଧାନମନ୍ତ୍ରୀ ଦିବ୍ୟାଶା କେନ୍ଦ୍ର ଦିବ୍ୟାଙ୍ଗଜନଙ୍କ ସଶକ୍ତିକରଣ ଦିଗରେ ଏକ ଯୁଗାନ୍ତକାରୀ ପଦକ୍ଷେପ। ଏହି କେନ୍ଦ୍ର ମାଧ୍ୟମରେ ଦିବ୍ୟାଙ୍ଗଜନମାନେ ଆଧୁନିକ ସହାୟକ ଉପକରଣ ସହଜରେ ଓ ସମ୍ପୂର୍ଣ୍ଣ ନିଶୁଳ୍କରେ ପାଇ ନିଜ ଜୀବନକୁ ଅଧିକ ସ୍ୱାବଲମ୍ବୀ ଓ ସମ୍ମାନଜନକ କରିପାରିବେ।

## ଚାମେଲୀ ଓ ରଜ...

(ପୃଷ୍ଠା ୫ର ଅବଶିଷ୍ଟାଂଶ)

ତେଣୁ ବର୍ଷାକୁ ସ୍ୱାଗତ ଜଣାଇବା ପାଇଁ ରଜ ପର୍ବ ପାଳନର ପ୍ରଧାନ ଲକ୍ଷ୍ୟ। ସମାଜରେ ପ୍ରଚଳିତ କଥାନୁସାରେ ଏହି ସମୟରେ ଧରିତ୍ରୀ ମାତା ରଜୋ ବତୀ ହୁଏ ଅର୍ଥାତ ପ୍ରଜନନ ଯୋଗ୍ୟ ହୁଏ ତେଣୁ ପୃଥିବୀକୁ ରଜୋବତୀ ନାରୀ ସହ ତୁଳନା କରି ରଜ ତିନିଦିନ କୁମାରୀ କନ୍ୟା ବାଟିବା, କାଟିବା, କୁଟିବା କାମ କରନ୍ତି ନାହିଁ। ପହିଲି ରଜ ଆଗ ଦିନରୁ ବଟା କୁଟା କାମ ସରେ। ରଜ ତିନିଦିନ ପିଠା ଖାଇ, ଅଳତା ଚନ୍ଦନ କୁଙ୍କୁମ ଟିପା ମଥାରେ ଲଗାଇ, ନୂଆ ଜାମା ପିନ୍ଧି, ସାଙ୍ଗ ସାଥି ସହ ମିଶି ଗଛରେ ବନ୍ଧା ହୋଇଥିବା ଦୋଳି ରେ ରଜ ଗୀତ ଗାଇ ଖେଳନ୍ତି। ରାମ ଦୋଳି, ପଟା ଦୋଳି, ବାଉଁଶ ଦୋଳି ପ୍ରଭୃତି ଅନେକ ପ୍ରକାରର ଦୋଳିକୁ ଫୁଲରେ ସଜା ଯାଇ ଗଛ ଡାଳରେ ବନ୍ଧା ଯାଇଥାଏ ସେଥିରେ ଖୁବ ଖୁସିରେ ରଜ ପାନ ଖାଇ ପାଟି ନାଲ କରି ଝିଅ ମାନେ ଖେଳନ୍ତି। ଧରଣୀ ମା'କୁ ଖାଲି ପାଦରେ ଚାଲିଲେ କଷ୍ଟ ହେବ ବୋଲି ପାଦରେ କଦଳୀ ପଟୁକା ବା ଗୁଆ ଖୋଳକୁ ଚପଲ କରି ପିନ୍ଧନ୍ତି। ବନ୍ଧୁ ବାନ୍ଧବ ନିମନ୍ତ୍ରଣ ହୁଏ, ତାସ, ଲୁଡୁ, ବାଗୁଡ଼ି ଖେଳ ପୁଅ ମାନେ ଖେଳନ୍ତି। ଅନେକ ପ୍ରକାର ରଜ ଗୀତ ରହିଛି - ରଜ ଦୋଳି କଟ କଟ ମୋ ଭାଇ ମୁଣ୍ଡରେ ସୁନା ମୁକୁଟ ଲୋ ଦିଶୁଥାଏ ଝଟ ଝଟ। ଏମିତି ଅନେକ ପାରମ୍ପରିକ ଗୀତ ଗାଇଥାନ୍ତି ଝିଅ ମାନେ ବୁଝିଲୁ ମା। ସଂଧାବେଳକୁ ରଜ ପାରି ହୁଏ, ସାହି ପଡ଼ିଶା ଏକାଠି ବସି ସନ୍ଧ୍ୟାରେ ଭୋଜନ କରନ୍ତି। ରାତ୍ରି କାଳରେ କରନ୍ତି ନାହିଁ। ମୁଖ୍ୟତଃ ମାଟିକୁ କର୍ଷଣ, ଖୋଦନ, ବପନ କାର୍ଯ୍ୟରୁ ଏ ତିନିଦିନ ବନ୍ଦଫୁରସତ ମିଳେ। ଧରିତ୍ରୀ ମା'ର ସ୍ନାନ ପରେ କୃଷି କାମ ଯଥାରିତି ଚାଲେ। ରଜ ବିଜ୍ଞାନ ସମ୍ମତ ଓ ଆନନ୍ଦ ଦାୟକ ପର୍ବ ଅଟେ। ଏଥିରେ ଚାଷ ବାସ କାମ ନ ଥାଏ ବୋଲି ଘରର ସମସ୍ତ ସଦସ୍ୟ ପାରମ୍ପରିକ ରୀତିରେ ମନାନ୍ତି। ଝିଅଟି ରଜୋବତୀ ହେଲେ ତା ସ୍ୱାସ୍ଥ୍ୟକୁ ଯେପରି ସବୁ ଘର କରଣା କାମରୁ ବିଶ୍ରାମ ଦିଆଯାଏ ସେହିପରି ମାଟି ମା'କୁ ମଧ୍ୟ କୃଷି କାମରୁ ବିଶ୍ରାମ ଦିଆଯାଏ। ସବୁ ଶୁଣୁଥିଲା ଚାମେଲୀ ଆଈ ମା ଗପ ପରି ଲାଗୁଥିଲା ତାକୁ। କାରଣ ତାଙ୍କର ତେଲୁଗୁ ସମ୍ପ୍ରଦାୟ ରେ ରଜବତୀ ହେଲେ କିଛି କାମ ବାରଣ ଅଛି କିନ୍ତୁ ମାଟି ମା'ର ଏ କାହାଣୀ ଶୁଣି ବହୁତ ଖୁସି ଲାଗିଲା। ଆଗକୁ ରଜ ଆସୁଥିବାରୁ ଶାଶୁ ବୋହୂ ଦୁହେଁ ଘର ଧୂଆ କାମରେ ଲାଗି ପଡିଲେ।

+ମଧୁସୂଦନ ନଗର, ଜଟଣୀ,ଜିଲ୍ଲା - ଖୋର୍ଦ୍ଧା
ମୋ: ୭୯୭୮୧୧୦୪୭୪

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## ଆଜି ବିଶ୍ୱ ପ୍ରସିଦ୍ଧ...

୩ ପୂଜାପଣ୍ଡା ସାମନ୍ତ ଆଜ୍ଞାମାଳ ଆଣି ଶ୍ରଦ୍ଧାର ସହ ୩ ରଥରେ ବିଜେ କରିଥିଲେ। ପ୍ରଥମେ ବଡ଼ଠାକୁରଙ୍କ ତାଳଧ୍ୱଜ, ପରେ କାଳିଆ ଠାକୁରଙ୍କର ନନ୍ଦିଘୋଷ ଓ ଶେଷରେ ଦେବୀ ସୁଭଦ୍ରାଙ୍କ ରଥ ଦର୍ପଦଳନ ରଥରେ ଆଜ୍ଞାମାଳ ପ୍ରଦାନ ପରେ ରଥଖଳାରୁ ସିଂହଦ୍ୱାର ସାମ୍ନାକୁ ଗଡ଼ିଥିଲେ ଗୋଟିଏ ପରେ ଗୋଟିଏ ରଥ। ପ୍ରଥମେ ନନ୍ଦିଘୋଷ, ପରେ ଦର୍ପଦଳନ ଓ ଶେଷରେ ତାଳଧ୍ୱଜ ରଥ ସୁରକ୍ଷା ବାହିନୀଙ୍କ ଦ୍ୱାରା ସିଂହଦ୍ୱାର ସାମ୍ନାରେ ଲାଗିଥିଲା। ଆଉ ଏଥିସହ ଆସନ୍ତାକାଲି ଚତୁର୍ଦ୍ଧାମୂରତିଙ୍କ ସ୍ୱାଗତ ପାଇଁ ପ୍ରସ୍ତୁତ ବୋଲି ତିନି ଠାକୁରଙ୍କୁ ସୂଚାଇ ଦେଇଥିଲେ ତିନି ରଥ। ଆଜି ପୁରୀରେ ଭଲ ବର୍ଷା ସତ୍ତ୍ୱେ ବେଶ୍ ଶୃଙ୍ଖଳିତ ଆଉ ପୂର୍ବ ନିର୍ଦ୍ଧାରିତ ସମୟ ଅନୁସାରେ ସମସ୍ତ ନୀତିକାନ୍ତି ସମାପନ ହୋଇଛି। ସକାଳୁ ବର୍ଷା ପରେ ମଧ୍ୟାହ୍ନରେ ଶୁଖିଲା ପାଗ ପାଇଁ ନୀତିକାନ୍ତି କିମ୍ବା ୩ ରଥକୁ ସିଂହଦ୍ୱାର ସାମ୍ନାକୁ ନେବାରେ କୌଣସି ଅସୁବିଧା ହୋଇନି।

## କମିଶନ ଫାଇଲ ହଜିବା ...

ତତକାଳୀନ ପ୍ରମୁଖ ସଚିବ ରାଜେଶ କୁମାର ବର୍ମାଙ୍କୁ ନୋଟିସ୍ ଜାରି କରିଛି। ସର୍ବଭାରତୀୟସ୍ତରର ଏହି ଦୁଇ ଅବସରପ୍ରାପ୍ତ ଅଫିସରଙ୍କୁ ୩ଦିନ ମଧ୍ୟରେ ତଦନ୍ତକାରୀ ଅଫିସର ପାଖରେ ହାଜର ହୋଇ ପକ୍ଷ ରଖିବାକୁ କୁହାଯାଇଛି । ମିଳିଥିବା ସୂଚନା ଅନୁସାରେ, କମିଶନରେଟ ପୁଲିସ ନିଜର ସ୍ୱତନ୍ତ୍ର ଟିମ୍ ମାଧ୍ୟମରେ ଏହି ମାମଲାର ଖୋଳତାଡ଼ କରିବା ପରେ ଏହି ଦୁଇ ବରିଷ୍ଠ ଅଫିସରଙ୍କୁ ନୋଟିସ୍ ଜାରି କରିଛି । ଶ୍ରୀ ମିଶ୍ର ଆଇଟି ସଚିବ ସମେତ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଓଏସଡି ଭାବେ କାର୍ଯ୍ୟ କରୁଥିଲେ ଓ ବିଜେଡି ସରକାର କ୍ଷମତାରୁ ଯିବା ପରେ ଚାକିରିରୁ ଇସ୍ତଫା ଦେଇଥିଲେ। ଅବସରପ୍ରାପ୍ତ ଆଇଆରଟିଏସ୍ ଅଫିସର ଶ୍ରୀ ମିଶ୍ର ହେଉଛନ୍ତି ବିଜେଡିର ସର୍ବେସର୍ବା ଭିକେ ପାଣ୍ଡିଆନ ଓ ତାଙ୍କ ପତ୍ନୀ ସୁଜାତାଙ୍କ ଘନିଷ୍ଠ ବନ୍ଧୁ। ସେହିପରି ୧୯୮୭ ବ୍ୟାଚର ଆଇଏଏସ୍ ଅଧିକାରୀ ରାଜେଶ ବର୍ମା ୨୦୧୭ ଜାନୁୟାରୀରୁ ୨୦୨୨ ଅଗଷ୍ଟ ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ସଚିବ ଥିଲେ ଓ ଏବେ ସେ କମିଶନ ଫର ଏୟାର କ୍ୱାଲିଟି ମ୍ୟାନେଜମେଣ୍ଟର ଅଧ୍ୟକ୍ଷ ଭାବେ କାର୍ଯ୍ୟ କରୁଛନ୍ତି।

## ଓଡ଼ିଶା ଓ ଝାଡ଼ଖଣ୍ଡ ପାଇଁ ...

ଥିବା ଏହି ପ୍ରକଳ୍ପ ଦ୍ୱାରା ପରିବହନ ଓ ଲଜିଷ୍ଟିକ୍ସ ଦକ୍ଷତାରେ ଉନ୍ନତି ଘଟିବ। ଏହାଦ୍ୱାରା ସାଧାରଣ ଜନତା, ସାମଗ୍ରୀ ଓ ସେବା ପରିବହନରେ ଉନ୍ନତି ହେବ। ଏହି ଦୁଇ ପ୍ରକଳ୍ପ ଦ୍ୱାରା କୋଇଲା, ଲୁହାପଥର, ଡୋଲୋମାଇଟ୍, ଚୂନପଥର, ଜିପ୍‌ସମ୍ ପରିବହନରେ ମଧ୍ୟ ବୃଦ୍ଧି ଘଟିବ। ବାର୍ଷିକ ୪୪ ନିୟୁତ ଟନ୍ ଅଧିକ ପଣ୍ୟ ପରିବହନ ହୋଇପାରିବ। ଏହି ଦୁଇ ରେଳପଥ ଦ୍ୱାରା ମାଲ ପରିବହନ କଲେ ୬ କୋଟି ଲିଟର ତେଲ ଆମଦାନି କରିବାକୁ ପଡ଼ିବ ନାହିଁ, ୨୯ କୋଟି କେଜି ସିଓ୨ ନିର୍ଗମନ ହ୍ରାସ ପାଇବ ଯାହା ୧ କୋଟି ଗଛ ଲଗାଇବା ସହ ସମାନ।

## ଶୁଳ୍କ ନୀତିରେ ଟ୍ରମ୍ପଙ୍କ...

ଉପରେ କଟକଣା ଲାଗୁ କରିବା ଏବଂ ଶକ୍ତି ଯୋଗାଣ ପାଇଁ ରୁଷ ଉପରେ ନିର୍ଭରଶୀଳତା ହ୍ରାସ କରିବା ପାଇଁ ଶୁଳ୍କ ମାଧ୍ୟମରେ ଚୀନ୍ ଏବଂ ଭାରତ ଉପରେ ଚାପ ପକାଇବା। ନୂତନ ସଂଶୋଧିତ ବିଲ୍ ରୁଷରୁ ବହୁ ପରିମାଣରେ ଅଶୋଧିତ ତୈଳ ଏବଂ ପ୍ରାକୃତିକ ଗ୍ୟାସ୍ କ୍ରୟ କରୁଥିବା ଦେଶଗୁଡ଼ିକୁ ଆଶ୍ୱସ୍ତି ପ୍ରଦାନ କରିଛି। ଏପ୍ରିଲ୍ ୨୦୨୫ରେ ଉପସ୍ଥାପିତ ମୂଳ ପ୍ରସ୍ତାବରେ ରୁଷ ଇନ୍ଧନ କ୍ରୟ କରୁଥିବା ଦେଶଗୁଡ଼ିକ ଉପରେ ୫୦୦ ପ୍ରତିଶତର ଏକକାଳୀନ ଶୁଳ୍କ ଲାଗୁ କରିବାକୁ କୁହାଯାଇଥିଲା। ଟ୍ରମ୍ପ ପ୍ରଶାସନ ଏବେ ଏହାକୁ ଶ୍ରେଷ୍ଠ ପାଞ୍ଚଟି କ୍ରେତାଙ୍କ ପାଇଁ ସର୍ବାଧିକ ୧୦୦ ପ୍ରତିଶତକୁ ପରିବର୍ତ୍ତନ କରିଛି । ସିନେଟ୍ ସହାୟକମାନଙ୍କ ଅନୁଯାୟୀ, ରୁଷର ଅଶୋଧିତ ତୈଳର ଶ୍ରେଷ୍ଠ ପାଞ୍ଚ କ୍ରେତାଙ୍କ ମଧ୍ୟରେ ଚୀନ୍, ଭାରତ, ସ୍ଲୋଭାକିଆ, ହଙ୍ଗେରୀ ଏବଂ ଆଜରବାଇଜାନ ସାମିଲ ଅଛନ୍ତି। ଯେତେବେଳେ ପ୍ରାକୃତିକ ଗ୍ୟାସର ଶ୍ରେଷ୍ଠ କ୍ରେତାଙ୍କ ମଧ୍ୟରେ ଚୀନ୍, ଫ୍ରାନ୍ସ, ଜାପାନ, ହଙ୍ଗେରୀ ଏବଂ ବେଲଜିୟମ ରହିଛନ୍ତି। ଏହା ସହିତ ନୂତନ ବିଲ୍‌ରେ ସେହି ଦେଶମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ଛାଡ଼ ଅନ୍ତର୍ଭୁକ୍ତ କରାଯାଇଛି ଯେଉଁମାନେ ରୁଷର ମୋଟ ପ୍ରାକୃତିକ ଗ୍ୟାସ ରପ୍ତାନିର ୧୫ ପ୍ରତିଶତରୁ କମ୍ ଆମଦାନି କରନ୍ତି ଏବଂ ସେମାନଙ୍କର ନିର୍ଭରଶୀଳତା ହ୍ରାସ କରିବା ପାଇଁ ଆବଶ୍ୟକ ପଦକ୍ଷେପ ନେଉଛନ୍ତି।

# କନ୍ଧମାଳରେ ସମ୍ବର୍ଦ୍ଧିତ ହେଲେ ମୟୁରଭଞ୍ଜ ଜିଲ୍ଲା ସାମ୍ବାଦିକ ସଙ୍ଘ ସଭାପତି



ବୈଶିଙ୍ଗା, ୧୫/୭ (ନି.ପ୍ର): କନ୍ଧମାଳ ଜିଲ୍ଲା ସାମ୍ବାଦିକ ସଂଘର ବାର୍ଷିକ ଉତ୍ସବ ଓ ରାଜ୍ୟ କଳିଙ୍ଗ ପେଶାଦାର ସାମ୍ବାଦିକ ସଂଘର କାର୍ଯ୍ୟକାରିଣୀ ବୈଠକ ଗତ ୧୨ ତାରିଖ ରବିବାର କନ୍ଧମାଳ ଗାନ୍ଧୀ ସ୍ମୃତି ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ସଂଘର ସଭାପତି ଡ. ଅରୂପ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବାର୍ଷିକ ଉତ୍ସବ ରେ ଫୁଲବାଣୀ ବିଧାୟକ ଉମା ଚରଣ ମଲ୍ଲିକ, ମୁଖ୍ୟବକ୍ତା କଳିଙ୍ଗ ପେଶାଦାର ସାମ୍ବାଦିକ ସଂଘର ରାଜ୍ୟ ସଧାରଣ ସମ୍ପାଦକ ରାଜକିଶୋର ସ୍ୱାଇଁ ଙ୍କ ସମେତ ବହୁ ବରିଷ୍ଠ ପଦାଧିକାରୀ ସାମ୍ବାଦିକ ଯୋଗଦାନ କରିଥିଲେ । ଏଥିରେ ସାମ୍ବାଦିକ ମାନଙ୍କର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା । ଖବର ପ୍ରସାରଣ ସମୟରେ ସାମ୍ବାଦିକ ମାନେ ସଠିକ ଖବର ପ୍ରସାରଣ ଉପରେ ଗୁରୁତ୍ୱ ପ୍ରଦାନ କରାଯିବାସହ ଆଗାମୀ ଦିନରେ ସାମ୍ବାଦିକ କର୍ମଶାଳା ଉପରେ ପ୍ରାଧାନ୍ୟ ଦିଆଯାଇଥିଲା । ଏହି ଅବସରରେ ରାଜ୍ୟର ବିଭିନ୍ନ ଜିଲ୍ଲା ସାମ୍ବାଦିକ ସଙ୍ଘ ସଭାପତି ମାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିବାବେଳେ ମୟୁରଭଞ୍ଜ ଜିଲ୍ଲା ସାମ୍ବାଦିକ ସଙ୍ଘ ସଭାପତି ଅରୁଣ କୁମାର ଓତାଙ୍କୁ ମୋମେଣ୍ଟ, ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । ଜିଲ୍ଲା ରୁ ସଭାପତିଙ୍କ ସମେତ ୯ ଜଣ ବରିଷ୍ଠ ସାମ୍ବାଦିକ ଏହି କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ ।

# ରୁପ୍‌ସା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର (ସିଏଚସି) ଠାରେ ରୋଗୀ କଲ୍ୟାଣ ସମିତି ପ୍ରଶାସନିକ ପରିଚାଳନାର ସମୀକ୍ଷା କଲେ ସଦର ବିଧାୟକ ମାନସ କୁମାର ଦତ୍ତ



ବାଲେଶ୍ୱର, ୧୫/୭ (ନି.ପ୍ର): ବାଲେଶ୍ୱର ସଦର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ରୁପସା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର (ସିଏଚସି) ଠାରେ ରୋଗୀ କଲ୍ୟାଣ ସମିତିର ପ୍ରଶାସନିକ ପରିଚାଳନା ଗତ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସଦର ବିଧାୟକ ମାନସ କୁମାର ଦତ୍ତ ଯୋଗଦେଇ ସ୍ୱାସ୍ଥ୍ୟ କେନ୍ଦ୍ରରେ ଉପଲବଧ ସ୍ୱାସ୍ଥ୍ୟ ସେବା ଓ ଅତ୍ୟାଧୁନିକ ସ୍ୱାସ୍ଥ୍ୟ ଉପକରଣ ତଥା ଡାକ୍ତରଙ୍କ ଉପସ୍ଥିତି ସମ୍ପର୍କରେ ଆଲୋଚନା ମଧ୍ୟମରେ ତଥ୍ୟ ନେଇଥିଲେ । ବିଶେଷ କରି ଚିକିତ୍ସାଧୀନ ରୋଗୀଙ୍କୁ ମିଳୁଥିବା ସେବା ତଥା ସୁବିଧା ସୁଯୋଗ, ଡାକ୍ତରଖାନାରୁ ଔଷଧ ପାଇବାରେ ସହଜତା, ନିଦାନ ବ୍ୟବସ୍ଥା ପ୍ରଭୃତି ସମ୍ପର୍କରେ ଶ୍ରୀ ଦତ୍ତ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ପଚାରିଥିଲେ । ତେବେ ଚିକିତ୍ସାଳୟର ସ୍ୱଚ୍ଛତା ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ଏହା ସହିତ ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ଏହା ଅଧିନରେ କାର୍ଯ୍ୟକ୍ଷମ ଉପକେନ୍ଦ୍ରଗୁଡିକରେ ଆବଶ୍ୟକ ଥିବା ଅଧିକ ବ୍ୟବସ୍ଥା ସମ୍ପର୍କରେ ଲିଖିତ ଭାବେ ଜଣାଇବାକୁ ଚିକିତ୍ସାଳୟ ଦାୟିତ୍ୱରେ ଥିବା ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ । ତେବେ ପ୍ରତ୍ୟେକ ସ୍ୱାସ୍ଥ୍ୟ କେନ୍ଦ୍ରରେ ରୋଗୀମାନଙ୍କୁ ଆବଶ୍ୟକୀୟ ଚିକିତ୍ସା ସେବା ଯୋଗାଇ ଦେବା ସହିତ ଉତ୍ତମ ବ୍ୟବହାର ପ୍ରଦର୍ଶନ ପାଇଁ ସେ ସମସ୍ତଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଅନ୍ୟ ପକ୍ଷରେ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନାରେ ହିତାଧିକାରୀଙ୍କୁ ଉତ୍ତମ ଓ ସୁନିଶ୍ଚିତ ଚିକିତ୍ସା ସେବା ପ୍ରଦାନର ବ୍ୟବସ୍ଥା କରିବାକୁ ଶ୍ରୀ ଦତ୍ତ ପରାମର୍ଶ ଦେଇଥିଲେ । ସଦର ବ୍ଲକ ଅଧ୍ୟକ୍ଷା ସୁନୀତା ବେହେରା ଓ ସଦର ବ୍ଲକର ଅତିରିକ୍ତ ବିଡ଼ିଓ ଏହି ବୈଠକରେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ରୁପସା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଅଧିକ୍ଷକ ଡାକ୍ତର ଓ ଜାତୀୟ ସ୍ୱାସ୍ଥ୍ୟ ମିଶନ ବ୍ଲକ ପ୍ରୋଗାମ ମ୍ୟାନେଜରଙ୍କ ସମେତ ରୋଗୀ କଲ୍ୟାଣ ସମିତି ସଭ୍ୟ ବୃନ୍ଦ ଓ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ଅଧିକାରୀମାନେ ଏହି ବୈଠକରେ ଉପସ୍ଥିତ ଥିଲେ ।

# ନୀଳଗିରି ମାଟିର ପୁଅ ହିନ୍ଦି ଚଳଚିତ୍ର ନୀର୍ମାଣକରି ପୁରସ୍କୃତ

ନୀଳଗିରି, ୧୫/୭ (ନି.ପ୍ର): ନୀଳଗିରି ମାଟିର ପୁଅ ହିନ୍ଦୀ କ୍ଷୁଦ୍ର ଚଳଚ୍ଚିତ୍ର ନିର୍ମାଣକରି ବାଙ୍ଗାଲୋର ଆନ୍ତର୍ଜାତିକ ସର୍ଟ ଫିଲ୍ମ ଫେଷ୍ଟିଭାଲ ରେ ସମ୍ମାନିତ ହୋଇଛନ୍ତି। ଗତ ୧୩/୦୭ ରିଖ ଭୁବନେଶ୍ୱରରେ ଅନୁଷ୍ଠିତ ଓଲିଉଡ ଇଣ୍ଟରନେସନାଲ ଫିଲ୍ମ ଫେଷ୍ଟିଭାଲରେ ଶ୍ରେଷ୍ଠ କ୍ଷୁଦ୍ର ଚଳଚ୍ଚିତ୍ର (ହିନ୍ଦୀ) ରେ ପୁରସ୍କୃତ ହୋଇଛନ୍ତି। ନୀଳଗିରି ଥାନା ଅନ୍ତର୍ଗତ କାନପୁର ସନ୍ତରାଗଡିଆ ଅଞ୍ଚଳର ଯୁବ ଆଇ.ଟି ଇଞ୍ଜିନିୟର ଶୁଭକଲ୍ୟାଣ ପଟ୍ଟନାୟକ ଯିଏ କି ବାଙ୍ଗାଲୋରର ଏକ ପ୍ରତିଷ୍ଠିତ ଏମ୍.ଏନ୍.ସି କମ୍ପାନୀରେ ଚାକିରି କରନ୍ତି ଦେ ଅନେକ କ୍ଷୁଦ୍ରଚଳଚ୍ଚିତ୍ର ନିର୍ମାଣକରି ସୁନାମ ଅର୍ଜନ କରିଛନ୍ତି। ତାଙ୍କର କେତେକ ଚଳଚ୍ଚିତ୍ର ପୁରସ୍କୃତ ହୋଇଥିବା ସ୍ଥଳେ ନିକଟରେ ରିଲିଜ୍ ହୋଇଥିବା ଇକୋଜ ଅଫ୍ ସାଇଲେନ୍ସ କ୍ଷୁଦ୍ର ଚଳଚ୍ଚିତ୍ର ଓଲିଉଡ ଆନ୍ତର୍ଜାତିକ ଚଳଚ୍ଚିତ୍ର ଉତ୍ସବରେ ହିନ୍ଦୀଭାଷାରେ ଶ୍ରେଷ୍ଠ ଚଳଚ୍ଚିତ୍ର ଭାବେ ପୁରସ୍କୃତ ହୋଇଛି। ଇଣ୍ଡିଆନ ଫିଲ୍ମ ମେକର୍ସ ଆସୋସିଏସନ୍ ଦ୍ୱାରା ଆୟୋଜିତ ଉକ୍ତ ଉତ୍ସବକୁ ମାନ୍ୟବର ବିଧାୟକ ଶ୍ରୀ ବାବୁ ସିଂ ଉଦଘାଟନ କରିଥିଲେ। ଭାରତର ଅନେକ ଭାଷାରେ ଚଳଚ୍ଚିତ୍ର ଏଥିରେ ପ୍ରଦର୍ଶିତ ହୋଇଥିଲା। ଭୁବନେଶ୍ୱର ଜୟଦେବ ଭବନ ଠାରେ ଅନୁଷ୍ଠିତ ଏହି ଉତ୍ସବରେ ଅନେକ ନାମୀଦାମୀ ଚଳଚ୍ଚିତ୍ର ନିର୍ମାତା, ଅଭିନେତା, ଅଭିନେତ୍ରୀ ଓ ବିଶିଷ୍ଟ ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ ଓ ଉକ୍ତ ଚଳଚ୍ଚିତ୍ରକୁ ବହୁ ପ୍ରଶଂସା କରିଥିଲେ।

# ରଥଯାତ୍ରା ପାଇଁ ମାଗଣା ଅଟୋ: ବସରେ ଲାଗିବ ରେଟ୍ ଚାର୍ଟ

ଭୁବନେଶ୍ୱର, ୧୫/୭ (ନି.ପ୍ର): ଚଳିତ ବର୍ଷ ରଥଯାତ୍ରାରେ ଯେଉଁ ଯାତ୍ରୀମାନେ ଷ୍ଟାଲିନ୍ ଛକ, ମାଳତିପାଟପୁର ଓ ତାଳବଣିଆରୁ ଆସିବେ ତାଙ୍କୁ ଅଟୋରେ ଶୁଳ୍କ ମୁକ୍ତ କୌଣସି ଭଡ଼ା ନିଆଯିବନି ବୋଲି ସୂଚନା ଦେଇଛନ୍ତି ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା। ଯାତ୍ରୀଙ୍କ ପାଇଁ ମାଗଣାରେ ଖାଦ୍ୟ ଯୋଗାଇବାର ବ୍ୟବସ୍ଥା କରାଯାଇଛି। ରଥଯାତ୍ରାରେ ଯାତ୍ରୀମାନେ ଯେମିତି ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି ସେଥିପାଇଁ ବସ୍ ରେ ରେଟ୍ ଚାର୍ଟ ଲାଗିବ ଯିଏ ଧାର୍ଯ୍ୟ ରେଟ ଚାର୍ଟଠୁ ଅଧିକ ଭଡ଼ା ନେବେ ତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ମନ୍ତ୍ରୀ କହିଛନ୍ତି।

ଗୁରୁବାର, ଜୁଲାଇ ୧୬, ୨୦୨୬

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

## ତ୍ରିକୋଣୀୟ ପ୍ରେମ ପାଇଁ ଝୁଲି ପଡ଼ିଲେ ଯୁବତୀ

ଭୁବନେଶ୍ୱର, ୧୫/୭ (ନି.ପ୍ର): ତ୍ରିକୋଣୀୟ ପ୍ରେମ ପାଇଁ ଝୁଲି ପଡ଼ିଲେ ଯୁବତୀ । ଏକା ସାଙ୍ଗରେ ୨ ଜଣ ଯୁବକଙ୍କୁ ପ୍ରେମ କରି ଧରା ପଡ଼ିଯିବା ପରେ ଜୀବନ ହାରିଲେ ନର୍ସ । ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ଘଟିଛି ଘଟଣା । ପଟିଆ ଅଞ୍ଚଳରେ ଥିବା ଏକ ଘରୋଇ ହସ୍ପିଟାଲରେ ଷ୍ଟାଫ ନର୍ସ ଭାବେ କାମ କରୁଥିବା ଜଣେ ଯୁବତୀ ଡମଣା ଛକରେ ରହୁଥିବା ଭଡ଼ାଘରେ ଜୀବନ ହାରିଛନ୍ତି । ଫ୍ୟାନରେ ଝୁଲି ଜୀବନ ହାରିଥିବା ଜଣା ପଡ଼ିଛି । ଖବର ପାଇ ଘଟଣା ସ୍ଥଳରେ ପୋଲିସ ପହଞ୍ଚି ମୃତ ଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଛି । ଏ ନେଇ ଚନ୍ଦ୍ରଶେଖରପୁର ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ପୋଲିସ ତଦନ୍ତ ଆରମ୍ଭ କରିଛି ।


# ରଥପୂର୍ବରୁ କାର୍ଯ୍ୟକାରୀ ହେଲାନି ମାଟିତଳ ବିଦ୍ୟୁତ୍ କେବୁଲ୍: ଭିଜିଲାନ୍ସ ତଦନ୍ତ ଦାବିକଲେ ଚିତ୍ତ ଷଡ଼ଙ୍ଗୀ




ନୀଳଗିରି , ୧୫/୭ (ନି.ପ୍ର): ଜଗନ୍ନାଥଧାମ ପୁରୀର ପବିତ୍ର ରଥଯାତ୍ରାକୁ ସୁବ୍ୟବସ୍ଥିତ କରିବାପାଇଁ ଏବଂ ସହରବାସୀଙ୍କ ସହିତ ଲକ୍ଷଲକ୍ଷ ଯାତ୍ରୀ ଓ ଶ୍ରଦ୍ଧାଳୁଙ୍କୁ ୨୪/୭ବିଦ୍ୟୁତସେବା ଯୋଗାଇ ଦେବାକୁ ରାଜ୍ୟସରକାର ପୁରୀବଡଦାଣ୍ଡ ଏବଂ ସହରରେ ମାଟିତଳେ ଇଲେକ୍ଟ୍ରୀ କେବୁଲ ସଂଯୋଗକରି ଅନବରତ ସେବାଯୋଗାଇ ଆସୁଛନ୍ତି। ଅନୁରୂପ ଭାବେ ତୃତୀୟ ଶ୍ରୀକ୍ଷେତ୍ର ନୀଳଗିରି ରଥଦାଣ୍ଡରେ ନିରବିଚ୍ଛିନ୍ନ ବିଦ୍ୟୁତ୍ ସେବାପାଇଁ ସ୍ଥାନୀୟ ସାଂସଦ ଓ ବିଧାୟକଙ୍କ ପ୍ରଚେଷ୍ଟାରେ ଏକବର୍ଷ ପୂର୍ବେ ମାଟିତଳେ ବିଦ୍ୟୁତିକରଣ କାମହୋଇ ଚଳିତ ରଥଯାତ୍ରା ପୂର୍ବରୁ କାର୍ଯ୍ୟକ୍ଷମ ହେବାର ଥିଲା। ଯାହା ସମ୍ପୂର୍ଣ୍ଣହୋଇ ଏହି ବାବଦକୁ ବିଲପୈଠ ହୋଇଥିବା ପୂର୍ବତନ ବିଧାୟକ ଚିତ୍ତରଞ୍ଜନ ଷଡ଼ଙ୍ଗୀ ଆଜି ଅପରାହ୍ନ ୩.୩୦ସମୟରେ ନୀଳଗିରି ସେନାପତି ପ୍ରେସ ଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ଉଲ୍ଲେଖ କରିଛନ୍ତି। ମାଟିତଳେ କେବୁଲ ଲାଇନ୍ କାର୍ଯ୍ୟକ୍ଷମ ହେବାପରିବର୍ତ୍ତେ ବିଭାଗ ମାଟିଉପରେ ଏଲେକ୍ଟ୍ରି ଖୁଣ୍ଟପୋତି କରେଣ୍ଟ ଦିଆଯାଇଥିବା ଦେଖିବାକୁ ମିଳିଛି। ଯାହାଫଳରେ ଅଣ୍ଡରଗ୍ରାଉଣ୍ଡ କେବୁଲ ବିଛାଇବା ବାବଦରେ ୮କୋଟିରୁ ଉର୍ଦ୍ଧ୍ୱଟଙ୍କା ରାଜସ୍ୱ ହରିଲୁଟ୍ ହୋଇଥିବା ଅଭିଯୋଗ ଆଣି ଭିଜିଲାନ୍ସ ତଦନ୍ତ ଦାବୀକରିଛନ୍ତି ପୂର୍ବତନ ବିଧାୟକ ଚିତ୍ତରଞ୍ଜନ ଷଡ଼ଙ୍ଗୀ। ଏହାବାଦ ପୂର୍ବ ସରକାର ଭଳି ବର୍ତ୍ତମାନର ସରକାର ଦିଲ୍ଲୀରୁ 'ମାର୍ବଲ ଏଣ୍ଟରପ୍ରାଇଜର୍ସ' ନାମକ ଠିକାସଂସ୍ଥାକୁ ଏହି ଅଣ୍ଡରଗ୍ରାଉଣ୍ଡ କେବୁଲ ସଂଯୋଗପାଇଁ କାର୍ଯ୍ୟାଦେଶ ଦିଆଯାଇଥିବାରୁ ଓଡ଼ିଆ ଠିକାଦାରଙ୍କୁ ଉପହାସ କରାଯାଇଥିବା ଅଭିଯୋଗ ଆଣିଛନ୍ତି। ସବୁଠୁଁ ଗୁରୁତ୍ୱପୂର୍ଣ୍ଣ କଥା ଉପରୋକ୍ତ ଠିକାସଂସ୍ଥା ମାଟିଉପରେ ମଧ୍ୟ ଖୁଣ୍ଟ ପୋତୁଥିବାରୁ ଏଥିରେ ଘୋଟାଲା ହୋଇଥାଇପାରେ ବୋଲି ଅଭିଯୋଗ ଆଣି ଏହାର ଉଚ୍ଚସ୍ତରୀୟ ତଦନ୍ତ ସହ ଭିଜିଲାନସ୍ ତଦନ୍ତ ଦାବୀକରି ମୁଖ୍ୟମନ୍ତ୍ରୀଙ୍କୁ ଚିଠି କରିଛନ୍ତି। ଏଥିସହିତ ବିଭାଗୀୟ ମନ୍ତ୍ରୀ, ମୁଖ୍ୟଶାସନ ସଚିବ, ଭିଜିଲାନସ୍ ଡି.ଜି, ବାଲେଶ୍ୱର ଜିଲ୍ଲାପାଳ, ଏସ. ପି ଭିଜିଲାନ୍ସଙ୍କୁ ଅବଗତ କରାଇଥିବା ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି।

## ଜଳକା ନଦୀ ଜଳସ୍ତର: ଭୟଭୀତ ଅବସ୍ଥାରେ ତଳିଆ ଅଞ୍ଚଳବାସୀ


ବସ୍ତା , ୧୫/୭ (ନି.ପ୍ର): ମଥାନୀଠାରେ ସତର୍କ ସଂକେତ ଉପରେ ଜଳକା ଜଳସ୍ତର। ୩/୪ ଦିନ ଧରି ଉପର ମୁଣ୍ଡରେ ଲଘୁଚାପ ଜନିତ ପ୍ରବଳ ବର୍ଷା ଲାଗି ରହିଥିବାରୁ ଜଳକା ନଦୀରେ ବନ୍ୟା ଦେଖା ଦେଇଛି। ବାଲେଶ୍ୱର ଜିଲ୍ଲା, ବସ୍ତା ବ୍ଲକର ମଥାନୀ ଠାରେ ଜଳକା ନଦୀର ସତର୍କ ସୂଚନା ୬.୦୦ ମିଟର ଥିବା ବେଳେ ବିପଦ ସଙ୍କେତ ୬.୫୦ ମିଟର ରହିଛି। ବୁଧୁବାର ସନ୍ଧ୍ୟା୬ ଘଟିକା ସୁଦ୍ଧା ୬.୪୨ ମିଟର ଉପରେ ପ୍ରଭାବିତ ହେଉଛି ବନ୍ୟା ପାଣି। ସୂଚନା ଥାଉ କି ଯେ, ଗତ ୩/୪ ଦିନ ଧରି ଉପର ଉପର ମୁଣ୍ଡରେ ଲଘୁଚାପ ଜନିତ ଲଗାଣ ବର୍ଷା ଲାଗି ରହିଥିବାରୁ ମୟୂରଭଞ୍ଜ ଜିଲ୍ଲାର ଶୁଳିଆପଦା, ମୋରଡା, ଚିତ୍ରଡା, ରାସଗୋବିନଦପୁର ଅଞ୍ଚଳରେ ପ୍ରବଳ ବର୍ଷା ଲାଗିରହିଥିବାରୁ ଜଳକା ନଦୀରେ ବନ୍ୟା ପରିସ୍ଥିତି ସୃଷ୍ଟି ହେବା ଆଶଙ୍କା ଦେଖା ଦେଇଛି। ଫଳରେ ତଳିଆ ଅଞ୍ଚଳର ଲୋକ ମାନେ ଦୁର୍ବଳ ନଦୀବନ୍ଧ ପାଇଁ ଭୟଭୀତ ଅବସ୍ଥାରେ ଥିବା ବେଳେ ଧାନ ତଳି ଜଳମଗ୍ନ ହୋଇଯାଇଥିବାରୁ ତଳି ନଷ୍ଟ ହେବାର ଆଶଙ୍କା ଦେଖାଦେଇଛି । ନିଉଜ ଲେଖବା ପର୍ଯ୍ୟନ୍ତ ମଥାନୀ ଠାରେ ଜଳସ୍ତର ଧୀରେ ଧୀରେ କମୁଥିବା ବିଭାଗୀୟ ଅଧିକାରୀ ପ୍ରକାଶ କରିଛନ୍ତି।




## ଜଳେଶ୍ୱର ପୌରପାଳିକାରେ ଭୀମଭୋଇ ସାମର୍ଥ୍ୟ ଅଭିଯାନ

ଜଳେଶ୍ୱର, ୧୫/୭ (ନି.ପ୍ର): ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତି କରଣ ବିଭାଗ, ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ, ବାଲେଶ୍ୱରଙ୍କ ସହଯୋଗରେ ଜଳେଶ୍ୱର ପୌରପାର୍ଳିକା ଆୟୋଜନରେ ଭୀମଭୋଇ ସାମର୍ଥ୍ୟ ଅଭିଯାନ ଅନୁଷ୍ଠିତ ହୋଇଯାଇଛି ।ଏହି ଶିବିରରେ ପୌରପାଳିକାର ଅଧକ୍ଷ ପ୍ରତୀପ କୁମାର ପ୍ରଧାନ, କାର୍ଯ୍ୟନିର୍ବାହୀ ଅଧିକାରୀ ହେମନ୍ତ ସିଂ, ପୌରପାର୍ଳିକାରର ଉପାଧକ୍ଷା ପୁଷ୍ପପ୍ରୀୟା କାମିଳା, ଜୁନିଅର ଏସିଷ୍ଟେଣ୍ଡ କିଶୋର ଚନ୍ଦ୍ର ଚମ୍ପତ୍ତି, କମ୍ୟୁନିଟୀ ଅର୍ଗାନାଇଜର ମୋନାଲିସା ମିଶ୍ରଙ୍କ ସହ ସମସ୍ତ କାଉନ୍ସିଲର୍ ସମସ୍ତ ବିଭାଗର ଅଧିକାରୀ ମାନେ ଉପସ୍ଥିତ ଥିଲେ। ଅସ୍ଥିଶଲ୍ୟ, ରକ୍ତ ହୀନତା, ସ୍ନାୟୁ ଆଘାତ, ଦୃଷ୍ଟିବାଧିତ, ମାନସିକ ଅଗ୍ରସର, ବିଭାଗର ଡ଼ାକ୍ତର ମାନେ ଉପସ୍ଥିତ ରହି ପରୀକ୍ଷା ନିରୀକ୍ଷା କରି ଚିହ୍ନଟ କରିଥିଲେ। ଏହି ଶିବିରରେ ଅସ୍ଥିଶଲ୍ୟ, ରକ୍ତ ହୀନତା, ସ୍ନାୟୁ ଆଘାତ ବିଭାଗ ପକ୍ଷରୁ-୬୫, ଦୃଷ୍ଟିବାଧିତ ବିଭାଗପକ୍ଷରୁ ୧୯, ମାନସିକ ଅଗ୍ରସର ପକ୍ଷରୁ ୧୬ ଜଣ ମୋଟ ୧୦୯ ଜଣ ଏହି ସବୁ ବିଭାଗରେ ପଞ୍ଜିକରଣ କରି ଡ଼ାକ୍ତର ମାନଙ୍କ ଠାରୁ ପରୀକ୍ଷା କରେଇ ଥିଲେ ।ଜଳେଶ୍ୱର ବ୍ଲକ ର ସମସ୍ତ ବିଭାଗର ଅଧିକାରୀ ମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।

10001/365/2627



''ବିଶ୍ୱ ଭ୍ରାତୃତ୍ୱ ଓ ସର୍ବ ଧର୍ମ ସମନ୍ୱୟର ପ୍ରତୀକ ପବିତ୍ର ଘୋଷ ଯାତ୍ରା ଅବସରରେ
ସୁସ୍ଥ ଓଡ଼ିଶା ଓ ବିକଶିତ ଓଡ଼ିଶା ପାଇଁ ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା''

ରଥଯାତ୍ରା-୨୦୨୬

ଜନସାଧାରଣଙ୍କ ପାଇଁ ସ୍ୱାସ୍ଥ୍ୟ ମାର୍ଗଦର୍ଶିକା

- ବିଶୁଦ୍ଧ ପାଣି ପିଅନ୍ତୁ ଏବଂ ଖାଇବା ପୂର୍ବରୁ ହାତ ଭଲଭାବେ ଧୁଅନ୍ତୁ
- ଖୋଲା ବିକ୍ରି ହେଉଥିବା ଖାଦ୍ୟ, କୃତ୍ରିମ ରଙ୍ଗ ଦିଆ ଖାଦ୍ୟ, ବାସି ଓ ଦୁର୍ଗନ୍ଧ ଯୁକ୍ତ ଖାଦ୍ୟ, ମାଛି ବସୁଥିବା ଖାଦ୍ୟ କିମ୍ବା ପଚାସଢ଼ା ଫଳ ଓ ପନିପରିବା ଖାଆନ୍ତୁ ନାହିଁ
- ଅଂଶୁଘାତରୁ ରକ୍ଷା ପାଇବାକୁ ମୁଣ୍ଡରେ ଧଳା ଟୋପି କିମ୍ବା ଓଦା କପଡ଼ା ବ୍ୟବହାର କରନ୍ତୁ ଏବଂ ଓ.ଆର୍.ଏସ୍. ପିଅନ୍ତୁ
- ସମୁଦ୍ର ସ୍ନାନ ସମୟରେ କୌଣସି ଅଘଟଣ ଏଡ଼ାଇବା ପାଇଁ ସୁରକ୍ଷାକର୍ମୀଙ୍କ ପରାମର୍ଶ ମାନନ୍ତୁ ଏବଂ ସତର୍କ ରୁହନ୍ତୁ
- ରାତ୍ରି ରହଣି କରୁଥିଲେ ମଶାରି/ ମଶାନିବାରକ ବ୍ୟବହାର କରନ୍ତୁ
- ବୟସ୍କ/ ଭିନ୍ନକ୍ଷମ ବ୍ୟକ୍ତି ଓ ପିଲାମାନଙ୍କୁ ଭିଡ଼ ଠାରୁ ଦୂରେଇ ରଖନ୍ତୁ
- ଅସୁସ୍ଥ ଅନୁଭବ କଲେ ନିକଟସ୍ଥ ଆଶୁ ଚିକିତ୍ସା କେନ୍ଦ୍ରରେ ତୁରନ୍ତ ପରାମର୍ଶ କରନ୍ତୁ

ସର୍ଦ୍ଦି, ଜ୍ୱର, କାଶ କିମ୍ବା ଫ୍ଲୁ ଭଳି ଲକ୍ଷଣ ଥିବା ବ୍ୟକ୍ତି
ଜନଗହଳି ସ୍ଥାନକୁ ଯାଆନ୍ତୁ ନାହିଁ

ଜରୁରୀ ଫୋନ୍ ନମ୍ବର :
ପୁରୀ ହସ୍ପିଟାଲ କଣ୍ଟ୍ରୋଲ ରୁମ୍ : ୦୬୭୫୨-୨୨୨୧୭୫
ରାଜ୍ୟ ସ୍ୱାସ୍ଥ୍ୟସେବା ହେଲ୍ପ ଲାଇନ୍ : ୧୦୪, ଆମ୍ବୁଲାନ୍ସ : ୧୦୮

OIPR: 10001/10003/2/26-27/0039

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର
facebook.com/HFWOdisha
http://www.health.odisha.gov.in/
@HFWOdisha




❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida